୬ ମୁମ୍ବାଇ ଇଣ୍ଡିଆନ୍ସକୁ ଲାଗିପାରେ ଶକ୍ତ ଝଟ୍କା: ୩ ଖେଳାଳି ଛାଡିପାରନ୍ତି ଦଳ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା | 8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୧୭୫ ● ୨୨ ଜୁଲାଇ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-175 ● 22nd July 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


## ଆଜିଠୁ ବିଧାନସଭା ବଜେଟ୍ ଅଧିବେଶନ

# ନୂଆ ସରକାର ପାଇଁ ଅନେକ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି ସପ୍ତଦଶ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ। ପ୍ରଥମ ଦିନରେ ରାଜ୍ୟପାଳ ରଘୁବର ଦାସ, ଅଭିଭାଷଣ ପ୍ରଦାନ କରିବେ। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନବଗଠିତ ବିଜେପି ସରକାରଙ୍କ ପ୍ରଥମ ବଜେଟ୍ ଅଧିବେଶନ ହୋଇଥିବାରୁ ବିରୋଧୀ ଦଳ ପକ୍ଷରୁ ସରକାରଙ୍କୁ ଘେରିବା ପାଇଁ ସମସ୍ତ ରଣନୀତି ପ୍ରସ୍ତୁତ କରାଯାଇଛି। ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ବିଧାୟକ ଦଳ ବୈଠକରେ ନୂଆ ସରକାରଙ୍କୁ ରାଜ୍ୟ ସ୍ୱାର୍ଥ ଜଡିତ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ରଣନୀତି ମଧ୍ୟ ପ୍ରସ୍ତୁତ ହୋଇଛି। ସେ ଦୃଷ୍ଟିରୁ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସରକାର ଏହି ଅଧିବେଶନ କାଳରେ ଅନେକ



ଚ୍ୟାଲେଞ୍ଜର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଅନ୍ୟତମ ବିରୋଧୀ ଦଳ କଂଗ୍ରେସ ବିଧାୟକ ଦଳ ବୈଠକ ସୋମବାର ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି।

ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନ କାଳରେ ମୋଟ ୨୭ଟି କାର୍ଯ୍ୟଦିବସ ରଖାଯାଇଛି। ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୫ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଏହା ପୂର୍ବରୁ ଅର୍ଥାତ୍ ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ଏହି ଅଧିବେଶନ କାଳରେ କେତୋଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ଆଗତ ହେବାର ସୂଚନା ମିଳିଛି।

ବିଧାନସଭାର ବଜେଟ୍ ଅଧିବେଶନ କାଳରେ ବିରୋଧୀ ଦଳ ପକ୍ଷରୁ ଯେଉଁ ସବୁ ପ୍ରସଙ୍ଗ ଉତ୍ଥାପନ କରାଯିବ ତାହାର ଜବାବ ଦେବା ପାଇଁ ଶାସକ ଦଳ ବିଜେପି ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଜେପି ବିଧାୟକ ଦଳ ବୈଠକରେ ଏହି ରଣନୀତି ଚୂଡ଼ାନ୍ତ ହୋଇଛି। ନୂଆ ସରକାରଙ୍କ ୩୮ ଦିନର କାର୍ଯ୍ୟକ୍ରମ ସହିତ ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁସାରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ଅଧିବେଶନକାଳରେ ଗୃହକୁ ଅବଗତ କରାଯିବ। ଏହା ସହିତ ଚାଷୀଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ଦର କ୍ୱିଣ୍ଟାଲ ପିଛା ୩୧୦୦ ଶହ ଟଙ୍କା ପ୍ରଦାନ, ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କ ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା, ବିଭିନ୍ନ (ପୃଷ୍ଠା ୭ରେ)

## ବଜେଟ ଅଧିବେଶନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିଜି

# ମୁତୟନ ହେବେ ୩୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ସୋମବାର ଠାରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ । ଦୁଇଟି ପର୍ଯ୍ୟାୟରେ ଏହି ଅଧିବେଶନ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ଧାର୍ଯ୍ୟ ହୋଇଥିବା ବେଳେ ଆସନ୍ତା ୨୫ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଉପସ୍ଥାପନ ହେବ। ମୋହନ ଚରଣ ମାଝୀ ସରକାରଙ୍କର ଏହା ପ୍ରଥମ ବିଧାନସଭା ଅଧିବେଶନ।

ତେବେ ଏହି ଅଧିବେଶନ ପୂର୍ବରୁ ରବିବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ଡିଜିପି ଅରୁଣ ଷଡଙ୍ଗୀ। ଡିଜିପିଙ୍କ ସହ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁଲିସ କମିଶନର ସଞ୍ଜୀବ ପଣ୍ଡା, ଗୁଇନ୍ଦା ବିଭାଗ ଆଇଜି ଅନୁପ ସାହୁ, ଡିସିପି ପ୍ରତୀକ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଏହି ଅଧିବେଶନ ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ



କରାଯାଇଛି। ୩ ଥାକିଆ ସୁରକ୍ଷା ବଳୟ ସହ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୁଲିସ ଛାଉଣି କରାଯିବ।

ବଜେଟ ଅଧିବେଶନ ସମୟରେ ବିଧାନସଭାର ସୁରକ୍ଷା ବ୍ୟବସ୍ଥା ପାଇଁ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏସ୍‌ଓଜି, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, କ୍ୟୁଏଟି, ଡଗ ସ୍କ୍ୱାଡ, ଅଗ୍ନିଶମ ବିଭାଗ ଆଦି ସବୁ ଦିଗ ଉପରେ ତୀକ୍ଷ୍ଣ ନଜର ରଖିବେ । ବିଧାନସଭାଠାରୁ ଆରମ୍ଭ କରି ଲୋୟର ପିଏମ୍‌ଜି, ରବୀନ୍ଦ୍ର ମଣ୍ଡପ ଛକ ଓ ସଂଲଗ୍ନ ରାସ୍ତାରେ ସିସିଟିଭି ଖଞ୍ଜା ଯାଇଛି। ଆନ୍ଦୋଳନକାରୀଙ୍କଠାରୁ ଆରମ୍ଭ କରି ସନ୍ଦିଗ୍ଧ, ସମସ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ। ସୁରକ୍ଷାକୁ ଅଧିକ କଡାକଡି କରିବା ପାଇଁ ବିଧାନସଭା ଗେଟ୍, ରବୀନ୍ଦ୍ର ମଣ୍ଡପ ଗେଟ୍, ଲୋୟର ପିଏମ୍‌ଜି ଆଦି ୫ଟି ସ୍ଥାନରେ ୫ଟି ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ଏହା ସହ ଡିସିପିଙ୍କ ନେତୃତ୍ୱରେ ୬ ଜଣ ଅତିରିକ୍ତ ଡିସିପି, ୧୯ ଜଣ ଏସିପି, ୨୪ ଇନ୍ସପେକ୍ଟର, ୮୫ ଜଣ ସବ୍-ଇନ୍ସପେକ୍ଟର (ପୃଷ୍ଠା ୭ରେ)

## ବଦଳିବନି ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର



ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ ବିଷୟରେ ଗଣମାଧ୍ୟମରୁ ସୂଚନା ପାଇଲି । ନାମ ପରିବର୍ତ୍ତନ ନେଇ କୌଣସି ବିଧିବଦ୍ଧ ନିଷ୍ପତ୍ତି ହୋଇନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ସେ (ପୃଷ୍ଠା ୭ରେ)

## ସର୍ବଦଳୀୟ ବୈଠକ

# ବିଧାନସଭା ଅଧିବେଶନ ସୁରୁଖୁରୁରେ ଚାଲିବା ନେଇ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି



ଭୁବନେଶ୍ୱର, ୨୧।୭ : ନ୍ୟୁଜ୍ ବ୍ୟୁରୋ

ସୋମବାର ଠାରୁ ଆରମ୍ଭ ହେଉଥିବା ବିଧାନସଭା ବଜେଟ୍ ଅଧିବେଶନ ପୂର୍ବରୁ ରବିବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ଅଧିବେଶନ କିପରି ସୁରୁଖୁରରେ ଚାଲିବ ସେ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ଅଧିବେଶନକୁ ସୁରୁଖୁରୁରେ (ପୃଷ୍ଠା ୭ରେ)

# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ ଭଙ୍ଗ କଲା ଏଆଇସିସି

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ ଭଙ୍ଗ କରିଛି ଏଆଇସିସି । କଂଗ୍ରେସ ସଭାପତିଙ୍କ ଅନୁମୋଦନ କ୍ରମେ ସବୁ କମିଟି ଭଙ୍ଗ କରାଯାଇଛି । ପିସିସି ଓ କାର୍ଯ୍ୟକାରୀ କମିଟିକୁ ଭାଙ୍ଗି ଦିଆଯାଇଛି । ପିସିସି ସଭାପତିଙ୍କ ସମେତ ସମସ୍ତ ପଦାଧିକାରୀ ପଦବୀରୁ ହଟିଛନ୍ତି । ଏଥିସହ ଜିଲ୍ଲା, ବ୍ଲକ ଓ ମଣ୍ଡଳସ୍ତରୀୟ ଓଡ଼ିଶା ପ୍ରଦେଶ କମିଟି ଭାଙ୍ଗିବା ପରେ କିଏ ହେବେ ନୂଆ ପିସିସି ସଭାପତି ଏବଂ ଶରତ ପଟ୍ଟନାୟକଙ୍କ ସ୍ଥାନରେ କାହାକୁ ନୂଆ ସଭାପତି କରାଯିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ରେସରେ ରହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା ଭକ୍ତ ଚରଣ ଦାସ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ। (ପୃଷ୍ଠା ୭ରେ)

## କଂଗ୍ରେସ ବିଧାୟକ ଦଳର ନେତା ହେଲେ ରାମ ଚନ୍ଦ୍ର କାଡାମ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ ସଭାପତି ଓଡିଶା ବିଧାନସଭାରେ କଂଗ୍ରେସ ବିଧାୟକ ଦଳର ନେତା ଭାବେ ରାମଚନ୍ଦ୍ର କାଡାମଙ୍କୁ ନିଯୁକ୍ତ କରିଛନ୍ତି। ସେହିପରି ଉପନେତା ଭାବେ ଅଶୋକ ଦାସ ଏବଂ ମୁଖ୍ୟ ସଚେତକ ଭାବେ ଡ. ସିଏସ୍ ରାଜନ ଏକ୍କାଙ୍କୁ ନିଯୁକ୍ତ କରିଛନ୍ତି।

ଏନେଇ ଏଆଇସିସି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । କାଡାମ ପଟାଙ୍ଗୀ ବିଧାନସଭା ଆସନରୁ ୩ ଥର ବିଜୟୀ ହୋଇଛନ୍ତି। ସୋମବାର ଠାରୁ ରାଜ୍ୟ ବଜେଟ ଅଧିବେଶନ ଆରମ୍ଭ ହେଉଥିବା ବେଳେ



ରବିବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିଲା ସର୍ବଦଳୀୟ ବୈଠକ। ତେବେ ଏଥିରେ (ପୃଷ୍ଠା ୭ରେ)

## କେଦାରନାଥରେ ଭୂସ୍ଖଳନ ଘଟି ୩ ମୃତ, ୭ ଆହତ

ନୂଆଦିଲ୍ଲୀ, ୨୧।୭

ବର୍ଷା ଯୋଗୁ ହୋଇଥିବା ଭୂସ୍ଖଳନରେ ଉତ୍ତରପ୍ରଦେଶର କେଦାରନାଥରେ ଏକ ବଡ଼ ଧରଣର ଅଘଟଣା ଘଟିଯାଇଛି । ଏହି ଭୂସ୍ଖଳନରେ ମହାରାଷ୍ଟ୍ରର ଦୁଇ ପର୍ଯ୍ୟଟକଙ୍କ ସମେତ ଅତିକମରେ ତିନି ଜଣଙ୍କର ମୃତ୍ୟୁ ଘଟିଛି।

ପ୍ରସିଦ୍ଧ କେଦାରନାଥ ମନ୍ଦିର ପାଇଁ ଜଣାଶୁଣା ରୁଦ୍ରପ୍ରୟାଗ ଜିଲ୍ଲାର କେଦାରନାଥରେ ଥିବା ଗୌରୀକୁଣ୍ଡ ଏବଂ ଚିରବାସା ମଧ୍ୟରେ (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଭାରତରେ ପଶିଛନ୍ତି ୫୦ରୁ ୫୫ ଆତଙ୍କବାଦୀ

ନୂଆଦିଲ୍ଲୀ

ଜମ୍ମୁ-କଶ୍ମୀରରେ ଏବେ ଅନୁପ୍ରବେଶ ବୃଦ୍ଧି ପାଇଛି । ପାକିସ୍ତାନରେ ଉପଯୁକ୍ତ ତାଲିମ ପ୍ରାପ୍ତ ଆତଙ୍କବାଦୀ ଏବେ ଭାରତରେ ପ୍ରବେଶ କରିଛନ୍ତି । ଏହି ଖବର ମିଳିବା ପରେ ଭାରତୀୟ ସେନା ପକ୍ଷରୁ ରଣନୀତି ପରିବର୍ତ୍ତନ କରାଯାଇଛି।

ପାକିସ୍ତାନ ପଟୁ ୫୦ରୁ ୫୫ ଜଣ ଆତଙ୍କବାଦୀ ଜମ୍ମୁ ଅଞ୍ଚଳରେ ଅନୁପ୍ରବେଶ କରିଥିବା ଖବର ମିଳିଛି। ଉପତ୍ୟକାରେ ଆତଙ୍କବାଦ କାର୍ଯ୍ୟକଳାପ ବୃଦ୍ଧି କରିବା ସେମାନଙ୍କର ଲକ୍ଷ୍ୟ। ଏହି ଖବର ମିଳିବା ପରେ ଆତଙ୍କବାଦୀଙ୍କୁ ଧରିବା ପାଇଁ ସେନା ପକ୍ଷରୁ ୫୦୦ ପାରା ସ୍ପେଶାଲ ଫୋର୍ସ କମାଣ୍ଡୋଙ୍କୁ ମୁତୟନ କରାଯାଇଛି।

ଏଥିସହ ଭାରତୀୟ ସେନା ପୂର୍ବରୁ ହିଁ ପାକିସ୍ତାନର ଛାୟା ଯୁଦ୍ଧର ଜବାବ ଦେବାରୁ ଅତିରିକ୍ତ ୩୫୦୦ରୁ ୪୦୦୦ ଯବାନଙ୍କୁ ଉପତ୍ୟକାକୁ ପଠାଇଥିଲା। ଆତଙ୍କବାଦୀଙ୍କୁ ଧରିବା ଓ ସେମାନଙ୍କ ପାଖରେ ଥିବା ଅସ୍ତ୍ରଶସ୍ତ୍ରକୁ ଧ୍ୱଂସ କରିବା ଲକ୍ଷ୍ୟରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଉଛି। ଜମ୍ମୁ ରିଜନରେ ଭାରତୀୟ ସେନା ଆତଙ୍କବାଦ ନିରୋଧ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଷ୍ଟ୍ରୀୟ ରାଇଫଲର ରୋମିଓ ଓ ଡେଲ୍ଟା (ପୃଷ୍ଠା ୭ରେ)

# ବାଂଲାଦେଶରେ ହିଂସା ସୃଷ୍ଟିକାରୀଙ୍କୁ ଗୁଳି ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ବାଂଲାଦେଶର ଅଧିକାରୀମାନେ ଦେଶବ୍ୟାପୀ କର୍ଫ୍ୟୁ ଲାଗୁ କରିଛନ୍ତି ଏବଂ ବିବାଦୀୟ ଚାକିରି କୋଟା ଉପରେ ନିୟମ କରିବାକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପ୍ରସ୍ତୁତ କରୁଥିବା ବେଳେ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି । ତେବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବିବାଦୀୟ ଚାକିରି କୋଟା ଉପରେ ନିୟମ ପ୍ରସ୍ତୁତ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ବାଂଲାଦେଶ ହିଂସାତ୍ମକ ବିରୋଧ ପ୍ରଦର୍ଶନ କରି ଦେଶବ୍ୟାପୀ କର୍ଫ୍ୟୁ ଏବଂ ସୁଟ୍-ଆଟ୍-ସାଇଟ ବା ଦେଖିବା ମାତ୍ରକେ ଗୁଳି ଆଦେଶ ଜାରି କରିଛି।




ସିଭିଲ ସର୍ଭିସ ଚାକିରି କୋଟାକୁ ରଦ୍ଦ କରାଯିବ କି ନାହିଁ, ତାହା ବିରୋଧରେ ହିଂସା ତଥା ସଂଘର୍ଷ ଘଟି ଅତି କମରେ ୧୩୩ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସୁପ୍ରିମକୋର୍ଟ ରବିବାର ଦିନ ଏକ ରାୟ ଜାରି କରିବାକୁ ଯାଉଛନ୍ତି। (ପୃଷ୍ଠା ୭ରେ)

## ମାଇକ୍ରୋସଫ୍ଟ ସର୍ଭର ଡାଉନରେ ୮.୫ ମିଲିୟନ ଡିଭାଇସ ପ୍ରଭାବିତ

ନୂଆଦିଲ୍ଲୀ, ୨୧।୭

ଦୁଇ ଦିନ ତଳେ ମାଇକ୍ରୋସଫ୍ଟ ସର୍ଭର ଡାଉନ ହେବା କାରଣରୁ ସାରା ବିଶ୍ୱରେ ଅନଲାଇନ ସେବା ପ୍ରଭାବିତ ହୋଇଥିଲା। ଏନେଇ ମାଇକ୍ରୋସଫ୍ଟ ଏକ ବ୍ଲଗରେ କହିଛି ଯେ ସାଇବର ସିକ୍ୟୁରିଟି ଫାର୍ମ କ୍ରାଉଡ ଷ୍ଟ୍ରାଇକ ଦ୍ୱାରା ଏକ ସଫ୍ଟୱେର ଅପଡେଟ ସହିତ ଜଡିତ ଏକ ବିଶ୍ୱସ୍ତରୀୟ ସର୍ଭର ଡାଉନ ହେବାରୁ ପ୍ରାୟ ୮.୫ ନିୟୁତ ମାଇକ୍ରୋସଫ୍ଟ ଡିଭାଇସ ଉପରେ ପ୍ରଭାବ ପଡ଼ିଛି।

ବ୍ଲଗରେ ମାଇକ୍ରୋସଫ୍ଟ ଏହା କହିଛି ଯେ ଆମେ ବର୍ତ୍ତମାନ ଆକଳନ କରୁଛୁ ଯେ କ୍ରାଉଡ ଷ୍ଟ୍ରାଇକର ଅପଡେଟ ୮.୫ ନିୟୁତ ୱିଣ୍ଡୋଜ ଡିଭାଇସ କିମ୍ବା ସମସ୍ତ ୱିଣ୍ଡୋଜ ମେସିନ ମଧ୍ୟରୁ ଏକ ପ୍ରତିଶତରୁ (ପୃଷ୍ଠା ୭ରେ)

## ଏକାଳ ସକାଳ



ନୂଆ ସରକାର ନୂଆ ବିରୋଧୀ
ବସିବ ବିଧାନସଭା
ରଙ୍ଗରୂପ ପୁରା ବଦଳି ଯାଇଛି
ଚାଲିଅଛି ନୂଆ ହାୱା
ଶାନ୍ତିଶୃଙ୍ଖଳାରେ ସବୁଯିବା
ଏଗୁଡା ଖାଲି ଫୁସୁକା ବାଣ
ନେତାଙ୍କର ଗାଲୁଢାବା

## ବିଧାନସଭା ଇତିହାସରେ ପ୍ରଥମ

# ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପ୍ରଥମଥର ପାଇଁ ବିଜେପି ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଠାରୁ ପ୍ରଥମ ବଜେଟ୍ ଅଧିବେଶନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତେବେ ଏହା ପୂର୍ବରୁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସକୁ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ବଜେଟ୍ ଅଧିବେଶନ ପୂର୍ବରୁ ହେଉଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଥିଲେ। ଏହା ସହିତ ଅଧିବେଶନ କାଳରେ ସବୁ ଦିନ ଗୃହରେ ଉପସ୍ଥିତ ରହିବା ଏବଂ ଓଡ଼ିଶାର ବିକାଶ ପାଇଁ ସେ ଯେଉଁ ଗଠନମୂଳକ ପରାମର୍ଶ ଦେବେ ତାହାକୁ ନିଶ୍ଚିତ ଭାବେ (ପୃଷ୍ଠା ୭ରେ)

## ଆଜି ଶ୍ରାବଣ ପ୍ରଥମ ସୋମବାର

# ଜଳଲାଗି କରିବେ ଭକ୍ତ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ଶ୍ରାବଣ ମାସର ପ୍ରଥମ ସୋମବାରରେ ଭକ୍ତମାନେ ମହାଦେବଙ୍କୁ ଜଳଲାଗି କରିବେ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ବେଶ କଡାକଡି କରିଛି କମିଶନରେଟ ପୁଲିସ। କାଉଡ଼ିଆଙ୍କର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, କ୍ରାଉଡ଼ ମ୍ୟାନେଜମେଣ୍ଟ, ଅପ୍ରୀତିକର ପରିସ୍ଥିତିକୁ ରୋକିବା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

ଲିଙ୍ଗରାଜ ମନ୍ଦିର ଓ ଅନ୍ୟ ୨୬ଟି ସ୍ଥାନରେ ୨ ଜଣ ଅତିରିକ୍ତ ଡିସିପି, ୪ ଜଣ ଏସିପି, ୬ ଇନ୍ସପେକ୍ଟର, ୩୦ ସବଇନ୍ସପେକ୍ଟର ଓ ଏଏସଆଇ ଙ୍କ ସହ ମୋଟ



୧୫ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ରାଜଧାନୀରେ କାଉଡ଼ିଆ ଯିବା ଆସିବା ବାଟରେ ମୋବାଇଲ ପେଟ୍ରୋଲିଂ ଟିମ, ପିସିଆର ରହିବ। ଦୁର୍ଘଟଣା ରୋକିବା ସହ ଆଶୁ ଚିକିତ୍ସା ପାଇଁ ଛକ ମାନଙ୍କରେ ଫାଷ୍ଟଏଡ଼ ଓ ମୋବାଇଲ ମେଡ଼ିକାଲ ୟୁନିଟ ରହିବ। ଜଳ ଉଠାଇବା ସ୍ଥାନ ବା ବିଭିନ୍ନ ନଦୀ ପଠାରେ ଓଡ୍ରାଫ ଓ ଅଗ୍ନିଶମ (ପୃଷ୍ଠା ୭ରେ)





# କୁକୁର ହେଲେ ଖୁସି: ଅନିର୍ଦ୍ଦିଷ୍ଟ କାଳ ପାଇଁ କୁକୁର ବନ୍ଧ୍ୟାକରଣ ବନ୍ଦ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଭିନ୍ନ ବାଦବିବାଦ ପରେ ବିଏମ୍‌ସିରେ ଆରମ୍ଭ ହୋଇଥିବା କୁକୁର ବନ୍ଧ୍ୟାକରଣ ପୁଣି ଥରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୋଇଯାଇଛି। ହାଇକୋର୍ଟ ରଖିଥିବା ସର୍ତ୍ତ ମୁତାବକ ଭାରତୀୟ ପ୍ରାଣୀ ମଙ୍ଗଳ ପରିଷଦ(ଆନିମଲ ଓ୍ୱେଲ୍‌ଫେୟାର ବୋର୍ଡ ଅଫ୍ ଇଣ୍ଡିଆ) ବିଏମ୍‌ସିକୁ ପ୍ରୋଜେକ୍ଟ ରେକଗ୍‌ନାଇଜେସନ ସାର୍ଟିଫିକେଟ୍ (ପିଆରସି) ଧାର୍ଯ୍ୟ ସମୟରେ ନ ଦେବାରୁ ଏହି ପ୍ରକ୍ରିୟା ବନ୍ଦ ହୋଇଯାଇଛି। ପ୍ରବଳ ଖରା ପାଇଁ ଏହାକୁ ବନ୍ଦ ରଖାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବର୍ଷାଋତୁ ଆସିଯିବା ପରେ ପ୍ରକ୍ରିୟା ପୁଣି ଥରେ ଆରମ୍ଭ କରିବାକୁ ବିଏମ୍‌ସି ସଜବାଜ ହେବା ବେଳେ ଏହି ପିଆରସି ଛାଟ କୁକୁର ବନ୍ଧ୍ୟାକରଣ ପ୍ରକଳ୍ପର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛି। ପିଆରସି ଅଭାବରୁ ସଂସ୍ଥାର ବିଲ୍ ପାସ୍ ହୋଇ ନପାରିବାରୁ ସଂସ୍ଥା ପେଡ଼ିପୁଟୁଳି ବାନ୍ଧି ମହାରାଷ୍ଟ୍ର ଫେରିଯାଇଛି। ମଞ୍ଚେଶ୍ୱରରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ପ୍ରସ୍ତୁତ କରାଯାଇଥିବା କୁକୁର ଅପରେସନ କେନ୍ଦ୍ରରେ ତାଲା ଝୁଲୁଛି। କୁକୁର ଧରାଯାଉ ନଥିବାରୁ ଭୁବନେଶ୍ୱରରେ କୁକୁରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ବିଏମ୍‌ସି ପକ୍ଷରୁ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ(ଏବିସି) ଚାଲିଥିଲା। କିନ୍ତୁ ଏଥିପାଇଁ ଯେଉଁ କମିଟି ଗଠନ କରିବା ଓ ଭାରତୀୟ ପ୍ରାଣୀ ମଙ୍ଗଳ ପରିଷଦ



ଠାରୁ ପ୍ରମାଣପତ୍ର ହାସଲ କରିବା କଥା ତାହା ହାସଲ କରିନଥିଲା। ଏଣୁ ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟ ଏହି କାର୍ଯ୍ୟକ୍ରମ ଉପରେ ଗତ ବର୍ଷ ସେପ୍ଟେମ୍ବର ମାସରେ କଟକଣା ଲଗାଇବାରୁ ଏହା ବନ୍ଦ ରହିଥିଲା। ଏ ସବୁ ହାସଲ କରିବାକୁ ବିଏମ୍‌ସି ପ୍ରତିଶ୍ରୁତି ଦେଇ ଚଳିତ ବର୍ଷ ଫେବୃୟାରୀ ମାସରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। କିନ୍ତୁ ବିଏମ୍‌ସିକୁ ପିଆରସି(ପ୍ରୋଜେକ୍ଟ ରେକଗ୍‌ନାଇଜେସନ ସାର୍ଟିଫିକେଟ୍) ମିଳି ନଥିଲା। ବିନା ସ୍ୱୀକୃତିରେ ଏହି ଅପରେସନ ଚାଲିଥିବାରୁ ବିଭିନ୍ନ ମହଲରୁ ଅଭିଯୋଗମାନ ଆସିବାରେ ଲାଗିଲା। ଅନ୍ୟପଟେ ଯେଉଁ ସଂସ୍ଥା (ଭେଟ୍‌ସ୍ ଫର ଆନିମଲ୍ସ) ଏବିସି କାର୍ଯ୍ୟକ୍ରମ କରୁଥିଲା ତାହାର ବିଲ୍‌ପାସ୍ ହେବା ପାଇଁ ବା ପ୍ରାପ୍ୟ ପାଇବା ପାଇଁ ସିଡିଭିଓ ଦସ୍ତଖତ କରିବା କଥା। କିନ୍ତୁ ପିଆରସି ନଥିବାରୁ ସେ ମଧ ଦସ୍ତଖତ କଲେ ନାହିଁ। ଫଳରେ ସଂସ୍ଥା ତାର ପ୍ରାପ୍ୟ ପାଇ ପାରିଲା ନାହିଁ। ଫଳରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ବାକି ପଡ଼ିଲା। ଏଣୁ ବିଏମ୍‌ସି କି କର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଥିଲା। ଗତ ମେ ୧ ତାରିଖ ଦିନ ପ୍ରବଳ ଖରା ଯୋଗୁ ଏହି କାର୍ଯ୍ୟକ୍ରମ ସ୍ଥଗିତ ରହିଲା ବୋଲି ବିଏମ୍‌ସି ବିଜ୍ଞପ୍ତି ଜାରି କରିଥିଲା। କିନ୍ତୁ କାଳେ ଏହି ପିଆରସି ମିଳିଯିବ ଓ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଆଶା କରି ଭେଟ୍ସ ଫର ଆନିମଲ୍‌ସ୍ ସଂସ୍ଥା ପଡ଼ି ରହିଥିଲା। କିନ୍ତୁ ନିକଟ ଅତୀତରେ ମିଳିବା ସମ୍ଭାବନା ନଥିବାରୁ ସଂସ୍ଥା ପେଡ଼ିପୁଟୁଳି ବାନ୍ଧି ମହାରାଷ୍ଟ୍ର ଫେରିଯାଇଛି। କଟକଣା ଯୋଗୁ ୬ ମାସ ବନ୍ଦ ରହିବା ପରେ ଫେବୃୟାରୀ ମାସରେ ଆରମ୍ଭ ହୋଇ ମେ ପର୍ଯ୍ୟନ୍ତ ଚାଲିଥିଲା। ମଞ୍ଚେଶ୍ୱରରେ ଥିବା କର୍ମଜୀବୀ ହଷ୍ଟେଲ୍‌ରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ବିଏମ୍‌ସି କୁକୁର ଅସ୍ତ୍ରୋପଚାର କେନ୍ଦ୍ର ପ୍ରସ୍ତୁତ କରିଥିଲା। ପୂର୍ବରୁ ସହିଦନଗର ଠାରେ ଦିନକୁ ୩୦ କୁକୁରଙ୍କର ଅସ୍ତ୍ରୋପଚାର କରାଯାଉଥିବା ବେଳେ ଏଠାରେ ଦିନକୁ ୫୦ରୁ ୬୦ ଲକ୍ଷ୍ୟ ରଖିଥିଲା। ମହାରାଷ୍ଟ୍ରର ସଂସ୍ଥା ଭେଟ୍‌ସ୍ ଫର ଆନିମଲ୍‌ସ୍ ଡାକ୍ତର, ଚିକିତ୍ସା ସହାୟକ ଓ କର୍ମଚାରୀ ରଖିଥିଲା। ସଂସ୍ଥାକୁ ବିଏମ୍‌ସି କୁକୁର ପିଛା ୧୬୫୦ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଥିଲା। ୩ ମାସ ପର୍ଯ୍ୟନ୍ତ ସଂସ୍ଥା ପ୍ରାପ୍ୟ ପାଇନଥିଲା। ଏବେ ବନ୍ଧ୍ୟାକରଣ ବନ୍ଦ ହୋଇଯିବା ପରେ ଅସ୍ତ୍ରୋପଚାର କେନ୍ଦ୍ରରେ ବ୍ୟୟ ଅର୍ଥ କେବଳ ବରବାଦ ହୋଇ ନାହିଁ ବରଂ ପ୍ରକଳ୍ପ ବନ୍ଦ ହୋଇଯିବା ଯୋଗୁ ଭୁବନେଶ୍ୱରକୁ ୨୦୨୫ ସୁଦ୍ଧା 'ଜଳାତଙ୍କ-ମୁକ୍ତ ସହର' ଘୋଷଣା ପାଇଁ ବିଏମ୍‌ସିର ସ୍ୱପ୍ନ ଫସରଫାଟିଛି। ଏଣେ ଭୁବନେଶ୍ୱରବାସୀ ଛାନିଆ ହୋଇପଡ଼ିଛନ୍ତି। କୁକୁରଙ୍କ ପାଇଁ ନିୟମିତ ଦୁର୍ଘଟଣା ଘଟୁଥିବା ବେଳେ ଏବେ ଏହି ଆଶଙ୍କା ଆହୁରି ବଢ଼ି ଯାଇଛି।

# ଇମ୍ଫା ରିପୋର୍ଟ : ଚୀନ୍ ଠାରୁ ଆଗରେ ରହିବ ଭାରତର ଜିଡିପି ଅଭିବୃଦ୍ଧି

ନୂଆଦିଲ୍ଲୀ,




ବିଶ୍ୱ ଅର୍ଥବ୍ୟବସ୍ଥାରେ ଭାରତର ଦବଦବା ଆଗାମୀ ସମୟରେ ଜାରି ରହିବ । ଏନେଇ ଆନ୍ତର୍ଜାତୀୟ ମୁଦ୍ରା କୋଷ ଏକ ରିପୋର୍ଟରେ ପ୍ରକାଶ କରିଛି । ଉକ୍ତ ରିପୋର୍ଟ ଅନୁଯାୟୀ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି । ଏହା ଏପ୍ରିଲରେ ଆନୁମାନିକ ୬.୮% ତୁଳନାରେ ଅଧିକ । ଚଳିତ ବର୍ଷ ଇମ୍ଫା ଚୀନ ପାଇଁ ଏହାର ଅଭିବୃଦ୍ଧି ପୂର୍ବାନୁମାନକୁ ୫.୦% ବୃଦ୍ଧି କରିଛି । ଚଳିତ ବର୍ଷ ଏପ୍ରିଲରେ ଏହା ୪.୬% ଥିବା ବେଳେ ୨୦୨୩ରେ ୫.୨% ଥିଲା । ଏହି ଭଳି ଭାରତର ଜିଡିପି ଅଭିବୃଦ୍ଧି ଚୀନ୍ ଠାରୁ ଆଗରେ ରହିବ । ଏହା ସହ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇ ରହିବ । ଚଳିତ ବର୍ଷ ଚୀନ, ଭାରତ ଏବଂ ୟୁରୋପ ମାମଲାରେ ଓଗର ଏହାର ଆର୍ଥିକ ଦୃଷ୍ଟିକୋଣରେ ସୁଧାର ଆଣିଛି । ସେହିପରି ଆମେରିକା ଏବଂ ଜାପାନ କ୍ଷେତ୍ରରେ ଏହି ଆକଳନ ସାମାନ୍ୟ ହ୍ରାସ ପାଇଛି । ଏହାର କାରଣ ହେଉଛି ବିମାନ ଯାତ୍ରା ଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ ସେବା ମହଙ୍ଗା ହେବା । ଚଳିତ ବର୍ଷ ବିଶ୍ୱର ଅର୍ଥନୀତି ୩.୨% ବୃଦ୍ଧି ହେବା ନେଇ ଓଗର ଆଶା କରୁଛି ବୋଲି ମଙ୍ଗଳବାର କହିଥିଲା । ଭାରତରେ ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିରେ ବୃଦ୍ଧି ହେବାର କାରଣ ଗ୍ରାମାଞ୍ଚଳରେ ଶକ୍ତିଶାଳୀ ଉପଭୋକ୍ତା ଖର୍ଚ୍ଚ । ଚଳିତ ବର୍ଷ ଆମେରିକାରେ ଅଭିବୃଦ୍ଧି ହାର ଆକଳନ ୨.୬ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଏପ୍ରିଲରେ ଏହା ୨.୭ ପ୍ରତିଶତ ହେବ ବୋଲି ଆଶା କରାଯାଉଥିଲା । ସେହିଭଳି ଜାପାନ ପାଇଁ ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନ ୦.୯ ପ୍ରତିଶତରୁ ୦.୭ ପ୍ରତିଶତକୁ ହ୍ରାସ ପାଇଛି । ୟୁରୋ ପାଣ୍ଠି ୨୦ଟି ଦେଶ ପାଇଁ ୨୦୨୪ ଅଭିବୃଦ୍ଧି ପୂର୍ବାନୁମାନକୁ ୦.୯ ପ୍ରତିଶତ ବୃଦ୍ଧି କରିଛି ।

ସେହିପରି ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବରସ୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ଏଫ୍‌ଆଇସିସିଆଇ ୨୦୨୪-୨୫ ବର୍ଷ ପାଇଁ ବାର୍ଷିକ ହାରାହାରି ଜିଡିପି ଅଭିବୃଦ୍ଧି ୭.୦ ପ୍ରତିଶତ ଆକଳନ କରିଛି। ଲଗାତାର ଚ୍ୟାଲେଞ୍ଜ ପରେ ମଧ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଦୃଢ଼ ରହିଛି ଏବଂ ଦେଶ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଗୋଟିଏ ହୋଇ ରହିଛି ବୋଲି ଏଫସିଆଇର ଅର୍ଥନୈତିକ ଦୃଷ୍ଟିକୋଣ ସର୍ଭେରେ କୁହାଯାଇଛି। ସର୍ବେକ୍ଷଣ ଅନୁଯାୟୀ, ୨୦୨୪-୨୫ ପ୍ରଥମ ତ୍ରୈମାସିକରେ ଆର୍ଥିକ ଅଭିବୃଦ୍ଧି ହାର ୬.୮ ପ୍ରତିଶତ ବୃଦ୍ଧି ପାଇବ ଏବଂ ଦ୍ୱିତୀୟ ତ୍ରୈମାସିକରେ ଜିଡିପି ୭.୨ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ଖାଦ୍ୟ ମୂଲ୍ୟ ସ୍ଥିର ରହିଛି ଏବଂ ଶସ୍ୟ, ଡାଲି, ଫଳ ଏବଂ କ୍ଷୀରର ମୂଲ୍ୟ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ତଥ୍ୟ ବୃଦ୍ଧି ପାଇଛି। ସର୍ଭେ ଅଂଶଗ୍ରହଣକାରୀମାନେ ଆଶା କରନ୍ତି ଯେ ଦ୍ୱିତୀୟ ତ୍ରୈମାସିକରେ ଖରିଫ ଫସଲ ଏବଂ ସେମାନଙ୍କର ଉତ୍ପାଦ ବଜାରରେ ପହଞ୍ଚିବା ପରେ ମୂଲ୍ୟ ମଧ୍ୟମ ହେବ। ୨୦୨୩-୨୪ ବର୍ଷ ପାଇଁ ସିପିଆଇ ମୁଦ୍ରାସ୍ଫୀତିର ହାରାହାରି ପୂର୍ବାନୁମାନ ୪.୫ ପ୍ରତିଶତରେ ରଖାଯାଇଛି। ଏଥିରେ ସର୍ବନିମ୍ନ ସୀମା ୪.୪ ପ୍ରତିଶତ ଏବଂ ସର୍ବାଧିକ ସୀମା ହେଉଛି ୫.୦ ପ୍ରତିଶତ । ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ଆରବିଆଇର ନୀତିଗତ ରେପୋ ହାର ହ୍ରାସ କରିବାକୁ ପାଇଁ କିଛି ସମୟ ଅପେକ୍ଷା କରିବାକୁ ପଡିବ। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ରେପୋ ହାର ହ୍ରାସ ହେବାର ଆଶା କରାଯାଉଛି କାରଣ ମୁଦ୍ରାସ୍ଫୀତି ହାର ଉପରେ ନଜର ରଖି ଆରବିଆଇ ଏହାର ସତର୍କତା ଅବଲମ୍ବନ କରିପାରେ। ଏଫ୍‌ଆଇସିସିଆଇ ଅନୁଯାୟୀ, ୨୦୨୪-୨୫ (ମାର୍ଚ୍ଚ ୨୦୨୫) ଆର୍ଥିକ ବର୍ଷ ଶେଷ ସୁଦ୍ଧା ରେପୋ ହାର ୬.୦ ପ୍ରତିଶତ ହେବ ବୋଲି ଆଶା କରାଯାଉଛି ।

# ଆନେମିଆ ମୁକ୍ତ ଭାରତ : ଦେଶରେ ୪ ନମ୍ବର ର୍‍ୟାଙ୍କରେ ଓଡ଼ିଶା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆନେମିଆ ମୁକ୍ତ ଭାରତ ଲକ୍ଷ୍ୟ। ଚଳିତ ବର୍ଷ ଦେଶରେ ୪ ନମ୍ବର ରାଙ୍କରେ ଓଡ଼ିଶା । ପୂର୍ବରୁ ଓଡ଼ିଶା ୭ ନମ୍ବର ରାଂକରେ ରହିଥିଲା। ରକ୍ତହୀନତା କେବଳ ଓଡ଼ିଶାର ନୁହେଁ, ବରଂ ଏହା ସମଗ୍ର ଦେଶର ସମସ୍ୟା ଅଟେ। ଜନସଂଖ୍ୟାର ୫୦ ପ୍ରତିଶତ ରୁ ଊର୍ଦ୍ଧ୍ୱ ମହିଳା ରକ୍ତହୀନତା ଶିକାର ହେଉଛନ୍ତି । ରକ୍ତହୀନତା ଯୋଗୁଁ ମାତୃ ଓ ଶିଶୁ ମୃତ୍ୟୁ ହାର ବଢ଼ିବାରେ ଲାଗିଛି। ବ୍ୟାପକ ସଚେତନତା ଓ ନିୟମିତ ଔଷଧ ସେବନ ଦ୍ୱାରା ଏହି ସମସ୍ୟା ଦୂର କରାଯାଇପାରିବ। ଆଇଏଫ୍‌ଏ ରିପୋର୍ଟ ଅନୁଯାୟୀ ୨୦୨୨-୨୩ ରେ ଓଡ଼ିଶା ୭ ନମ୍ବର ରହିଥିବା ବେଳେ ୨୦୨୩-୨୪ ମସିହାରେ ଓଡ଼ିଶା ଦେଶରେ ୪ ନମ୍ବର ସ୍ଥାନରେ ରହିଛି । ଯାହା ଚଳିତ ବର୍ଷରେ ସମସ୍ତ ୩୦ ଟି ଜିଲ୍ଲାରେ ରିପୋର୍ଟିଂ କରାଯାଇଛି। ପ୍ରଥମ ସ୍ଥାନରେ ରହିଛି ଆନ୍ଧ୍ର ପ୍ରଦେଶ, ଦ୍ୱିତୀୟ ସ୍ଥାନରେ ରହିଛି ଛତିଶଗଡ, ତୃତୀୟ ସ୍ଥାନରେ ରହିଛି ତାମିଲନାଡୁ, ଏବଂ ଚତୁର୍ଥ ସ୍ଥାନରେ ଓଡ଼ିଶା ରହିଛି। ଏହି ରିପୋର୍ଟ ଏପ୍ରିଲ ୨୦୨୩ ମସିହାରୁ ମାର୍ଚ୍ଚ ୨୦୨୪ ମସିହା ପର୍ଯ୍ୟନ୍ତ ରିପୋର୍ଟ କରାଯାଇଛି। ଏହି ରିପୋର୍ଟ ରେ ଓଡ଼ିଶାର ତଥ୍ୟ ଦେଖିଲେ ୬-୫୯ ମାସର ପିଲାମାନେ ୭୩.୨ ପ୍ରତିଶତ ଆଇ ଏଫ୍ ଏ କଭରେଜ କରାଯାଇଛି। ସେହିଭଳି ୫-୯ ବର୍ଷର ପିଲାମାନେ ୮୪.୧ ପ୍ରତିଶତ, ୧୦-୧୯ ବର୍ଷ ମଧ୍ୟରେ ୮୨.୭ ପ୍ରତିଶତ, ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ୯୫ ପ୍ରତିଶତ ଆଇ ଏଫ୍ ଏ ବଟିକା ସେବନ କରାଯାଇଛି। ସେହିପରି ଦେଶର ସମସ୍ତ ରାଜ୍ୟ ର ମୋଟ ତଥ୍ୟ ଉପରେ ନଜର ପକାଇଲେ ୬-୫୯ ମାସର ପିଲାମାନେ ୩୯.୩ ପ୍ରତିଶତ ଆଇ ଏଫ୍ ଏ କଭରେଜ କରାଯାଇଛି। ସେହିଭଳି ୫-୯ ବର୍ଷର ପିଲାମାନେ ୪୮.୯ ପ୍ରତିଶତ, ୧୦-୧୯ ବର୍ଷ ମଧ୍ୟରେ ୪୭.୪ ପ୍ରତିଶତ, ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ୯୫ ପ୍ରତିଶତ ଆଇ ଏଫ୍ ଏ ବଟିକା ସେବନ କରାଯାଇଛି। ଏପଟେ ରିପୋର୍ଟ ଆଧାରରେ ୬-୫୯ ମାସର ପିଲାଙ୍କୁ ଆଇ ଏଫ୍ ଏ ବଟିକା ସେବନରେ କମ ରହିଛି। ସୂଚନା ଅନୁଯାୟୀ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କର ଏହାକୁ ବଣ୍ଟନ କରାଯାଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଆଇଏଫଏ (ଗୋଲାପୀ) ବଟିକା, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଆଇଏଫ୍‌ଏ (ନୀଳ) ବଟିକା ଦିଆଯାଇଥିଲା। ଯାହାଫଳରେ ଅନେକ ପିଲାମାନେ ଅଭିଭାବକ ଏବଂ ଶିକ୍ଷକ ମାନଙ୍କ ସାମ୍ନାରେ ସେବନ କରିଥିଲେ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ,ଦେଶରେ ଓଡ଼ିଶା ୪ ନମ୍ବର ରାଙ୍କରେ ରହିବା ନେଇ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମ ଚାରି ମାନେ ଗର୍ବିତ। ଆନେମିଆ ମୁକ୍ତ ଭାରତ ଅଭିଯାନରେ ଓଡ଼ିଶାର ଭଲ ପ୍ରଦର୍ଶନ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆନେମିଆ ମୁକ୍ତ ଭାରତ ଲକ୍ଷ୍ୟ ଧାର୍ଯ୍ୟ ପାଇଁ କିଛି ଦିନ ତଳେ ଓଡ଼ିଶାରେ ପ୍ରଥମ ଥର ସିକିଲ ସେଲ କାର୍ଡ ବଣ୍ଟନ ହେବର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ଜାତୀୟ ସିକିଲ ସେଲ ଆନେମିଆ ମିଶନ ଦ୍ୱାରା ସିକିଲ ସେଲ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଡ଼ିଶାରେ ସିକିଲ ସେଲ କାର୍ଡ ମିଳିବା ନେଇ ବ୍ୟବସ୍ଥା ହୋଇଛି। ସିକିଲ ସେଲ ନିୟନ୍ତ୍ରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରୟାସ ଆରମ୍ଭ କରିସାରିଛି । ଲୋକଙ୍କ ସ୍କ୍ରିନିଂ କରିବା ପରେ ଦିଆଯିବ ସିକିଲ ସେଲ କାର୍ଡ । ବିଶେଷ ଭାବରେ ଏହି କାର୍ଡ ସ୍କ୍ରିନିଂ ପରେ ରିପୋର୍ଟ ଆଧାରରେ ପଜିଟିଭ ଏବଂ ନେଗେଟିଭ ରିପୋର୍ଟ ରହିବ। ଏହି କାର୍ଡ ବିଶେଷ ଭାବରେ ସିକିଲ ସେଲକୁ କମେଇବା ପାଇଁ ଦିଆଯାଉଛି । ଯାହାର ନାମ ହେଉଛି ସିକିଲ ସେଲ କାର୍ଡ । ତେବେ ସରକାରୀ ଏହି କାର୍ଡକୁ ଯୋଗାଇ ଦେବେ । ଏହି କାର୍ଡ ଜାତୀୟ ସିକିଲ ସେଲ ଆନେମିଆ ମିଶନ ଦ୍ୱାରା ଦିଆଯାଉଛି । ତେବେ ଦେଶରେ ଏହି କାର୍ଡ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ଥର ପାଇଁ ଚଳିତ ବର୍ଷ କାର୍ଡର ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ରୋଗ ଜଣେ ବ୍ୟକ୍ତି ତାଙ୍କ ରକ୍ତ ସମ୍ପର୍କ ମଧ୍ୟରେ ବିବାହ କରିବା ଦ୍ୱାରା ହୋଇଥାଏ । ଯଦି ଜଣେ ବ୍ୟକ୍ତିଙ୍କ ଶରୀରରେ ସିକିଲ ସେଲ ସଂକ୍ରମଣ ଥାଏ ତେବେ ଛୁଆଙ୍କୁ ମଧ ସିକିଲ ସେଲର ସଂକ୍ରମଣ ୨୫-୫୦ ପ୍ରତିଶତ ହେବାର ସମ୍ଭାବନା ରହିଥାଏ। ତେବେ ଏହାକୁ କିଭଳି ଭାବରେ କମ କରାଯିବ ସେନେଇ ସରକାର ସିକିଲ ସେଲ କାର୍ଡର ବ୍ୟବସ୍ଥା କରିଛନ୍ତି । ଯେଉଁ ମାନଙ୍କର ସିକିଲ ସେଲ ଟେଷ୍ଟ କରାଯିବ ସେହିମାନଙ୍କୁ ହିଁ ଏହି ସିକିଲ ସେଲ କାର୍ଡ ଦିଆଯିବ । ବିଶେଷ ଭାବରେ ଏହି କାର୍ଡ ବିଭିନ୍ନ ପ୍ରକାରର ରହିଛି । ପଜେଟିଭ ଲୋକଙ୍କ ପାଇଁ ଗୋଟିଏ କାର୍ଡ, ନେଗେଟିଭ ବ୍ୟକ୍ତିଙ୍କ ପାଇଁ ଆଉ ଏକ କାର୍ଡ, ସାଧାରଣ ଲୋକଙ୍କ ପାଇଁ ଆଉ ଏକ ପ୍ରକାରର କାର୍ଡ ରହିଛି । ଆଣ୍ଠୁ ଗଣ୍ଠିରେ ବ୍ୟଥା, ବାରମ୍ବାର ସଂକ୍ରମଣ, ଦେହ ସାରା ଘା ହେବା, ଗମ୍ଭୀର ଭାବରେ ରକ୍ତ ହୀନତା । ତେବେ ପିଲାମାନଙ୍କ ଠାରେ ଏହି ରୋଗର ଲକ୍ଷଣ ସାଧାରଣତଃ ୩ ମାସରୁ ୨ ବର୍ଷ ମଧ୍ୟରେ ଦେଖାଯାଇଥାଏ । ବାରମ୍ବାର ରକ୍ତ ପରିବର୍ତ୍ତନ, ପ୍ରତିଦିନ ଔଷଧ ସେବନ ଆଦି ଉପଚାର କରିବା ଆବଶ୍ୟକ । ତେବେ ରୋଗର ଉପଚାର ଅତ୍ୟନ୍ତ ବ୍ୟୟବହୁଳ ଏବଂ ସାରା ଜୀବନ ଚାଲିଥାଏ । ପ୍ରତିକାର ହିଁ ଏହାର ସର୍ବୋତ୍ତମ ଉପାୟ ଅଟେ । ୨୦୨୬ ସୁଦ୍ଧା ଦେଶରେ ସ୍କ୍ରିନିଂ ଶେଷ କରାଯିବ । ବର୍ତ୍ତମାନ ଦେଶରେ ବିଭିନ୍ନ ରାଜ୍ୟରେ ସ୍କ୍ରିନିଂ ଚାଲୁରହିଛି । ଚଳିତ ବର୍ଷ ରାଜ୍ୟରେ ସ୍କ୍ରିନିଂ ୮୦ ଲକ୍ଷ୍ୟ ଲୋକଙ୍କ ଚିହ୍ନଟ ପାଇଁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ଲୋକଙ୍କର ସ୍କ୍ରିନିଂ ସରିଛି । ସେଥିମଧ୍ୟରୁ ରାଜ୍ୟରେ ସିକିଲି ସେଲ ମୋଟ ୬୬ ହଜାର ୩୪୧ ଜଣଙ୍କ ନିକଟରୁ ସିକିଲି ସେଲରେ ଶିକାର ହୋଇଛନ୍ତି ।

# ଖତ ଖାଉଛି ୨ କୋଟିର ଦୋକାନଘର ଖୋଲିପାରୁନି ଭେଣ୍ଡିଂ ଜୋନ୍




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଛି। ପ୍ରାକୃତିକ ଜଳାଶୟକୁ ପୋତି ଭେଣ୍ଡିଂ ଜୋନ୍ ଭିତରେ ୩୦ରୁ ଅଧିକ ଦୋକାନ ଘର ତିଆରି ହୋଇଛି। ସେଠାରେ ଯେଉଁମାନେ ବେପାର କରିବେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ନାମ ଓ ମୂଲ୍ୟ ଉଲ୍ଲେଖ କରିବାକୁ ବ୍ୟବସ୍ଥା ହୋଇଛି। ମାତ୍ର ଆଜି ପର୍ଯ୍ୟନ୍ତ ଦୋକାନୀମାନଙ୍କୁ ଘର ଆବଣ୍ଟନ କରାଯାଉ ନାହିଁ। ଗୋଟିଏ ପଟେ ଆଶାୟୀ ବ୍ୟବସାୟୀ ଦୋକାନ ଘର ପାଇବାକୁ ଅପେକ୍ଷା କରି ରହିଥିବା ବେଳେ ଅନ୍ୟପଟେ ଉଠାଦୋକାନୀ ଫୁଟ୍‌ପାଥକୁ ଜବରଦଖଲ କରି ଲୋକଙ୍କ ସମସ୍ୟା ବଢ଼ାଉଛନ୍ତି। ନୀଳାଦ୍ରିବିହାର ମଙ୍ଗଳା ମନ୍ଦିର ଛକ ନିକଟରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍‌ରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଛପାର୍ଶ୍ୱରେ ଥିବା ଏକ ପ୍ରାକୃତିକ ଜଳାଶୟକୁ ଆଜକୁ ପ୍ରାୟ ୧୦ ବର୍ଷ ତଳେ ନଷ୍ଟ କରିବାକୁ ପ୍ରଶାସନ ପକ୍ଷରୁ ସୁଚିନ୍ତିତ ପରିକଳ୍ପନା ହୋଇଥିଲା। ଅଞ୍ଚଳର ବଢୁଥିବା କଳେବରକୁ ଦୃଷ୍ଟିରେ ରଖି ପ୍ରଥମେ ୪ ଥାକିଆ ଏକ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ତାହାକୁ ଦୃଷ୍ଟିରେ ରଖି ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ଏହି ପ୍ରାକୃତିକ ଜଳାଶୟକୁ ଧୀରେ ଧୀରେ ପୋତାଯାଇଥିଲା। ରାସ୍ତା ନିର୍ମାଣ ସରିବା କ୍ଷଣି ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଯାଇଥିଲା ଉଠାଦୋକାନୀଙ୍କୁ ଥଇଥାନ ପ୍ରକ୍ରିୟା। ରାସ୍ତା ଯିବା ପରେ ବଳକା ଥିବା ଜାଗାରେ ଭେଣ୍ଡିଂ ଜୋନ୍ କରିବାକୁ ଅଧିକାରୀମାନେ ପଦକ୍ଷେପ ନେଇଥିଲେ। ଜଳାଶୟକୁ ସମ୍ପୂର୍ଣ୍ଣ ଭାବେ ପୋତିବା ସହ ତାହା ଉପରେ ୩୦ଟି ଦୋକାନ ଘର କରିଥିଲେ। ଏହି ଦୋକାନ ଘରଗୁଡ଼ିକରେ ରାସ୍ତାପାର୍ଶ୍ୱ ବେପାରୀଙ୍କୁ ବଣ୍ଟନ କରିବାକୁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ଭେଣ୍ଡିଂ ଜୋନ୍ ନିର୍ମାଣକୁ ଦେଢ଼ ବର୍ଷ ବିତିବାକୁ ବସିଥିଲେ ମଧ ବଣ୍ଟନ ହୋଇପାରୁ ନାହିଁ। ସେପଟେ ଭେଣ୍ଡିଂ ଜୋନ୍ ଖୋଲୁ ନ ଥିବାରୁ ରାତି ହେଲେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ରକ୍ଷଣାବେକ୍ଷଣା ଅଭାବରୁ ଭେଣ୍ଡିଂ ଜୋନ୍ ନିକଟରେ ଗଛଲତା ମାଡ଼ି ଗଲାଣି। ପେଭର ବ୍ଲକ ଉଠିଗଲାଣି। ଭେଣ୍ଡିଂ ଜୋନ୍ ଉପରେ 'ସବୁଜ ସୁନ୍ଦର ସହର ଆମ ଭୁବନେଶ୍ୱର' ବାର୍ତ୍ତା ଲେଖାଯାଇଥିଲେ ମଧ ତା' ତଳେ ଆବର୍ଜନା ଜମା ହୋଇ ରହିଛି। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ଏହାକୁ ନିର୍ମାଣ କରାଯାଇଥିବା ବେଳେ ବଣ୍ଟନ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ବିଏମ୍‌ସି ଜୋନାଲ୍ ଅଫିସର ଜଣେ ଅଧିକାରୀ କହିଛନ୍ତି ଯେ ଭେଣ୍ଡିଂ ଜୋନ୍‌ରେ ଆହୁରି କିଛି କାମ ବାକି ରହିଛି। କାମ ଶେଷ ହେବା ପରେ ଏହାକୁ ଉଦ୍‌ଘାଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

# ପଞ୍ଚାୟତରେ ୫୭ ଜାଲ୍ ଭତ୍ତା ହିତାଧିକାରୀ

ନୂଆଗାଁ, ନ୍ୟୁଜ ବ୍ୟୁରୋ

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଭତ୍ତା ପ୍ରଦାନରେ ଅନିୟମିତତା ଅଭିଯୋଗ ପରେ ନୟାଗଡ଼ ଉପ ଜିଲ୍ଲାପାଳଙ୍କ ଦ୍ୱାରା ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ କରାଯାଇଥିଲା। ତଦନ୍ତରେ ନୂଆଗାଁ ବ୍ଲକର ୨ ପଞ୍ଚାୟତରେ ୫୭ ଜଣ ଜାଲ ଭତ୍ତା ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଉଦୟପୁର ପଞ୍ଚାୟତରେ ୩୪ ଜଣ ଓ ମାଳିସାହି ପଞ୍ଚାୟତରେ ୨୩ ଜଣ ଜାଲ ହିତାଧିକାରୀ ଅଛନ୍ତି। ଏହି ହିତାଧିକାରୀମାନଙ୍କ ଭତ୍ତା ବନ୍ଦ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଏକ ନୋଟିସ ଜାରି କରାଯାଇ ସଂପୃକ୍ତ ପଞ୍ଚାୟତରେ ଲଗାଯାଇଛି। ଅଭିଯୋଗ ଅନୁଯାୟୀ, ନୂଆଗାଁ ବ୍ଲକରେ ଅନେକ ଅଯୋଗ୍ୟ ହିତାଧିକାରୀ ନିଜର ଆଧାର କାର୍ଡ, ଫଟୋ ପରିଚୟ ପତ୍ରରେ ନିଜର ବୟସ ବୃଦ୍ଧି, ଆବଶ୍ୟକ କାଗଜପତ୍ର ଓ ନିଜର ଫଟୋ ଏଡିଟିଂ କରି ଭତ୍ତା ହାତେଇଥିଲେ। ଏପରି କି ବାପାଙ୍କୁ ୬୮ ବର୍ଷ ହୋଇଥିବା ବେଳେ ପୁଅର ବୟସ ୬୯ ବର୍ଷ କରି ଭତ୍ତା ହଡପ କରାଯାଉଥିଲା। କେତେଜଣ ବିଭାଗୀୟ କର୍ମଚାରୀ, ସେବା କେନ୍ଦ୍ର ଓ ମଧ୍ୟସ୍ଥଙ୍କୁ ୫ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ଦେଲେ ଅଯୋଗ୍ୟ ବ୍ୟକ୍ତିମାନେ ଭତ୍ତା ପାଇବା ସମ୍ଭବ ହୋଇପାରୁଥିଲା। ଏପରି କି କେତେଜଣ ସୁସ୍ଥ ସବଳ ଯୁବକ ମଧ ଭିନ୍ନକ୍ଷମ ପ୍ରମାଣପତ୍ର ଆଣି ଭତ୍ତା ପାଉଥିଲେ। ଏହି ଘଟଣାକୁ ନେଇ 'ଡକ୍ୟୁମେଣ୍ଟ ଏଡିଟିଂ କରି ଭତ୍ତା ହାତେଇବାକୁ ପ୍ରୟାସ' ଶୀର୍ଷକ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଘଟଣା ଉପରେ ଖୋଳତାଡ଼ ଆରମ୍ଭ ହୋଇଥିଲା।

# ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ

ଜୟପୁର,

ରାଜସ୍ଥାନ ବିକାନେରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ଖବର ମିଳିଛି । ବିଳମ୍ବିତ ରାତିରେ ବିକାନେର ଭାରତମାଳା ରାଜପଥର ମହାଜନ ଥାନା ଅନ୍ତର୍ଗତ ଜେତପୁର ଟୋଲ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୬ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି । ସୂଚନାରୁ ପ୍ରକାଶ ଗୁରୁବାର ବିଳମ୍ବିତ ରାତିରେ ଜେତପୁରରୁ ହନୁମାନଗଡ଼ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାରଟି ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣାଟି ଏତେ ଭୟାବହ ଥିଲା ଯେ କାରରେ ଥିବା ପରିବାରର ୬ ଜଣ ସଦସ୍ୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ହସ୍ପିଟାଲ ପଠାଇଥିଲା । ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ତେବେ ମୃତକମାନେ ହନୁମାନଗଡ଼ର ଡବୱାଲି ଅଞ୍ଚଳର ବୋଲି ଜଣାପଡ଼ିଛି ।

# ଚିଲି-ଆର୍ଜେଣ୍ଟିନା ସୀମାରେ ଭୟଙ୍କର ଭୂକମ୍ପ : ବଡ଼ ଧ୍ୱଂସ ଆଶଙ୍କା

ନୂଆଦିଲ୍ଲୀ

ଚିଲି-ଆର୍ଜେଣ୍ଟିନା ସୀମା ଅଞ୍ଚଳରେ ଏକ ଭୟଙ୍କର ଭୂକମ୍ପ ଘଟିଛି । ଭୂକମ୍ପରେ କମ୍ପନ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୭.୧ରେ ମାପ କରାଯାଇଛି । ନ୍ୟାସନାଲ ସେଣ୍ଟର ଫର ସେସମୋଲୋଜି ଏହି ସୂଚନା ଦେଇଛି । ଏହି ଭୂକମ୍ପରେ ବଡ଼ ଧ୍ୱଂସ ହେବାର ସମ୍ଭାବନା ରହିଛି । ଏହାର କେନ୍ଦ୍ର ସାନ ପେଡ୍ରୋ ଡି ଆଟାକାମା ସହରର ୪୧ କିଲୋମିଟର ଦକ୍ଷିଣ-ପୂର୍ବରେ ଥିଲା । ଏହାର ଗଭୀରତା ଭୂମିଠାରୁ ୧୨୮ କିଲୋମିଟର ବୋଲି କୁହାଯାଏ । ଏହାର କମ୍ପନ ଅନେକ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା । ହଠାତ୍ ଭୂକମ୍ପ ଯୋଗୁଁ ଅନେକ ଲୋକ ଭୟଭୀତ ହୋଇ ଘରୁ ବାହାରକୁ ଆସିଥିଲେ । ତେବେ ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର'ରେ ଅବସ୍ଥିତ ଚିଲିରେ ବାରମ୍ବାର ଭୂକମ୍ପ ଘଟିଥାଏ । ୨୦୧୦ ରେ, ୮.୮ ମ୍ୟାଗ୍ନିଟ୍ୟୁଡର ଭୂକମ୍ପ ଏବଂ ଏହା ପରେ ଆସିଥିବା ସୁନାମିରେ ୫୨୬ ଜଣଙ୍କର ମୃତ୍ୟୁ ଘଟିଥିଲା ।

# ଗଛରେ ଆମ୍ବୁଲାନ୍ସ ପିଟି ହୋଇ ଚାଲିଗଲା ରୋଗୀଙ୍କ ଜୀବନ

ଯାଜପୁର, ନ୍ୟୁଜ ବ୍ୟୁରୋ

ଯାଜପୁର ଜିଲା ବିଞ୍ଝାରପୁର ଥାନା ବରହମପୁର ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଆମ୍ବୁଲାନ୍ସ ଜଣେ ରୋଗୀଙ୍କ ସମେତ ତାଙ୍କର ୩ ସମ୍ପର୍କୀୟଙ୍କୁ କଟକର ଏକ ଘରୋଇ ହସ୍ପିଟାଲରୁ ଚିକିତ୍ସା ପରେ ଧରି ଫେରୁଥିଲା। ବ୍ରହ୍ମପୁର ନିକଟରେ ଏକ ଗଛରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ପିଟି ହୋଇଯିବାରୁ ରୋଗୀଙ୍କର ମୃତ୍ୟୁ ଘଟିଥିବା ବେଳେ ରୋଗୀଙ୍କ ୩ ସମ୍ପର୍କୀୟଙ୍କ ସମେତ ଆମ୍ବୁଲାନ୍ସ ଡ୍ରାଇଭର ଗୁରୁତର ହୋଇଛନ୍ତି।

## ପ୍ରକାଶ ପାଇଛି ଦ ୱାର୍ଲ୍ଡ ହାପିନେସ ରିପୋର୍ଟ ୨୦୨୪

# ବିଶ୍ୱର ୧୦ ଦେଶର ନାଗରିକ ଅଧିକ ସୁଖୀ

ହାଇଦ୍ରାବାଦ,

ସୁଖୀ ରହିବା ଏକ ଲକ୍ଷ୍ୟ ନୁହେଁ, ଏହା ଜୀବନ ବଞ୍ଚିବାର ଏକ ଶୈଳୀ । ଗୋଟିଏ ଦେଶର ନାଗରିକମାନଙ୍କର ଜୀବନ ଶୈଳୀକୁ ନେଇ ସେହି ଦେଶ କେତେ ସୁଖୀ ଆକଳନ କରାଯାଏ । ନିକଟରେ ପ୍ରକାଶ ପାଇଛି ଦ ୱାର୍ଲ୍ଡ ହାପିନେସ ରିପୋର୍ଟ ୨୦୨୪ ( ବିଶ୍ୱ ସୁଖୀ ତଥ୍ୟ ୨୦୨୪) । ସାମାଜିକ ସହଯୋଗ, କର୍ମମୟ ଜୀବନରେ ସନ୍ତୁଳନ, ଅର୍ଥନୈତିକ ସ୍ଥିରତା ଭଳି ଦିଗକୁ ନେଇ ଯାଞ୍ଚ କରି ଏହି ରିପୋର୍ଟ ପ୍ରକାଶ କରିଛି କେଉଁ ଦେଶ ସବୁଠୁ ସୁଖୀ । ତେବେ ଅର୍ଥନୈତିକ କ୍ଷେତ୍ରରେ ଆଗରେ ଥିବା ଦେଶ ଅର୍ଥାତ ଆମେରିକା, ବ୍ରିଟେନ, ଚୀନ ଭଳି ରାଷ୍ଟ୍ର ଏହି ରିପୋର୍ଟରେ ଆଗରେ ନାହାନ୍ତି ବରଂ ଛୋଟ ଛୋଟ ଦେଶର ନାଗରିକମାନେ ବେଶ ଖୁସିରେ ଥିବା ରିପୋର୍ଟରୁ ଜଣାପଡିଛି ।

ଦଶମ ସ୍ଥାନରେ ଅଷ୍ଟ୍ରେଲିଆ : ଏକମାତ୍ର ଅଣୟୁରୋପିଆନ ଦେଶ ଅଷ୍ଟ୍ରେଲିଆ ଶୀର୍ଷ ୧୦ ସୁଖୀ ଦେଶ ମଧ୍ୟରେ ରହିଛି। ଏହାର ହାପିନେସ ସ୍କୋର ୭.୦୫୭ । ଦୃଢ ଅର୍ଥନୀତି, ଗଣତାନ୍ତ୍ରିକ ଅନୁଷ୍ଠାନ ଓ ଉଚ୍ଚମାନର ଜୀବନଶୈଳୀ ମାନଦଣ୍ଡରେ ଅଷ୍ଟ୍ରେଲିଆ ଅନ୍ୟ ଦେଶ ତୁଳନାରେ ବେଶ ଉନ୍ନତ । ଅଷ୍ଟ୍ରେଲିଆ ନାଗରିକମାନଙ୍କର କର୍ମମୟ ଜୀବନ ବେଶ ସନ୍ତୁଳିତ, ପରସ୍ପର ପ୍ରତି ସହଯୋଗୀ ଓ ସୁନ୍ଦର ପରିବେଶରେ ରହି ପ୍ରକୃତିକୁ ଉପଭୋଗ କରିଥାନ୍ତି ।

ଶୀର୍ଷ ୧୦ ଦେଶ ମଧ୍ୟରେ ନବମରେ ସୁଇଜରଲ୍ୟାଣ୍ଡ : ରିପୋର୍ଟ ଅନୁଯାୟୀ ବିଶ୍ୱର ନବମ ସୁଖୀ ଦେଶ ହେଉଛି ସୁଇଜରଲ୍ୟାଣ୍ଡ । ଅର୍ଥନୈତିକ କ୍ଷେତ୍ରରେ ଏହି ଦେଶ ବେଶ



ସୁଦୃଢ । ଏହ ଦେଶର ହାପନେସ ସ୍କୋର ୭.୦୬୦ । ଅନ୍ୟ ଦେଶ ତୁଳନାରେ ଏହି ଦେଶର ନାଗରିକମାନଙ୍କର ମୁଣ୍ଡପିଛା ଆୟ ବେଶ ଅଧିକ ଓ ଏଠାରେ ଦୁର୍ନୀତି ମଧ କମ ହୋଇଥାଏ । ସୁଇଜରଲାଣ୍ଡ ନାଗରିକ କେବଳ ଆର୍ଥିକ କ୍ଷେତ୍ରରେ ନୁହନ୍ତି ବରଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ମଧ ବେଶ ଉନ୍ନତ । ଏହି ଦେଶର ରାଜନୈତିକ ସ୍ଥିରତା ଓ ପ୍ରତିବଦ୍ଧତା ଏବଂ ପରିବେଶ ସନ୍ତୁଳନ ନାଗରିକମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ପ୍ରଦାନ କରିଥାଏ ଓ ଦେଶକୁ ସୁଖୀ ବନାଇଥାଏ । ଲକ୍‌ଜମବର୍ଗ : ୟୁରୋପ ମହାଦ୍ୱୀପରେ ଅବସ୍ଥିତ ଏହି ଛୋଟ ଦେଶଟି ବିଶ୍ୱର ସୁଖୀ ଦେଶ ମଧ୍ୟରେ ଅଷ୍ଟମରେ ରହିଛି । ଏହାର ହାପିନେସ ସ୍କୋର ୭.୧୨୨। ୟୁରୋପର ଏକ କ୍ଷୁଦ୍ର ଦେଶ ହେଲେ ମଧ ଏହି ଦେଶର ନାଗରିକମାନଙ୍କର ଜୀବନଶୈଳୀ ବେଶ ଉଚ୍ଚମାନର । ଦେଶର ମୁଣ୍ଡପିଛା ଜାତୀୟ ଆୟ ବେଶ ଅଧିକ । ଯାହା ଏହି ଦେଶକୁ ଆର୍ଥିକ କ୍ଷେତ୍ରରେ ସ୍ଥିରତା ପ୍ରଦାନ କରେ । ଏହି ଦେଶ ନିଜର ବହୁଭାଷିକ ସଂସ୍କୃତି, ଦୃଢ ଅର୍ଥନୀତି, ସୁନ୍ଦର ପରିବେଶ ଲୋକମାନଙ୍କ ଜୀବନଶୈଳୀକୁ ବେଶ ପ୍ରଭାବିତ କରିଥାଏ । ବିକଶିତ ସାମାଜିକ ସହଯୋଗିତା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଦେଶକୁ ସୁଖୀ ରଖିବାରେ ସାହାଯ୍ୟ କରେ । ନରୱେ : ୟୁରୋପୀୟ ଦେଶ ନରୱେ ବିଶ୍ୱର ଶୀର୍ଷ ୧୦ ସୁଖୀ ଦେଶ ମଧ୍ୟରେ ସପ୍ତମ ସ୍ଥାନ ଅଧିକାର କରିଛି । ଏହି ଦେଶର ହାପିନେସ ସ୍କୋର-୭.୩୦୨ । ଏହାର ଉଚ୍ଚ ମୁଣ୍ଡପିଛା ଆୟ, ସାମାଜିକ ସହଯୋଗ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଲୋକମାନଙ୍କୁ ବେଶ ଖୁସିରେ ରଖିଥାଏ। ନରୱେ ସରକାର ନିଜ ନାଗରିକମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ଅଧିକ ବ୍ୟୟବରାଦ କରିଥାନ୍ତି ଓ ଏହି ଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ ଜୀବନଶୈଳୀକୁ ବେଶ ପ୍ରଭାବିତ କରିଥାଏ । ନେଦରଲାଣ୍ଡ୍ସ: ବିଶ୍ୱର ସୁଖୀ ଦେଶ ମଧ୍ୟରେ ଷଷ୍ଠରେ ରହିଛି ନେଦରଲାଣ୍ଡ୍ସ। ଏହାର ସାମାଜିକ ସହଯୋଗିତା, ସ୍ଥାୟୀ ଅର୍ଥନୀତି, ସୁସ୍ଥ କର୍ମମୟ ଜୀବନ ଏଠାକାର ନାଗରିକମାନଙ୍କୁ ସୁଖୀ ରଖିଥାଏ । ବିକଶିତ ଭିତ୍ତିଭୂମୀ, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା ନାଗରିକମାନଙ୍କୁ ସୁଖଃପ୍ରଦ ଜୀବନ ପ୍ରଦାନ କରିଥାଏ । ଇସ୍ରାଏଲ : ମଧ୍ୟପ୍ରାଚ୍ୟ ଦେଶ ମଧ୍ୟରେ ଇସ୍ରାଏଲ ସବୁଠୁ ସୁଖୀ ଦେଶ ହୋଇଥିବା ବେଳେ ବୈଶ୍ୱିକ ସ୍ତରରେ ଏହି ଦେଶ ପଞ୍ଚମରେ ରହିଛି । ଏହାର ହାପିନେସ ସ୍କୋର ୭.୩୪୧ । ଦୃଢ ଅର୍ଥନୀତି, ଗଣତାନ୍ତ୍ରିକ ଅନୁଷ୍ଠାନ, ସମୃଦ୍ଧ ସଂସ୍କୃତି ଏହି ଦେଶର ନାଗରିକମାନଙ୍କ ଉତ୍ତମ ଜୀବନଶୈଳୀ ପାଇଁ ସ୍ଥାୟୀତ୍ୱ ପ୍ରଦାନ କରିଥାଏ । ସ୍ୱିଡେନ : ବିଶ୍ୱର ଶୀର୍ଷ ୧୦ ସୁଖୀ ଦେଶ ମଧ୍ୟରେ ସ୍ୱିଡେନର ସ୍ଥାନ ଚତୁର୍ଥ । ଏହାର ହାପିନେସ ସ୍କୋର-୭.୩୪୪ । ଦେଶର ସ୍ଥାୟୀ ଅର୍ଥନୀତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ସାମାଜିକ ସେବା ନାଗରିକମାନଙ୍କୁ ସୁଖୀ କରିଥାଏ । ଆଇସଲାଣ୍ଡ୍ : ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଆଇସଲାଣ୍ଡର ଦେଶବାସୀ ବେଶ ଉନ୍ନତମାନର ଜୀବନଶୈଳୀ ବିତାଇଥାନ୍ତି । ବିଶ୍ୱର ଶୀର୍ଷ ୧୦ ସୁଖୀ ଦେଶ ମଧ୍ୟରେ ଏହାର ସ୍ଥାନ ତୃତୀୟ । ଏହି ଦେଶର ହାପିନେସ ସ୍କୋର ୭.୫୨୫ । ଆଇସଲାଣ୍ଡ୍ ନାଗରିକମାନେ ପରସ୍ପରକୁ ସାହାଯ୍ୟ ସହଯୋଗ କରିବାକୁ ପସନ୍ଦ କରିଥାନ୍ତି । ଡେନମାର୍କ : ବିଶ୍ୱର ସୁଖୀ ଦେଶ ମଧ୍ୟରେ ଦ୍ୱିତୀୟରେ ରହିଛି ଡେନମାର୍କ । ଏହାର ହାପିନେସ ସ୍କୋର-୭.୫୮୩ । ଏହି ଦେଶ ନିଜର ଉଚ୍ଚସ୍ତରୀୟ ସମାନତା ଓ ବ୍ୟାପକ ସମାଜ ମଙ୍ଗଳ ବ୍ୟବସ୍ଥା ପାଇଁ ବେଶ ପରିଚିତ । ଯେଉଁଥିରେ ମାଗଣା ସ୍ୱାସ୍ଥ୍ୟସେବା, ଶିଶୁମାନଙ୍କ ଯତ୍ନ ନେବା ପାଇଁ ସବସିଡି, ଟ୍ୟୁସନ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଉଦାର ପେନସନ ଯୋଜନା ଅନ୍ତର୍ଭୁକ୍ତ। ଏହି କାରଣଗୁଡିକ ପାଇଁ ନାଗରିକମାନେ ଉଚ୍ଚମାନର ଜୀବନଶୈଳୀ କାଟିବାରେ ସକ୍ଷମ ହୋଇଥାନ୍ତି । ଫିନଲାଣ୍ଡ୍: ବିଶ୍ୱର ସବୁଠୁ ସୁଖୀ ଦେଶ ହେଉଛି ଫିନଲାଣ୍ଡ୍ । ଲଗାତର ଅନେକ ବର୍ଷ ହେଲା ଫିନଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ଦେଶ ଭାବରେ ନମ୍ବର ୱାନ ସ୍ଥାନରେ ରହିଆସୁଛି । ଏହି ଦେଶର ହାପିନେସ ସ୍କୋର- ୭.୭୪୧ । ଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ, ଦୃଢ ସାମାଜିକ ସହଯୋଗ ବ୍ୟବସ୍ଥା, ନିମ୍ନ ସ୍ତରର ଦୁର୍ନୀତି ଓ କର୍ମମୟ କ୍ଷେତ୍ରରେ ଏକ ସୁସ୍ଥ ଜୀବନଶୈଳୀ ସୁଖୀ ଦେଶ ରହିବାର ପ୍ରମୁଖ କାରଣ । ଫିନଲାଣ୍ଡ ନାଗରିକ ଏକ ଉଚ୍ଚମାନର ଜୀବନଶୈଳୀ ଅତିବାହିତ କରନ୍ତି । ଦୃଢ ସାମ୍ପ୍ରଦାୟିକ ଭାବନା ଓ ଅନ୍ୟମାନଙ୍କ ସାହାଯ୍ୟ କରିବାର ପ୍ରବୃତ୍ତି ଓ ଉଦ୍ଦେଶ୍ୟ ଏମାନଙ୍କୁ ଖୁସି ଦେଇଥାଏ । ଯେଉଁଥିପାଇଁ ଏହି ଦେଶ ପୃଥିବୀର ସବୁଠୁ ସୁଖୀ ଦେଶ ଭାବେ ପରିଚିତ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁଲାଇ ୨୦୨୪ ସୋମବାର





# ବଜେଟ୍‌ରେ ଅର୍ଥମନ୍ତ୍ରୀ ଦେଇପାରନ୍ତି ୫ ଆୟକର ଆଶ୍ୱସ୍ତି

**ନୂଆଦିଲ୍ଲୀ,** ଚଳିତ ମାସ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ ୨୦୨୪ ଆଗତ କରିବେ । ଏହି ବଜେଟ ଉପରେ ଏବେ ସାରା ଦେଶବାସୀଙ୍କ ନଜର ରହିଛି। ତେବେ ଏଥର ଅର୍ଥମନ୍ତ୍ରୀ ୫ଟି ଆୟକର ଆଶ୍ୱସ୍ତି ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ବେତନଭୋଗୀଙ୍କୁ ସନ୍ତୁଷ୍ଟ କରିବାକୁ ଏହା ଘୋଷଣା ହୋଇପାରେ। ଏଥର ବଜେଟରେ ଟିକସ ସ୍ଲାବ୍‌ରେ କିଛିଟା ପରିବର୍ତ୍ତନ କରାଯାଇ ମଧ୍ୟମ ଶ୍ରେଣୀର ଲୋକଙ୍କ ଆୟକର ହାରରେ ହ୍ରାସ କରିପାରେ । ନୂତନ ଟିକସ ବ୍ୟବସ୍ଥାରେ ବର୍ତ୍ତମାନ ସର୍ବାଧିକ ସରଚାର୍ଜ ୨୫ ପ୍ରତିଶତ ରହିଥିବାବେଳେ ତାହା ପୂର୍ବର ଟିକସ ଢାଞ୍ଚା ୩୭ ପ୍ରତିଶତରୁ ହ୍ରାସ ପାଇଛି। ତେଣୁ ନୂଆ ଟିକସ ବ୍ୟବସ୍ଥାର ସୁଫଳ ପାଇବା ପାଇଁ ପୁରୁଣା ଟିକସ ବ୍ୟବସ୍ଥାକୁ ମଧ୍ୟ ସାମିଲ କରାଯାଇପାରେ । ଆହୁରିମଧ୍ୟ କେନ୍ଦ୍ର ସରକାର ଚଳିତ ଥର ବଜେଟରେ ଆୟକର ଅଧିନିୟମର ଧାରା ୮୦ସିକୁ ନେଇ ଆୟକର ଛାଡ଼ ସୀମା ବୃଦ୍ଧି ପ୍ରସ୍ତାବ ଉପରେ କିଛି ଘୋଷଣା କରିବା ନେଇ ବେତନଭୋଗୀ ଶ୍ରେଣୀ ଆଶାବାଦୀ ରହିଛନ୍ତି। ୨୦୧୪-୧୫ ଆର୍ଥିକ ବର୍ଷରେ ଆୟକର ଛାଡ଼ ସୀମା ୧.୫ ଲକ୍ଷ ଟଙ୍କା ରହିଥିବା ବେଳେ ସେ କ୍ଷେତ୍ରରେ ଏବେ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ତେଣୁ ଉକ୍ତ ଛାଡ଼ ସୀମା ୧.୫ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରି କେନ୍ଦ୍ର ସରକାର ଅନେକ ବେତନଭୋଗୀଙ୍କୁ ଆଶ୍ୱସ୍ତି




ଦେଇ ପାରନ୍ତି। ଏହାବାଦ୍ ୨୦୧୮ ବଜେଟରେ ବେତନଭୋଗୀଙ୍କ ପାଇଁ ବାର୍ଷିକ ୪୦ ହଜାର ଷ୍ଟାଣ୍ଡାର୍ଡ ଡିଡକ୍ସନ ଘୋଷଣା କରାଯାଇଥିଲା । ସେହିପରି ୨୦୧୯ ଅନ୍ତରୀଣ ବଜେଟରେ ଉକ୍ତ ସୀମା ୫୦ ହଜାରକୁ ବୃଦ୍ଧି କରାଯାଇଥିଲା। ତା' ପରଠାରୁ ଷ୍ଟାଣ୍ଡାର୍ଡ ଡିଡକ୍ସନ ଅର୍ଥରାଶିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ତେଣୁ ଏଥର ଅର୍ଥମନ୍ତ୍ରୀ ଷ୍ଟାଣ୍ଡାର୍ଡ ଡିଡକ୍ସନ ସୀମା ବାର୍ଷିକ ୧ ଲକ୍ଷକୁ ବୃଦ୍ଧି କରିପାରନ୍ତି। ପୁରୁଣା ଟିକସ ବ୍ୟବସ୍ଥାରୁ ନୂତନ ଟ୍ୟାକ୍ସ ବ୍ୟବସ୍ଥାରେ ପ୍ରବେଶ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ କର ଛାଡ଼ର ସମ୍ଭାବନା ଉପରେ ବିଚାର କରାଯିବାର ଆବଶ୍ୟକତା ରହିଛି। ସେହିପରି ନୂଆ ଟିକସ ବ୍ୟବସ୍ଥାରେ ହ୍ରାସ ସୀମା ୩୦ରୁ ୨୫%କୁ ହ୍ରାସ ହୋଇପାରେ। ଏଥିସହିତ ସର୍ବାଧିକ ଟିକସ ବ୍ରାକେଟ ସୀମା ୧୦ ଲକ୍ଷରୁ ୨୦ ଲକ୍ଷକୁ ବୃଦ୍ଧି କରିବା ନେଇ ବିଚାର କରାଯାଉଛି । ବେତନଭୋଗୀ କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଘର ଭଡ଼ା ଭତ୍ତା (ଏଚଆରଏ) ପ୍ରଦାନ କରାଯାଇଥାଏ। ଜଣେ କର୍ମଚାରୀଙ୍କ ମୂଳ ଦରମା ଚାକିରି ସ୍ଥାନକୁ ଆଧାର କରି ଏଚଆରଏ ନିର୍ଦ୍ଧାରଣ କରାଯାଇଥାଏ। ଯେଉଁମାନେ ସେମାନଙ୍କର ହୋମ ଟାଉନ ଛାଡ଼ି ଅନ୍ୟ ସହରରେ ରହିଥାନ୍ତି ସେମାନଙ୍କୁ ଭରଘଡ଼ା କ୍ଷେତ୍ରରେ ଏକ ବଡ଼ ଆଶ୍ୱସ୍ତି ମିଳିଥାଏ। ବର୍ତ୍ତମାନ ଚେନ୍ନାଇ, ଦିଲ୍ଲୀ, କଲକାତା, ମୁମ୍ବଇ ପରି ୪ଟି ସହରରେ କର୍ମଚାରୀମାନେ ସେମାନଙ୍କର ମୂଳ ବେତନର ୫୦ ପ୍ରତିଶତ ଏଚଆରଏ ରିଆତି ପାଇବା ପାଇଁ ଯୋଗ୍ୟ ହୋଇଥାନ୍ତି। ଏଥିରେ ଅନ୍ୟ ସ୍ଥାନର କର୍ମଚାରୀଙ୍କ ପାଇଁ ବେତନର ୪୦ ପ୍ରତିଶତ ଛାଡ଼ କରାଯାଉଛି। ବର୍ତ୍ତମାନ ସମୟରେ ବେଙ୍ଗାଲୁରୁ, ଗୁରୁଗ୍ରାମ, ପୁଣେ, ହାଇଦ୍ରାବ ଭଳି ସହରଗୁଡିକରେ ମଧ୍ୟରେ ଦରଦାମ୍ ବୃଦ୍ଧି ପାଇଥିବାରୁ କେନ୍ଦ୍ର ସରକାର ଏଥର ବଜେଟର କିଛି ସହରକୁ ଏଥିରେ ଯୋଡିପାରନ୍ତି। ତେଣୁ ଏଥର ବଜେଟରେ ଏହି ସୀମା ୧୦ରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇପାରେ ।

## ଓଡ଼ିଶାରେ ଉତ୍ପାଦିତ ଗଞ୍ଜେଇ ବିଦେଶ ଚାଲାଣ ହେଉଛି
# ଜବତ ହେଲାଣି ଶହେ ଟନ୍



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଞ୍ଜେଇ ଚାହିଦା ବଢ଼ିବାରୁ କାରବାର ବଢ଼ିଛି। ଓଡ଼ିଶାର ଗଞ୍ଜେଇ ଜିଲ୍ଲା କିମ୍ବା ରାଜ୍ୟଗୁଡ଼ିକରେ ସୀମିତ ନାହିଁ, ବିଦେଶରେ ପହଞ୍ଚିଲାଣି ଗଞ୍ଜେଇ । ବିମାନ, ରେଳ ଓ ସଡ଼କ ପଥରେ ଓଡ଼ିଶାରୁ ଉତ୍ପାଦିତ ଗଞ୍ଜେଇ ବିଦେଶକୁ ଚାଲାଣ କରାଯାଉଛି। ବିଦେଶକୁ ଲମ୍ବିଛି ଗଞ୍ଜେଇ ସିଣ୍ଡିକେଟର ନେଟ୍‌ୱର୍କ। ଧାନ ଚାଷ ଭଳି ଗଞ୍ଜେଇ ଅମଳ ହେବା ପରେ ବସ୍ତାରେ ଭରିହୋଇ ସିଧା ଘରର ଅମାରକୁ ଯାଉଛି। ମାଟି ତଳେ ଖଣି କରି ପୋତିଥିବା ଗଞ୍ଜେଇକୁ ଚାଷୀ ଗଚ୍ଛିତ ରଖି ବିକ୍ରିକରୁଛି। ଚଳିତବର୍ଷ ସାରା ରାଜ୍ୟରୁ ୧ ହଜାର କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି । ନିର୍ବାଚନ ଥିବାରୁ ଗଞ୍ଜେଇ କାରବାର ରୋକିବାକୁ ଧରପଗଡ଼ କରାଯାଇଥିଲା । ତେଣୁ ବିଗତ ବର୍ଷଗୁଡ଼ିକ ଠାରୁ ଚଳିତବର୍ଷ ଅଧିକ ପରିମାଣ ଗଞ୍ଜେଇ ଜବତ ହେବ ବୋଲି ଆଶଙ୍କା କରାଯାଉଛି। ସଡ଼କ ପଥରେ ଗଞ୍ଜେଇ ଚାଲାଣ କରାଯାଉଥିଲା । କିନ୍ତୁ ଯାଞ୍ଚ ସଂଖ୍ୟା ବଢ଼ିବାରୁ ରେଳପଥରେ ଗଞ୍ଜେଇ ଚାଲାଣ ଆରମ୍ଭ ହୋଇଥିଲା। କିନ୍ତୁ ରେଳବାଇ ଲେଜର ସ୍କାନିଂରେ ଗଞ୍ଜେଇ ଭରି ବ୍ୟାଗ୍ ଧରାପଡ଼ିବା ପରେ ବଦଳିଥିଲା ବାଟ। ଏବେ ଭୁବନେଶ୍ୱର ବିମାନବନ୍ଦରରୁ ମୁମ୍ବଇକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ୧୫ କିଲୋରୁ ଅଧିକ ଗଞ୍ଜେଇ ଧରିଥିଲା କଷ୍ଟମ ବିଭାଗ । ସେହିପରି ମୁମ୍ବଇ, ଚେନ୍ନାଇ, ବେଙ୍ଗାଲୁରୁ ଓ ପୁଣେ ଭଳି ମେଟ୍ରୋସିଟିକୁ ଫୁଲବାଣୀର ଗଞ୍ଜେଇ ବହୁଳ ଚାହିଦା ରହିଛି । ମେଟ୍ରୋ ସହରରେ ଥିବା ନାଇଟ୍ କ୍ଲବ, ହୁକା ବାରରେ ଓଡ଼ିଶାର ଗଞ୍ଜେଇ କାରବାର କରାଯାଉଛି। ସେଠାକୁ ଯାଉଥିବା ଯୁବପିଢ଼ି ଗଞ୍ଜେଇ ସେବନ କରୁଛନ୍ତି । ଦୁଇଦିନ ତଳେ ଏକ ଗ୍ୟାଙ୍ଗ୍ ଧରାପଡ଼ିବା ପରେ ମେଟ୍ରୋସିଟିକୁ ଓଡ଼ିଶାର ଗଞ୍ଜେଇ ଚାଲାଣ କରାଯାଉଥିବାର ପ୍ରମାଣ ମିଳିଥିଲା । ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୩ ରେ ସାରାରାଜ୍ୟରୁ ୧୮୫୦ କ୍ୱିଣ୍ଟାଲ ଗଞ୍ଜେଇ, ୨୦୨୨ରେ ୧୧୭୭ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିଲା । ଏହି ଦୁଇବର୍ଷରେ ୩୦୨୭ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ୨୦୨୩ରେ ଗଞ୍ଜେଇ କାରବାର ଜନିତ ୧୧୬୩ଟି ମାମଲାରେ ୧୬୦୪ ଗଞ୍ଜେଇ ମାଫିଆଙ୍କୁ ଗିରଫ କରାଯାଇଥିଲା। ଅନୁରୂପ ଭାବେ ୨୦୨୨ରେ ୧୧୭୭ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରିବା ସହ ୧୭୬୩ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୧ରେ ୧୯୭୫ କ୍ୱିଣ୍ଟାଲ, ୨୦୨୦ରେ ୧୩୭୪ କ୍ୱିଣ୍ଟାଲ ଓ ୨୦୧୯ ରେ ମସିହା ୬୧୮ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି । ଚଳିତବର୍ଷ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଚଳିତବର୍ଷ ୫୫ଟି ମାମଲାରେ ୯୧ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୬୮୩ କିଲୋ। ଗଞ୍ଜେଇ ଜବତ କରାଯାଇଛି । ରାଜ୍ୟର ପାହାଡ଼ିଆ ଅଞ୍ଚଳରେ ଏକର ଏକର ଜମିରେ ଗଞ୍ଜେଇ ଚାଷ କରାଯାଇ ଅମଳ କରାଯାଇଛି । ବୌଦ୍ଧ, ମାଲକାନାଗିରି, କନ୍ଧମାଳ, ଗଜପତି ଓ କୋରାପୁଟ ଜିଲ୍ଲାରେ ସର୍ବାଧିକ ଗଞ୍ଜେଇ ଜବତ ହୋଇଛି । ଏହାର ପଛକୁ ବୌଦ୍ଧ, କନ୍ଧମାଳ, ଗଜପତି, ଅନୁଗୁଳ, ନୂଆପଡ଼ା, ଗଞ୍ଜାମ, ରାୟଗଡ଼ା, ମାଲକାନାଗିରି, କଳାହାଣ୍ଡି ଭଳି ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରାଯାଇଛି। ପରେ ଚଣ୍ଡିଗଡ଼, ବିହାର, ଝାଡଖଣ୍ଡ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ବିଶାଖାପାଟଣା, ମହାରାଷ୍ଟ୍ର, ଦିଲ୍ଲୀ, ହରିଆଣା ଓ ଉତ୍ତରପ୍ରଦେଶ ଭଳି ରାଜ୍ୟକୁ ଚାଲାଣ କରାଯାଉଛି। ଗଞ୍ଜେଇ ଚାଲାଣ ଲାଗି କୋଲକାତାରେ ସ୍ୱତନ୍ତ୍ର ଗ୍ୟାରେଜ୍ ରହିଛି ଯେଉଁଠାରେ ଗାଡ଼ିର ସିକ୍ରେଟ୍ ଚାମ୍ବର ତିଆରି କରାଯାଉଛି । ନୂଆ କାର୍, ଟାଟାଏସି, ଟ୍ରକ, କଣ୍ଟେନର, ପିଚୁ ଓ ମୋରମ୍ ବୋଝେଇ ହାଇୱା ନଡ଼ିଆ କତା, ପେଟ୍ରୋଲ କିମ୍ବା ଡିଜେଲ୍ ଟ୍ୟାଙ୍କର ପରିବା ଗାଡ଼ି, କଦଳୀ ବୋଝେଇ ଗାଡ଼ିରେ ଚାଲାଣ କରାଯାଉଛି ।

# ଥାନା ପଛପଟ ହାଟରେ ଜୁଆ ଆଡ଼ା: ୫ ପରିଚାଳକ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୧ ନମ୍ବର ହାଟରୁ କ୍ୟାପିଟାଲ୍ ଥାନା ପୁଲିସ ଏକ ଜୁଆ ଆଡ଼ା ଠାବ କରିଛି। ଏହି ଜୁଆ ଆଡ଼ା ପରିଚାଳନା କରୁଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଞ୍ଜାମ ବୁଗୁଡ଼ାର ନୀଳମାଧବ ଗୌଡ଼, ଜଟଣୀ ଲୋକୋ କଲୋନିର ଧନଞ୍ଜୟ ମଲ୍ଲିକ, ଚନ୍ଦକା ପାଇକାରପୁରର ସୁ ବୋଧ ମହାରଣା, ନୟାଗଡ଼ର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ପୁରୁଣା ଭୁବନେଶ୍ୱର ହାଟସାହିର ବୁବୁ ମହାରଣା। ସେମାନଙ୍କ ନିକଟରୁ ନଗଦ ୨୧ ହଜାର ଟଙ୍କା, ୩ ମୋବାଇଲ୍, ୨ କାର୍ଡ ବୋର୍ଡ, ୨ ୟୁପିଆଇ ସ୍କାନର ଜବତ କରାଯାଇଛି। କ୍ୟାପିଟାଲ୍ ଥାନା ପଛପଟେ ଦୀର୍ଘ ଦିନ ହେଲା ଚାଲୁଥିବା ଏହି ଜୁଆ ଆଡ଼ା ଆଜି ପୁଲିସ ନଜରକୁ ଆସିବା ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧ ନମ୍ବର ହାଟ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଥାନା ପଛପଟେ ଖୋଲାଖୋଲି ଭାବେ ଏହି ଜୁଆ ଆଡ଼ା କିଭଳି ଚାଲୁଥିଲା ବୋଲି



ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି। ପୁଲିସ ଆଖିରେ ପଡୁ ନଥିଲା କି ଜାଣିଶୁଣି ପୁଲିସ ସବୁ ଦେଖି ନ ଦେଖିବାର ଅଭିନୟ କରୁଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସେହିପରି ନିତିଦିନିଆ ଜୁଆଡ଼ିମାନେ ହାରିଲେ କି ଜିତିଲେ, କିଛି ଫରକ୍ ପଡୁ ନଥିଲା। ଅନେକ ବ୍ୟବସାୟୀ ବିପୁଳ କ୍ଷତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ପୁଲିସରେ ଅଭିଯୋଗ କରି ନଥିଲେ। ନିକଟରେ ହାଟକୁ ଆସିଥିବା ଜଣେ ବ୍ୟକ୍ତି ହଠାତ୍ ଜୁଆ ଖେଳ ହେଉଥିବା ଜାଣି ସେଠାକୁ ଯାଇଥିଲେ। ଖେଳୁ ଖେଳୁ ସେ ଲକ୍ଷାଧିକ ଟଙ୍କା ହରାଇଥିଲେ। ସେ ଦେଖିଲେ ଯେ ଆଡ଼ା ପରିଚାଳକମାନେ ବଡ଼ ଚତୁରତାର ସହ ଠକୁଛନ୍ତି। ସବୁବେଳେ କମ୍ ଟଙ୍କା ଲାଗିଥିବା ନମ୍ବର ବୋର୍ଡରେ ଉଠୁଛି। ତେଣୁ ତାଙ୍କର ସନ୍ଦେହ ହୋଇଥିଲା ଏବଂ ସେ ଆଡ଼ା ଚାଳକଙ୍କୁ ବିରୋଧ କରିଥିଲେ। କିନ୍ତୁ ତାଙ୍କ କଥାକୁ ଆଡ଼ା ଚାଳକମାନେ କର୍ଣ୍ଣପାତ କରି ନଥିଲେ। ତେଣୁ ସେ କ୍ୟାପିଟାଲ୍ ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣାକୁ ନେଇ ସେ ଗଣମାଧ୍ୟମକୁ ଜଣାଇବେ ବୋଲି କହିବା ପରେ ପୁଲିସ ତତ୍ପର ହୋଇଉଠିଥିଲା। ଏମିତିକି ବହୁ ଲୋକେ ପୁଲିସ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ଗିରଫ ୫ଜଣଙ୍କ ପଛରେ କିଛି ବଡ଼ବଡ଼ିଆଙ୍କ ହାତ ରହିଛି ବୋଲି ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଏହି ଜୁଆ ଖେଳର ତରିକା ଥିଲା ନୂଆ। କାର୍ଡ ବୋର୍ଡରେ ଲେଖା ଥିବା କିଛି ନମ୍ବର ଉପରେ ଲୋକେ ଟଙ୍କା ଲଗାଉଥିଲେ। କିଛି ଜୁଆଡ଼ି ସିଧାସଳଖ ଟଙ୍କା ଲଗାଉଥିଲେ ତ ଆଉ କିଛି ୟୁପିଆଇ ସ୍କାନର ଜରିଆରେ ଅନ୍‌ଲାଇନ୍ ଟଙ୍କା ଲଗାଉଥିଲେ। ବୋର୍ଡରେ ଯେଉଁ ନମ୍ବର ଉଠୁଥିଲା, ସେଥିରେ ଟଙ୍କା ଲଗାଇଥିବା ଲୋକଙ୍କୁ ୨ ଗୁଣା ଫେରସ୍ତ ମିଳୁଥିଲା। ବାକି ନମ୍ବରରେ ଲାଗିଥିବା ଟଙ୍କା ଆଡ଼ା ପରିଚାଳକଙ୍କ ପକେଟ୍‌କୁ ଯାଉଥିଲା। ହାଟରେ କାମ କରୁଥିବା କିଛି ଶ୍ରମିକ, ହାଟରେ ଗାଡ଼ି ଲଗାଇଥିବା ଗାଡ଼ି ମାଲିକ, ଚାଳକ ଓ କିଛି ବ୍ୟବସାୟୀ ଏଠାରେ ନିତିଦିନ ଖେଳୁଥିଲେ।

# ଜାତୀୟ ରାଜପଥରେ ବେଆଇନ ପାର୍କିଂ ହେଲେ ହେବ କାର୍ଯ୍ୟାନୁଷ୍ଠାନ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ଜାତୀୟ ରାଜପଥ ଉପରେ ବାରମ୍ବାର ସଚେତନତା ସତ୍ତ୍ୱେ ହେଉଥିବା ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ଘଟିବା ସହ ଲୋକଙ୍କ ଗମନା ଗମନରେ ଅନେକ ବାଧା ସୃଷ୍ଟି ହେଉଛି। ଦିନକୁ ଦିନ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇବାର ଦେଖାଅ ଯାଉଛି। ଏହାକୁ ରୋକିବା ପାଇଁ କେନ୍ଦୁଝର ଜିଲ୍ଲାପାଳ ତଥା ଆରଟିଏର ଅଧକ୍ଷ ବିଶାଳ ସିଂହ ଜାତୀୟ ରାଜପଥରେ ବେଆଇନ ପାର୍କିଂ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଚିଠି ନମ୍ବର ୩୩୯୯ ତା ୧୯/୦୭/୨୦୨୪ ମାଧ୍ୟମରେ ଏହି ନିର୍ଦ୍ଦେଶନାମା ଜାରୀ କରାଯାଇଛି । ଏଥିରେ ୨୫/୦୭/୨୦୨୪ ତାରିଖ ଠାରୁ ୨୪/୦୮/୨୦୨୪ ମଧ୍ୟରେ ବେଆଇନ ପାର୍କିଂ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ କରାଯାଇଛିଛି । ଜାତୀୟ ରାଜପଥ ୨୦ ର ରାମଚନ୍ଦ୍ରପୁର, ରିମୁଳି, ଚମ୍ପୁଆ,ଜାତୀୟ ରାଜପଥ ୪୯ର ତୁରୁମୁଙ୍ଗା ଠାରୁ ବିଞ୍ଜବାହାଳ, ଜାତୀୟ ରାଜପଥ ୫୨୦ର ରିମୁଳି ଠାରୁ ରୁଗୁଡି, ଜାତୀୟ ରାଜପଥ ୨୨୦ର ଡେଙ୍କିକୋଟ-ପାଟଣା-ସାହାରପଡା, ନରଣପୁର-ଡୁବୁରୀ ଜାତୀୟ ରାଜପଥ-୭୨୦ ର ନରଣପୁର ଠାରୁ ବ୍ରାହ୍ମଣୀପାଳ,ଏକ୍ସପ୍ରେସ ୱେ(୨) ରଣାଶାଳଘାଟି,ପୂର୍ତ୍ତ ବିଭାଗ ରାସ୍ତାର ଯୋଡା-ବାମେବାରୀ-ପଳାଶପଙ୍ଗା ରାସ୍ତାରେ ଏହି କଟକଣା ୧ ମାସ ପାଇଁ ଜାରୀ କରାଯାଇଛି




# ପାତ୍ରପଡ଼ା ଜମି କେଳେଙ୍କାରୀ: ଯାଞ୍ଚ ଆରମ୍ଭ କଲେ ତହସିଲଦାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ପାତ୍ରପଡ଼ା ମୌଜାର ଜାତୀୟ ରାଜପଥ କଡ଼ରେ ଥିବା ବିବାଦୀୟ ୭.୫ ଏକର ସରକାରୀ ଜମିର ତଦନ୍ତ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ତହସିଲଦାର ଏହାର ଯାଞ୍ଚ ଆରମ୍ଭ କରିଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ରିପୋର୍ଟ ଦାଖଲ ହେବ ବୋଲି କୁହାଯାଉଛି। ଏଣେ ପାତ୍ରପଡ଼ା ବେଆଇନ ଜମିବିକ୍ରିର କ୍ରେତା ତାଲିକାରେ ଆଇପିଏସ୍ ଅଧିକାରୀ ପୂର୍ବତନ ଡିଜି ସଞ୍ଜୀବ ମାରିକଙ୍କ ପୁଅ ସୁଦୀପ ମାରିକ, ଆଇପିଏସ୍ ଏମ୍ ନାଗେଶ୍ୱର ରାଓ, ତାଙ୍କ ପତ୍ନୀ ଏବଂ ଆଇପିଏସ୍ ଶ୍ୟାମସୁନ୍ଦର ହାଁସଦା, ତାଙ୍କ ପତ୍ନୀ ଓ ପୁଅଙ୍କ ସହିତ ଜିଏ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ପରେ ଆଉ ଗୋଟିଏ ନାଁ ସାମ୍ନାକୁ ଆସିଛି। ସେ ହେଉଛନ୍ତି କ୍ରାଇମ ବ୍ରାଞ୍ଚ କାର୍ଯ୍ୟାଳୟର ଡିଏସ୍‌ପି ରମେଶ ଚନ୍ଦ୍ର ଦୋରା। ୨୦୧୬ ମସିହାରେ ସେ ମୀନାକ୍ଷୀ ଜେନାଙ୍କ ଠାରୁ ୯୦ ଡିସମିଲ ଜମି ନେଇଛନ୍ତି।




ସମ୍ବଲପୁରରେ କାର୍ଯ୍ୟରତ ଥିବାବେଳେ ଶ୍ରୀ ଦୋରାଙ୍କ ବିରୋଧରେ ପୂର୍ବରୁ ନକଲି ଜାତି ପ୍ରମାଣପତ୍ର ଦାଖଲ ନେଇ ମଧ୍ୟ ଅଭିଯୋଗ ରହିଥିଲା। ଓଡ଼ିଶା ସୂଚନା ଅଧିକାର ଅଭିଯାନର ଅଭିଯୋଗ ଅନୁଯାୟୀ, ୧୯୮୦ ମସିହାରେ ନରସିଂହ ସୁନ୍ଦରରାୟ, ତାଙ୍କ ସମ୍ପର୍କୀୟ ମିନାକ୍ଷୀ ଜେନା, ଅଶୋକ ସୁନ୍ଦରରାୟ ଓ ଶୈଳବାଳା ଜେନାଙ୍କୁ ୧.୫ ଏକର ହିସାବରେ ମୋଟ୍ ୬ ଏକର ଜମି ଲିଜ୍ ପ୍ରଦାନ କରିଥିଲେ ରାଜ୍ୟ ସରକାର। ସେମାନେ ନିଜକୁ ଭୂମିହୀନ ଦର୍ଶାଇଥିବାରୁ ଚାଷ କରିବା ପାଇଁ ଏହା ଦିଆଯାଇଥିଲା। ତେବେ ୨୦୦୨ ମସିହାରେ ଭୁବନେଶ୍ୱର ଉପଜିଲ୍ଲାପାଳ ଏହି ଲିଜ୍‌କୁ ବାତିଲ କରି ସମୁଦାୟ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିଥିଲେ। କିନ୍ତୁ ହାତଲେଖା ପଟ୍ଟା ଜରିଆରେ ଏହି ବ୍ୟକ୍ତିମାନେ ବାତିଲ ହୋଇଥିବା ଲିଜ୍ ଜମିକୁ ୨୭ଥର ବିକ୍ରି କରିଛନ୍ତି। ଏହି ସରକାରୀ ମାଲିକାନା ତାଲିକାରେ ପ୍ରଥମେ ୪ ଜଣ ଆଇପିଏସ୍ ଅଧିକାରୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମ ଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଆରପି କୋଟେ ଉକ୍ତ ସେଲ୍ ଡିଡ୍‌କୁ ବାତିଲ କରି ଦେଇଥିବା ଜଣାପଡ଼ିଥିଲା। ଏହି ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପାତ୍ରପଡ଼ା ଜମିକ୍ରୟ ବେଳେ ଠକେଇର ଶିକାର ହୋଇ ପୂର୍ବରୁ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଏମ୍ ନାଗେଶ୍ୱର ରାଓ। ଏହି ଜମିକ୍ରୟକୁ ନେଇ ନାଗେଶ୍ୱର ରାଓ ଓ ସଞ୍ଜୀବ ମାରିକ ଖୋଲାଖୋଲି ଭାବରେ ପରସ୍ପରକୁ ସମାଲୋଚନା କରିବାକୁ ମଧ୍ୟ ପଛାଇ ନଥିଲେ। ଏହି ଘଟଣାର ତଦନ୍ତ ପାଇଁ ଅଭିଯୋଗକାରୀ ଓଡ଼ିଶା ସୂଚନା ଅଧିକାର ଅଭିଯାନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲା। ଜମି କେଳେଙ୍କାରୀର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଜିଏ ବିଭାଗକୁ ତଦନ୍ତର ଦାୟିତ୍ୱ ଦେଇଛନ୍ତି। କିନ୍ତୁ ଏବେ ଉକ୍ତ ସରକାରୀ ଜମିର କ୍ରେତା ତାଲିକାରେ ଜିଏ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ନାମ ଆସିବା ପରେ ଜିଏ ବିଭାଗ କିଭଳି ତଦନ୍ତ କରିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏବେବି ଏହି ସରକାରୀ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ସ୍ଥଗିତ କରାଯାଇ ନାହିଁ। ବିଡିଏ ପକ୍ଷରୁ ଏହି ଜମି ନେଇ କଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ନାହିଁ। ତେବେ ଉକ୍ତ କେଳେଙ୍କାରୀ ନେଇ ତହସିଲଦାରଙ୍କ ରିପୋର୍ଟ ଉପରେ ସମସ୍ତଙ୍କ ଆଖି ରହିଛି। ଏହାପରେ ଅନେକଙ୍କ ମୁଖା ଖୋଲିବ ବୋଲି ଆଶା କରାଯାଉଛି।

# ପୋଲିସକୁ ଆକ୍ରମଣ ଘଟଣା : ୬ ମହିଳାଙ୍କ ସମେତ ୩୩ ଗିରଫ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକ ଜମି ମାପଚୁପକୁ ବିରୋଧ କରି ପୁଲିସକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ରାଜଧାନୀ ଉପକଣ୍ଠ ମଧୁପୁର ଗାଁର ୩୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୬ ମହିଳା ଅଛନ୍ତି। ସମସ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୯(ଆଇପିସି ଦଫା ୩୦୭)ରେ ମାମଲା ରୁଜୁ କରାଯାଇଛି। ଗିରଫଦାରୀ ବଢ଼ିବା ଡରରେ ଗାଁ ପୁରୁଷଶୂନ୍ୟ ହୋଇଯାଇଛି। ବହୁ ମହିଳା ମଧ୍ୟ ପିଲାଛୁଆଙ୍କୁ ଧରି ଗାଁ ଛାଡ଼ି ପଳାଇଛନ୍ତି। ପୁଲିସ ଚଢ଼଼ଉ ଭୟରେ ଗାଁରେ ଭୟର ବାତାବରଣ ଲାଗିରହିଛି। ଏବେ ଗାଁରେ କିଛି ବୟସ୍କ ଲୋକ ଓ ନାବାଳକମାନଙ୍କୁ ଦେଖିବାକୁ ମିଳୁଛି। ୧୦ ତାରିଖ ଦିନ ଏହି ଗଣ୍ଡଗୋଳ ଘଟିଥିଲା। ମଧୁପୁର ଗାଁ ମୁଣ୍ଡରେ ରଞ୍ଜନ ମହାପାତ୍ରଙ୍କର ଏକ ଜମିକୁ ନେଇ ଏହି ଗଣ୍ଡଗୋଳ ଘଟିଥିଲା। ଗ୍ରାମବାସୀମାନଙ୍କ କହିବା କଥା ଜମିଟି ବହୁ କାଳରୁ ପଡ଼ିଆ ପଡ଼ିଛି। ଗ୍ରାମବାସୀମାନେ ଗାଁର ପର୍ବପର୍ବାଣୀ ପାଇଁ ଜମିକୁ ବ୍ୟବହାର କରିଆସୁଛନ୍ତି। ତେଣୁ ଜମିଟି ସରକାରୀ। ଏବେ ରଞ୍ଜନ ମହାପାତ୍ର ଜାଲ୍ କାଗଜପତ୍ର ବଳରେ ଏହି ଜମିକୁ କବ୍‌ଜା କରିବାକୁ ବସିଛନ୍ତି। ସେମାନେ ଗାଁ ଜମି ଛାଡ଼ିବେ ନାହିଁ। କିନ୍ତୁ ରଞ୍ଜନଙ୍କ ସୂଚନାନୁସାରେ ଜମିଟି ମୂଳରୁ ସ୍ଥିତିବାନ ଓ ତାହାର ମୂଳ ମାଲିକ ହେଉଛନ୍ତି ଗଙ୍ଗପଡ଼ା ଗ୍ରାମଡିହର ଟିକନ ପଟ୍ଟନାୟକ। ସ୍ୱର୍ଗତ ଟିକନ ୯୦ ଦଶକରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କୁ ବିକ୍ରି କରିଥିଲେ ଏବଂ ୨୦୦୨/୦୩ରେ ଶ୍ରୀ ଢାଲିଙ୍କଠାରୁ ସେ ଏହି ଜମି କିଣିଥିଲେ। ଜମିର ରେକର୍ଡପତ୍ର ସବୁ ଠିକ୍ ଅଛି। କିନ୍ତୁ ନିହାତି ଆବଶ୍ୟକ ପଡ଼ି ନଥିବାରୁ ଜମିଟି ପଡ଼ିଆ ପଡ଼ିଥିଲା। ଏବେ ସେ ଜମି ଚାରିପଟେ ପାଚେରି କରିବାକୁ ପ୍ରସ୍ତୁତ ହେବା ବେଳେ ଗ୍ରାମବାସୀମାନେ ବିରୋଧ କରୁଛନ୍ତି। ଜମିଟି ସରକାରୀ ବୋଲି ଭୁଲ୍ ଅଭିଯୋଗ କରି ଗଣ୍ଡଗୋଳ କରୁଛନ୍ତି। ଏମିତିକି ଜମି ଦଖଲ ନେବାକୁ ହେଲେ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ତେଣୁ ବାଧ ହୋଇ ସେ ପୁଣି ସରକାରୀ ମାପଚୁପ କରାଇବାକୁ ରାଜସ୍ୱ ବିଭାଗ ଓ ପୁଲିସର ସହାୟତା ନେଇଥିଲେ।

୧୦ ତାରିଖ ଦିନ ଚନ୍ଦକା ଥାନା ପୁଲିସ ଉପସ୍ଥିତିରେ ସରକାରୀ ଅମିନ ଓ ଆରଆଇଙ୍କ ଉପସ୍ଥିତିରେ ମାପଚୁପ ହେଉଥିଲା। ହଠାତ୍ ଗ୍ରାମର ପୁରୁଷ ଓ ମହିଳାମାନେ ସେଠାରେ ପହଞ୍ଚି ମାପଚୁପ ବନ୍ଦ କରିବାକୁ ଅଡ଼ି ବସିଥିଲେ। ପୁଲିସ ସେମାନଙ୍କୁ ବୁଝାସୁଝା କରିଥିଲା। କିନ୍ତୁ ଗ୍ରାମବାସୀମାନେ ପୁଲିସ କଥା ଶୁଣି ନଥିଲେ। କଥା କଟାକଟିରୁ ଗଣ୍ଡଗୋଳ ବଢ଼ିଥିଲା। ଗ୍ରାମବାସୀମାନେ ଉଭୟ ଜମି ମାଲିକ ରଞ୍ଜିତ ଓ ପୁଲିସକୁ ଆକ୍ରମଣ କରିଥିଲେ। ପୂର୍ବରୁ ଗଣ୍ଡଗୋଳ ପାଇଁ ପ୍ରସ୍ତୁତ ହୋଇଥିବା ଗ୍ରାମବାସୀମାନେ ଠେଙ୍ଗାବାଡ଼ି, ବହ୍ଲ ଆଦି ଧରି ଆକ୍ରମଣ କରିଥିଲେ। ହାତଗଣତି କିଛି ପୁଲିସ କର୍ମଚାରୀ ଗ୍ରାମବାସୀଙ୍କ ଉଗ୍ର ରୂପ ଦେଖି ଭୟରେ ଘଟଣାସ୍ଥଳରୁ ଦୌଡ଼ିଥିଲେ। ତଥାପି ଗ୍ରାମବାସୀମାନେ ପୁଲିସ ପିଛା ଛାଡ଼ି ନଥିଲେ। ସେମାନେ ଗୋଡ଼ାଇ ଗୋଡ଼ାଇ ପୁଲିସ କର୍ମଚାରୀମାନଙ୍କୁ ପିଟିପିଟି ଲହୁଲୁହାଣ କରିଥିଲେ। ଏତିକିରେ ସେମାନଙ୍କ ରାଗ ଶାନ୍ତ ପଡ଼ି ନଥିଲା। ପୁଲିସ ବିରୋଧରେ ପାଲଟା ଅଭିଯୋଗ କରି କାଟେଣୀ-ଶ୍ୟାମପୁର ରାସ୍ତା ଅବରୋଧ କରିଥିଲେ। ପରେ ଚନ୍ଦକା ଥାନା ଅଧିକ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର


| | | |
|---|---|---|
| ୧୧ ୧୨ ଚନ୍ଦ୍ର | ୧୦ | ରାଃ୯ ଶ୍ରୀ୮ |
| ରଲଶୁ | ୨୨ / ୧୦ | ୭ |
| ୨ବୃ ୩କେ | ୪ | ୬ର ୫ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ


**ତା୨୨।୭।୨୦୨୪, ଶ୍ରାବଣ ଦି୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୮।୫୫** **ଚନ୍ଦ୍ରୋଦୟ- ରାଘ ୭।୩୨।୧୩**

**ପ୍ରତିପଦ**- ଦିଘ ୧।୧୨ । **ଶ୍ରବଣା ନକ୍ଷତ୍ର** – ରାଘ ୧୦।୨୧ ପର୍ଯ୍ୟନ୍ତ । **ମକର ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**- ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ପ୍ରତିପଦ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ପାଣି କଖାରୁ ଦିଘ ୧।୧୨ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୩ ଗତେ ଘ ୬।୫୯ ମଧ୍ୟେ, ଦିଘ ୧୦।୩୫ ଗତେ ଘ ୧।୧୧ ମଧ୍ୟେ। **ପର୍ବୋତ୍ସବ** – ଶ୍ରାବଣ ସୋମବାର, ବୋଲ୍‌ବମ୍ ଯାତ୍ରା ଆରମ୍ଭ ।



**ମେଷ:** ଅଟକି ରହିଥିବା କାମ ଗୁଡିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଆବଶ୍ୟକତା ଠାରୁ ଅତ୍ୟଧିକ ଆୟ ହେବ। ପରିବାରରେ ଅଯଥା କଳହ ସୃଷ୍ଟି ଓ ପରେ ପଶ୍ଚାତାପର ଆଶଙ୍କା ମଧ୍ୟ ରହିଛି।



**ବୃଷ:** ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପର ହେବେ। ଆଚାର ବ୍ୟବହାରରେ କିଛିଟା ପରିବର୍ତ୍ତନ ଦେଖାଦେବ। ଅହଂକାର ଦେଖାଦେବ। କାରବାରରେ ଲାଭବାନ ହେବେ। ଆଳସ୍ୟ ପରାୟଣ ହେବେ। ପାରିବାରିକ ଶାନ୍ତି ଲାଭ ହେବ।



**ମିଥୁନ:** ପାରିବାରିକ ସମସ୍ୟାର ସମାଧାନ ଘଟିବାର ସମ୍ଭାବନା। ଦୂରଯାତ୍ରା କରି ଆନନ୍ଦ ପ୍ରାପ୍ତ ହେବ। ଆହାରେ ତୃପ୍ତି। ରୋଜଗାରରେ ଶିଥିଳତା ବନ୍ଧୁଙ୍କ ସାହାର୍ଯ୍ୟ ସହଯୋଗ ପ୍ରାପ୍ତ ହେବ। ସୁଖ ଓ ସମ୍ମାନ ପ୍ରାପ୍ତ ହେବ।



**କର୍କଟ:** ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି। ଧର୍ମ କାର୍ଯ୍ୟ କରିବାର ସୁଯୋଗ । ଆର୍ଥିକ ସ୍ଥିତି ଭଲ ରହିବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।




**ସିଂହ:** କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାକୁ ନେଇ କଳହ ସୃଷ୍ଟି ହୋଇପାରେ। ଗୃହକୁ ସୌଖିନ ଜିନିଷ ଆଣିପାରନ୍ତି, ସମ୍ମାନ ପାଇବେ। ଆୟରେ ଉନ୍ନତି ହେବ। ପାରିବାରିକ କଳହ ଦେଖାଦେବାର ସୂଚନା।




**କନ୍ୟା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବ ନାହିଁ। ପରିବହନ କ୍ଷେତ୍ରରେ ସମସ୍ୟା ଦୂରେଇ ଯିବ। ଆତ୍ମୀୟ ମାନେ ଶତ୍ରୁତା ଆଚରଣ କରିବେ। ପର ପାଇଁ ହଇରାଣ ହେବେ। ଘରେ ଆନନ୍ଦ ଓ ଶାନ୍ତି ଲାଭ।



**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ଘଟିବ। ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ଚାକିରୀ କ୍ଷେତ୍ରରେ ଲାଭବାନ ହେବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବ ନାହିଁ । ଖର୍ଚ୍ଚର ମାତ୍ରା ଅଧିକ ହେବ। ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା।



**ଧନୁ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ପରୋପକାର କରି ଆନନ୍ଦିତ ହେବେ। ରୋଜଗାର ଭଲ ହେବ। ଘରେ ଆନନ୍ଦ ଦେଖାଦେବ। ଦେବ ଦର୍ଶନ ସହିତ ଭ୍ରମଣ କରିବାର ସୁଯୋଗ।



**ମକର:** ଶତ୍ରୁ ବଢିବ। ନିଜ ଲୋକ ବିପରୀତ ବ୍ୟବହାର କରିବେ। ଆପଣଙ୍କ ଉନ୍ନତି ପଥରେ ବାଧା ଉପୁଜିପାରେ। ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ। ଆୟ ସାମାନ୍ୟ ବଢିବ। ଗୃହେ ଆନନ୍ଦ ଦେଖାଦେବ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ। ତେଣୁ ସାବଧାନତା ଅବଲମ୍ବନୀୟ। ଆୟ ଅପେକ୍ଷା ବ୍ୟୟ ବଢିବ। ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ। ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ।



**ମୀନ:** ପରିଶ୍ରମର ଫଳ କର୍ମକ୍ଷେତ୍ରରେ ଆପଣ ଅନୁଭବ କରିବେ। ଆଶା ଜନକ ଫଳ ଲାଭ କରି ନିଜର ବୈଶିଷ୍ଟ ପ୍ରତିପାଦକ କରିବେ। ପାରିବାରିକ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବ। ରୋଜଗାର ଭଲ ହେବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨୩।୭।୨୦୨୪, ଶ୍ରାବଣ ଦି୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୯।୧୭** **ଚନ୍ଦ୍ରୋଦୟ- ରାଘ ୮/୧୭/୧୩**

**ଦ୍ୱିତୀୟା**- ଦିଘ ୧୦।୨୪ ପର୍ଯ୍ୟନ୍ତ । **ଧନିଷ୍ଠା ରାଘ ୮/୧୮ ପର୍ଯ୍ୟନ୍ତ।** **ମକର ଚନ୍ଦ୍ର**- ଦିଘ ୯। ୨୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି**- ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର ଦିଘ ୯।୨୦ ଗତେ ମେଷ, ବୃଷ, ସିଂହ, କନ୍ୟା, ଧନୁ ଓ କୁମ୍ଭ ରାଶିର। **ଘାତଚନ୍ଦ୍ର**- ସିଂହ ରାଶିର ଦିଘ ୬।୨୦ ଗତେ ମିଥୁନ ଓ ମୀନ ରାଶିର। । **ଶ୍ରାଦ୍ଧନିର୍ଣ୍ଣୟ**- ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବୋଇତ କଖାରୁ ଦିଘ ୧୦।୨୪ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୮।୩୮ ଗତେ ଘ ୧୦।୩୫ ମଧ୍ୟେ, ଦିଘ ୧।୧୧ ଗତେ ଘ ୧।୩୦ ମଧ୍ୟେ **ପର୍ବୋତ୍ସବ** – ଲୋକମାନ୍ୟ ତିଳକଙ୍କ ଜନ୍ମଦିବସ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ହାଣ୍ଡିଶାଳ ଉପରେ ମାଡ଼

ଗତ କିଛି ମାସ ଧରି ଦେଶରେ ରୋଷେଇ ସାମଗ୍ରୀ ଦାମ୍‌ରେ ଯେଉଁଭଳି ବୃଦ୍ଧି ଘଟିଛି ତାହା ଗୃହସ୍ୱାମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସ୍ୱଳ୍ପ ଆୟରେ ଘର ଚଳାଇବା ବହୁ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। କେବଳ ଟମାଟୋ ମୂଲ୍ୟ ବେଲଗାମ ହୋଇନାହିଁ, ରୋଷେଇ କାର୍ଯ୍ୟରେ ବ୍ୟବହାର ହେଉଥିବା ବହୁ ସାମଗ୍ରୀ ମହଙ୍ଗା ହୋଇଛି। ସରକାର ଜାରି କରିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି ଡାଲି ଓ ତରକାରୀର ଅବିଚ୍ଛେଦ୍ୟ ଅଂଶ ବୋଲି କୁହାଯାଉଥିବା ଟମାଟୋ ଦାମ ୧୦୦ ଟଙ୍କାରୁ ଅଧିକ ଦାମ୍‌ରେ ବିକ୍ରି ହେଉଛି। କେତେକ ସ୍ଥାନରେ ଏହାର ଦାମ ୨୫୦ ଟଙ୍କାରୁ ବି ଅଧିକ ରହିଛି। ତେବେ ସଂସଦରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପ୍ରଦାନ କରିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଗତ ଏକ ବର୍ଷ ଭିତରେ ହରଡ଼ ଡାଲି ଦାମ୍‌ରେ ସର୍ବାଧିକ ୨୮% ବୃଦ୍ଧି ହୋଇଛି। ଚାଉଳ ଦାମ୍ ୧୦.୫% ବଢ଼ିଥିବା ବେଳେ ବିରି ଓ ଅଟା ୮% ଲେଖାଏଁ ମହଙ୍ଗା ହୋଇଛି। ବର୍ଷକ ପୂର୍ବେ ଚାଉଳ କେ.ଜି ୩୭ ଟଙ୍କାରେ ବିକ୍ରି ହେଉଥିଲା। ଏବେ ସେହି ଦାମ୍ ୪୧ ଟଙ୍କାକୁ ବୃଦ୍ଧି ପାଇଛି। ଉତ୍ପାଦନରେ ହ୍ରାସ ହୋଇଥିବାରୁ ହରଡ଼ ଡାଲି ଦାମ ବୃଦ୍ଧି ପାଇଛି ବୋଲି ସରକାର କହିଛନ୍ତି। ସରକାରଙ୍କ ଅଗ୍ରୀମ ଆକଳନରୁ ଜଣାପଡ଼ିଛି ଯେ, ୨୦୨୨-୨୩ରେ ହରନ ଡାଲି ଉତ୍ପାଦନ ୩୪.୩ ଲକ୍ଷ ଟନ୍‌କୁ ହ୍ରାସ ପାଇଛି। ତାହାର ପୂର୍ବବର୍ଷ ୪୨.୨ ଲକ୍ଷ ଟନ୍ ହରଡ଼ ଡାଲି ଉତ୍ପାଦନ ହୋଇଥିଲା। ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ବର୍ଷକ ଭିତରେ ହରଡ଼ ଡାଲି ଦାମ ୧୦୬ ଟଙ୍କା ୫୦ ପଇସାରୁ ବୃଦ୍ଧି ପାଇ ୧୩୬ ଟଙ୍କା ହୋଇଛି। ଦେଶର ଆଳୁର ହାରାହାରି ଦାମ୍ ଗତବର୍ଷ ତୁଳନାରେ ୧୨ ପ୍ରତିଶତ କମ ଥିବା ବେଳେ ପିଆଜ ଦାମ ୫% ଅଧିକ ରହିଛି। ଗତବର୍ଷ ଟମାଟୋର ହାରାହାରି ଦାମ୍ ୩୪ ଟଙ୍କା ଥିବା ବେଳେ ଚଳିତ ବର୍ଷ ତାହା ୧୪୦ ଟଙ୍କାକୁ ବୃଦ୍ଧି ପାଇଛି। ଉତ୍ତରପ୍ରଦେଶର ବୁଲନ୍ଦସହରରେ ଟମାଟୋ ମୂଲ୍ୟ ସର୍ବାଧିକ ୨୫୭ ଟଙ୍କା ରହିଛି। ଟମାଟୋ ଦରବୃଦ୍ଧି ସମ୍ପର୍କରେ ସରକାର କହିଛନ୍ତି ଯେ, କର୍ଣ୍ଣାଟକରେ କୀଟ ଆକ୍ରମଣ, ହଠାତ୍ ମୌସୁମୀ ବର୍ଷା ହେବା ଓ ପରିବହନରେ ସମସ୍ୟା ଯୋଗୁଁ ଟମାଟୋ ମହଙ୍ଗା ହୋଇଛି।

# ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଗ୍ରାମ୍ୟ ସ୍ତରରୁ ଯୋଜନା ଆରମ୍ଭ ହେବା ଉଚିତ୍



ଲକ୍ଷ୍ମୀ ନାରାୟଣ କର
ଅବସରପ୍ରାପ୍ତ ନିର୍ଦ୍ଦେଶକ
ଓଡ଼ିଶା କୃଷି ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ-୯୪୩୭୧୮୫୬୦୭

ରାଜ୍ୟରୁ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଗ୍ରାମ ସ୍ତରରୁ ଯୋଜନା ହେବା ଆବଶ୍ୟକ। ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ଆମ ରାଜ୍ୟରେ ଅନେକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହି ବଞ୍ଚିବା ପାଇଁ ଓ ମୌଳିକ ଅଧିକାର ପାଇଁ ସଂଗ୍ରାମ କରୁଛନ୍ତି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏ ପର୍ଯ୍ୟନ୍ତ ଆଧୁନିକ ସଭ୍ୟତା ର ସ୍ୱାଦ ସେମାନେ ଚାଖି ପାରିନାହାନ୍ତି । ପ୍ରଥମ ପଞ୍ଚ ବାର୍ଷିକ ଯୋଜନାରୁ ଆଜି ଯାଏଁ ସରକାରୀ ସ୍ତରରେ ଗରିବ ଓ ଆଦିବାସୀ ମାନଙ୍କ ଜୀବନର ମାନ ବୃଦ୍ଧି କରିବା ପାଇଁ ମାଳ ମାଳ ଯୋଜନା ପ୍ରଣୟନ କରୁଛନ୍ତି ତଥାପି ୨୦୨୪ ରେ ଆମ ଦେଶ ତଥା ରାଜ୍ୟର ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଛନ୍ତି। ଯାହାର କି ପ୍ରକୃତ ହିସାବ କୌଣସି ସରକାରଙ୍କ ପାଖରେ ନାହିଁ । ଆମ ଓଡ଼ିଶା ଓ ବିହାରରେ ଦାଦନ ଶ୍ରମିକ ଏକ ମୁଖ୍ୟ ସମସ୍ୟା ହୋଇ ରହିଛି । ପ୍ରତିବର୍ଷ ଲୋକ ମାନେ ନିଜ ରୋଜଗାର ନ ପାଇ ଅନ୍ୟ ରାଜ୍ୟ ବା ବିଦେଶକୁ ଦାଦନ ଖଟିବାକୁ ଯାଉଛନ୍ତି କେତେକ କାମ ପାଉଛନ୍ତି ଓ କେତେକ ଠକାମୀର ଶିକାର ହୋଇ ପୁଣି ନିଜ ଘରକୁ ଫେରି ହତାଶ ହେଉଛନ୍ତି ଓ ଆଉ କେତେକ ଦଲାଲ ମାନଙ୍କ ଜରିଆରେ ସ୍ଥିର ହୋଇଥିବା ଜାଗାରେ ପହଞ୍ଚିଲା ପରେ ତାଙ୍କ ପାସପୋର୍ଟ, ପରିଚୟ ପତ୍ର ଇତ୍ୟାଦି ନେଇଯାଇ ସେମାନଙ୍କ ଅକଥନୀୟ ନିର୍ଯାତନା ଦିଆ ଯାଏ ଓ ସେମାନେ ଚାହିଁଲେ ବି ସେଠାରୁ ଆସି ନ ପାରି ରୋଗ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରନ୍ତି । ରାଜ୍ୟରେ ଗୋଟିଏ ପ୍ଲାନିଂ ବୋର୍ଡ ହୋଇ ସେଥିରେ ଜଣେ ପ୍ଲାନିଂ କମିଶନ ନିଯୁକ୍ତି ଦିଆ ଯାଉଛି କିନ୍ତୁ ତାହା କେବଳ ଧଳା ହାତୀ ପୋଷିବା ସଦୃଶ। ଯେଉଁ ମାନେ ଶାସକ ଦଳର ପରାଜିତ ପ୍ରାର୍ଥୀ ବା ଯାହାକୁ କୌଣସି ମନ୍ତ୍ରୀ ପଦ ଦିଆଯାଇ ପାରେ ନାହିଁ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପଦବୀର ସୃଷ୍ଟି । ସେମାନେ ତାଙ୍କ ପୁରା ସମୟତକ କେବଳ ମଉଜ ଭିତରେ କଟାଇ ଦିଅନ୍ତି ଓ କୌଣସି ଆଖିଦୃଶିଆ କାମ କରନ୍ତି ନାହିଁ। ଯଦି ଗ୍ରାମ ସ୍ତରରୁ ଲୋକମାନଙ୍କ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଏ ଓ ମୌଳିକ ଅଧିକାର ଯଥା ରାସ୍ତା, ବିଦ୍ୟାଳୟ, ବିଦ୍ୟୁତ୍, ଜଳସେଚନ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଚାଷୀ ମାନଙ୍କୁ ଉତ୍ତମ ବିହନ, ସାର ଓ କୀଟ ନାଶକ ଔଷଧ ଇତ୍ୟାଦିର ଉତ୍ତମ ବ୍ୟବସ୍ଥା କରାଯାଏ ତେବେ ଗ୍ରାମର ଉନ୍ନତି ସହିତ ଦେଶର ମଧ୍ୟ ଉନ୍ନତି ହେବ । ସବୁଠାରୁ ବଡ଼ କଥା ହେଲା ଯେ ଯଦି ପ୍ରତି ଗ୍ରାମୀଣ ପରିବାରର ଆୟ ବୃଦ୍ଧି ପାଇଁ ସେମାନଙ୍କୁ ଉପଯୁକ୍ତ ଧନ୍ଦା ସହିତ ଏହାକୁ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରିବା ଉଚିତ୍। ଲୋକଙ୍କୁ ଉନ୍ନତ ଧରଣର ଚାଷ ସହିତ, ଉତ୍ତମ ଗୋପାଳନ, ଛେଳି, ମେଣ୍ଢା, ଦେଶୀ କୁକୁଡ଼ା, ବତକ, ଛତୁ, କଦଳୀ, ଦେଶୀ ଆଳୁ ଓ ମାଛ ଚାଷର ବୈଷୟିକ ଜ୍ଞାନ ଦିଆଯାଇ ସେହି ସବୁ ଚାଷ ପାଇଁ ଲୋକ ମାନଙ୍କୁ ଉତ୍ସାହିତ କରି ବ୍ୟାଙ୍କରୁ କିପରି ସୁବିଧାରେ କମ୍ ସୁଧରେ ଋଣ ଯୋଗାଇ ଦେବା ଦ୍ୱାରା ସେମାନଙ୍କ ଆୟ ବୃଦ୍ଧି ହେବା ସହିତ ସେମାନେ ଭଲରେ ଚଳି ପାରିବେ । ଏହା ଛଡ଼ା ପ୍ରତି ଗ୍ରାମରେ ଥିବା ସବୁଠାରୁ ଗରିବ ପରିବାର ମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ଆବଶ୍ୟକ । ଏହି ପ୍ରକାରର ଯୋଜନାକୁ ସଫଳ ରୂପାନ୍ତର କରିବାକୁ ହେଲେ ସମସ୍ତ ଯୋଜନା ଅଧିକାରୀ, ପ୍ରତି ବ୍ଲକ ଅଧିକାରୀମାନଙ୍କୁ ଗ୍ରାମମାନଙ୍କୁ ଯାଇ ଲୋକଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନା, ଗ୍ରାମର ପାରିପାର୍ଶ୍ୱିକ ଅବସ୍ଥାକୁ ନିରୀକ୍ଷଣ କରିବା ଉଚିତ୍। ଆମର ସବୁଠାରୁ ବଡ଼ ସମସ୍ୟା ହେଲା ଯେ ପ୍ରଶାସନ ଜନସାଧାରଣଙ୍କ ଠାରୁ ସର୍ବଦା ଦୂରେଇ ରହୁଛି। ଫଳରେ ଯୋଜନା ସବୁ କେବଳ କାଗଜ କଲମରେ ସିମୀତ ରହୁଛି । ନିର୍ବାଚିତ ଲୋକ ପ୍ରତିନିଧି ମାନେ ପ୍ରତି ଗ୍ରାମାଞ୍ଚଳରେ ନିଜ ନିଜ ଅଞ୍ଚଳରେ ଯଦି ପ୍ରତି ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ ଓ ନିଜେ ସର୍ବଦା ଅଞ୍ଚଳମାନ ଗସ୍ତ କରି ଚାଷୀ, ଜନସାଧାରଣ ଓ ବିଭାଗୀୟ ଅଧିକାରୀମାନଙ୍କ ସମ୍ପର୍କକୁ ମଜଭୁତ କରି ପାରିଲେ ନିଶ୍ଚିତ ଭାବରେ ରାଜ୍ୟ ତଥା ଦେଶର ଦାରିଦ୍ର୍ୟତା ଅନେକ ପରିମାଣରେ ହ୍ରାସ ହୋଇ ପାରିବ। ସେଥିପାଇଁ ସରକାର ମଧ୍ୟ ସମସ୍ତ ପ୍ରକାର ମାଗଣା ଯୋଜନାକୁ ପୁରା ମାତ୍ରାରେ ରୋକ ଲଗାଇବା ବାଧ୍ୟତାମୂଳକ ହେବା ଉଚିତ୍। ଆଉ ଗୋଟିଏ କଥା ହେଲା ଯେ ଲୋକସଂଖ୍ୟା ବୃଦ୍ଧିକୁ ଜବରଦସ୍ତ ନିୟମ କରି ଦୁଇଟି ସନ୍ତାନରୁ ଅଧିକ ଉପରେ ରୋକ ଲଗାଇବା ଓ ବହୁ ବିବାହ ବନ୍ଦ ବାଧ୍ୟତାମୂଳକ ହେବା ଉଚିତ୍। ଏହି ନିୟମ ସବୁ ଧର୍ମର ଦେଶବାସୀଙ୍କ ପାଇଁ ଲାଗୁ ହେବା ଉଚିତ୍। ଏହା ମଧ୍ୟ ଦାରିଦ୍ର୍ୟ ହେବାର ଏକ ରାସ୍ତା । ପ୍ରତି ଗ୍ରାମରେ ଗରିବ ଲୋକଙ୍କ ଆୟ ବୃଦ୍ଧି ପାଇବା ଯେତିକି ଜରୁରୀ ତା ଠାରୁ ଅଧିକ ଜରୁରୀ ସେମାନଙ୍କୁ କିଛି ମାତ୍ରାରେ ଶିକ୍ଷିତ କରାଇବା ଉଚିତ୍। କାରଣ ତା ନହେଲେ ସେମାନେ ସବୁ ଯୋଜନାକୁ ଠିକ୍ ଭାବରେ ନ ବୁଝି ପାରି ତାହା ଅବାଟରେ ଚାଲିଯିବ । ସେଥିପାଇଁ ସରକାର ଓ ସରକାରୀ ଅଧିକାରୀମାନେ ଲୋକଙ୍କ ସେବକ ଭାବି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଉଚିତ୍।

# ମିଠା ଭିତରେ ରାଜା- ରସଗୋଲା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪



ରଥଯାତ୍ରା ବୈଦିକ ସଂସ୍କୃତିର ମହାନ ପର୍ବ । ଶ୍ରୀକ୍ଷେତ୍ରର ସର୍ବଶ୍ରେଷ୍ଠ ଯାତ୍ରା ଶ୍ରୀମନ୍ଦିର ଦାରୁବ୍ରହ୍ମଙ୍କ ନିତ୍ୟ ଲୀଳାକ୍ଷେତ୍ର । ଜଗନ୍ନାଥଙ୍କ ରଥଯାତ୍ରା ସର୍ବଧର୍ମ ସମନ୍ୱୟର ପ୍ରତୀକ । ପରଂବ୍ରହ୍ମ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିର ରତ୍ନ ସିଂହାସନରୁ ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀକୁ ବିଜେ କରନ୍ତି । ଜନ୍ମବେଦୀ ଆଡପ ମଣ୍ଡପରେ ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦେବା ସହ ଆଡପ ଲୀଳା କରନ୍ତି । ଆଷାଢ଼ ଶୁକ୍ଳ ଦଶମୀ ତିଥିର ପୁଣି ଥରେ ରଥରେ ବସି ବାହୁଡ଼ା ବିଜେ କରନ୍ତି । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବଡ ଏକାଦଶୀ ତିଥିରେ ତିନି ରଥ ଉପରେ ମହଣମହଣ ସୁନାରେ ଆଭୂଷିତ ହୁଅନ୍ତି । ଦ୍ୱାଦଶୀ ତିଥିରେ ରଥାରୁଢ଼ ମହାପ୍ରଭୁ ଅଧରପଣା ପାନ କରନ୍ତି । ମାନବୀୟ ଲୀଳା ଘୋଷଯାତ୍ରା ଶେଷ କରି ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ଶ୍ରୀସୁଦର୍ଶନ ରତ୍ନସିଂହାସନକୁ ବାହୁଡ଼ି ଆସନ୍ତି । ଏହାକୁ ନିଳାଦ୍ରି ବିଜେ କୁହାଯାଏ । ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ମହାପ୍ରଭୁ ଗୁଣ୍ଡିଚା ଯାତ୍ରା ଯାଇଥିଲେ। କାଳିଆ ଠାକୁର ମହାଲକ୍ଷ୍ମୀଙ୍କୁ ସାଥିରେ ନ ନେଇ ଭାଇଭଉଣୀଙ୍କ ସହ ରଥଯାତ୍ରାରେ ଯାଇଥିବାରୁ ମା ଲକ୍ଷ୍ମୀ କାଳିଆ ଠାକୁରଙ୍କ ଉପରେ ଅଭିମାନ କରିଥାନ୍ତି । ନବଦିନାତ୍ମକ ଯାତ୍ରା ଶେଷ କରି ପ୍ରଭୁ ନୀଳାଚଳକୁ ବାହୁଡ଼ି ଆସିଲେ । ଶ୍ରୀମସ୍ତକରେ ଆକର୍ଷଣୀୟ ଟାହିଆ ଲଗାଇ ରଥ ଉପରୁ ଶ୍ରୀମନ୍ଦିର ରତ୍ନବେଦୀକୁ ପହଣ୍ଡି ବିଜେ କରନ୍ତି ମହାପ୍ରଭୁ ଶ୍ରୀବଳଦେବ, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଚକ୍ରରାଜ ଶ୍ରୀ ସୁଦର୍ଶନ । ଏହାବ୍ୟତୀତ ମନନ ମୋହନ ଏବଂ ରାମକୃଷ୍ଣଙ୍କୁ ରଥରୁ ଶ୍ରୀମନ୍ଦିରକୁ ବିଜେ କରାଯାଏ । ସେବାୟତ ଓ ଭକ୍ତଙ୍କ ମେଳରେ ଶ୍ରୀମନ୍ଦିରକୁ ଫେରନ୍ତି ଦାରୁବ୍ରହ୍ମ । ଚାହାଣି ମଣ୍ଡପରୁ ଠାକୁରଙ୍କୁ ଦେଖି ସେପଟେ ଲକ୍ଷ୍ମୀ ଖୁବ୍ ଖୁସି ହୋଇଯାନ୍ତି । ଆଉ ତାପରେ ହୁଏ ଲକ୍ଷ୍ମୀ ନାରାୟଣ ଭେଟ । ଲକ୍ଷ୍ମୀନାରାୟଣ ଭେଟ ବେଳେ ସତେ ଯେମିତି ମନେହୁଏ ମହିମାମୟୀ ଲକ୍ଷ୍ମୀ ଅପେକ୍ଷା କରିଥିଲେ ମହାପ୍ରଭୁଙ୍କୁ। କିନ୍ତୁ ସେହି ଖୁସି ଭିତରେ ବି ଅଭିମାନ ଥାଏ । ଅଭିମାନିନୀ ଲକ୍ଷ୍ମୀ ପ୍ରାଣପ୍ରିୟ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଛଳନାପୂର୍ଣ୍ଣ କ୍ରୋଧ କରନ୍ତି । ବନ୍ଦ କରି ଦିଅନ୍ତି ଜୟ-ବିଜୟ ଦ୍ୱାର । କିଛି ସମୟର ବଚନିକା ପରେ ଦ୍ୱାର ଖୋଲନ୍ତି । ଆଉ ଶ୍ରୀଜଗନ୍ନାଥ ସ୍ୱହସ୍ତରେ ମହାଲକ୍ଷ୍ମୀଙ୍କୁ ଖୁଆଇ ଦିଅନ୍ତି ରସଗୋଲା । ମାନଭଞ୍ଜନ କରନ୍ତି ଜଗଜ୍ଜନନୀଙ୍କର । ରସଗୋଲା ମହାପ୍ରଭୁ ଜଗନ୍ନାଥଙ୍କ ଅଧିକ ପ୍ରିୟ ହୋଇଥିବାରୁ ପ୍ରତି ବର୍ଷ ନୀଳାଦ୍ରି ବିଜେ ସମୟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ପ୍ରଭୁ ମାନଭଞ୍ଜନ କରାଇଥାନ୍ତି ।

ରସଗୋଲା ଓଡିଶାର ଗୋଟିଏ ଲୋକପ୍ରିୟ ମିଠା । ରସଗୋଲା ଆମ ସଂସ୍କୃତି ସହିତ ଜଡିତ । ରାଜ୍ୟର ବିଭିନ୍ନ ମଠ ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ରସଗୋଲାର ପ୍ରଚଳନ ଆଠ ଶହ ବର୍ଷ ପୂର୍ବେ ହୋଇଥିବାର ଲୋକକଥା ରହିଛି । ଛେନା ଓ ଚିନିରେ ପ୍ରସ୍ତୁତ ହେଉଥିବା ରସଗୋଲା ସବୁଠାରୁ ଅଧିକ ସ୍ୱାଦିଷ୍ଟ । ଓଡିଆ ଜନଜୀବନ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ଓତଃପ୍ରୋତ ଭାବେ ଜଡିତ । ମହାପ୍ରଭୁଙ୍କର ପ୍ରାୟ ସମସ୍ତ ଖାଦ୍ୟରେ ମିଠା ବ୍ୟବହାର କରାଯାଇଥାଏ । ତେଣୁ ଶ୍ରୀମନ୍ଦିରରେ ବହୁଳ ପରିମାଣରେ ମିଠା ଭୋଗ ଦେଖିବାକୁ ମିଳିଥାଏ । ପରମ୍ପରା ଅନୁଯାୟୀ ମାଟି ନିର୍ମିତ ଓଳି ଏବଂ କୁଡୁଆରେ ଶ୍ରୀଜୀଉଙ୍କୁ ରସଗୋଲା ଭୋଗ କରାଯାଏ । ମହାପ୍ରଭୁଙ୍କ ପାଖରେ ଯେଉଁ ମିଠା ଭୋଗ ଲାଗି ହୁଏ ତାହା ସାଧାରଣତଃ ଦୁଇ ପ୍ରକାର । ଗୋଟିଏ ହେଉଛି କ୍ଷୀର ଏବଂ ଛେନାରୁ ପ୍ରସ୍ତୁତ ମିଠା ଓ ଅନ୍ୟଟି ଅଟା, ମଇଦା, ବେସନ, ଚାଉଳଚୂନାରୁ ପ୍ରସ୍ତୁତ ମିଠା । ତେଣୁ ଶ୍ରୀମନ୍ଦିରରେ ପ୍ରାଚୀନ କାଳରୁ ପ୍ରଚଳିତ ରସଗୋଲା ପ୍ରତି ଓଡିଆମାନଙ୍କର ବିଶେଷ ଶ୍ରଦ୍ଧା ରହିଛି । ଓଡିଆ ଜନଜୀବନ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ଓତଃପ୍ରୋତ ଭାବେ ଜଡିତ । ରଥଯାତ୍ରା ଯେବେଠୁ ହେଉଛି ରସଗୋଲା ଭୋଗ ସେବେ ଠାରୁ ଶ୍ରୀମନ୍ଦିରରେ ପ୍ରଚଳିତ ହୋଇଛି । ତେଣୁ ଶ୍ରୀମନ୍ଦିରରେ ପ୍ରାଚୀନ କାଳରୁ ପ୍ରଚଳିତ ରସଗୋଲା ପ୍ରତି ଓଡିଆଙ୍କର ବିଶେଷ ଶ୍ରଦ୍ଧା ରହିଛି । ଏହି ପରମ୍ପରାକୁ ସମ୍ମାନ ଜଣାଇ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ତିଥିରେ ପ୍ରଭୁ ଭିତରକୁ ଯିବା ପରେ ଭିତରଛ ମହାପାତ୍ର ସେବକ ରସଗୋଲା ଭୋଗ କରନ୍ତି । ପୂଜାପଣ୍ଡା ସେବକ ରଥାରୂଢ଼ ଶ୍ରୀଜୀଉଙ୍କୁ ରସଗୋଲା ଓଳି ଦେଖାଇ ସେଥିରେ ତୁଳସୀ ପକାଇଥାନ୍ତି । ତେଣୁ ଦ୍ୱାଦଶ ଶତାବ୍ଦୀରେ ପୁରୀ ଶ୍ରୀମନ୍ଦିର ପ୍ରତିଷ୍ଠା ହେବା ଦିନ ଠାରୁ ଶହଶହ ବର୍ଷ ଧରି ରସଗୋଲାର ପ୍ରଚଳନ ରହିଆସିଛି । ଶ୍ରୀମନ୍ଦିର ଠାକୁରଙ୍କ ନୀତି ସହ ରସଗୋଲା ମିଶି ରହିଛି । ଶାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ଦାଣ୍ଡି ରାମାୟଣ, ମାଦଳା ପାଞ୍ଜି , ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣି, ବ୍ରଜରାଜ ବଡଜେନାଙ୍କ ଅମ୍ବିକା ବିଳାସ, ଉତ୍କଳ ଦୀପିକା କାଲିକଟ୍ ମହାମେଳା ସମ୍ପର୍କୀତ ମେଳା ଦର୍ଶନ କବିତା, ଇନ୍ଦ୍ରଧନୁ ପତ୍ରିକାର ବାଲିଯାତ୍ରା କବିତା ସମେତ ଆଦି ଅନେକ ପ୍ରାଚୀନ ଗ୍ରନ୍ଥ କାବ୍ୟକବିତାରେ ରସଗୋଲା ଓଡିଶାର ଏକ ସ୍ୱାଦିଷ୍ଟ ମିଷ୍ଟାନ୍ନ ଭାବେ ବର୍ଣ୍ଣିତ ହୋଇଛି । ରସଗୋଲା ଓଡିଶାର ପୁରୀ ସହରରୁ କ୍ଷୀରମୋହନ ଭାବେ ଜନ୍ମି ଥିବାର ଜଣାଯାଏ । ପୁରୀରୁ ଆରମ୍ଭ ହୋଇ ପରେ ଏହା କଟକର ସାଲେପୁର ଓ ଭୁବନେଶ୍ୱରର ପାହାଳ ଠାରେ ପରମ୍ପରାଗତ ବ୍ୟବସାୟରେ ପରିଣତ ହୋଇଛି । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ କେଳୁଚରଣ ବେହେରା ପାହାଳ ଠାରେ ରସଗୋଲା ବ୍ୟବସାୟ ଆରମ୍ଭ କରିଥିଲେ । ତେଣୁ ପ୍ରସିଦ୍ଧ ରସଗୋଲା ଭିତରେ ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା ଓ ପାହାଳରେ ପ୍ରସ୍ତୁତ ରସଗୋଲା ଭାରତ ସମେତ ଭାରତ ବାହାରେ ବେଶ୍ ପରିଚିତ ।

ରସଗୋଲା ହେଉଛି ଛେନା, ସୁଜି ଓ ଚିନିରୁ ପ୍ରସ୍ତୁତ କରାଯାଉଥିବା ଏକ ଓଡିଆ ମିଠା। ଛେନା ଓ ସୁଜିକୁ ଭଲଭାବେ ଚକଟି ନରମ କରାଯିବା ପରେ ଗୋଲାକାର କରାଯାଇ ଥାଏ। ପରେ ଏହାକୁ ଗରମ ଚିନି ରସରେ ସିଝାଯାଏ। ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗୁଥିବା ରସଗୋଲାରେ କୌଣସି ଖାଦ ମିଶାଯାଏ ନାହିଁ। ଓଡିଶାର ରସଗୋଲାକୁ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଜି.ଆଇ ଟ୍ୟାଗ୍ ମିଳିଛି । ସାରା ବିଶ୍ୱରେ ରସଗୋଲାକୁ ଅଧିକ ପରିଚିତ କରିବା ପାଇଁ ରସଗୋଲା ଦିବସ ନୀଳାଦ୍ରି ବିଜେ ଅବସରରେ ପାଳିତ ହୁଏ । ୨୦୧୫ ଜୁଲାଇ ୪ ତାରିଖ ଦିନ ଏହା ପ୍ରଥମେ ଆରମ୍ଭ ହୋଇଥିଲା । ତେବେ ପ୍ରଥମେ ସୋସିଆଲ ମିଡିଆ ପ୍ରଚାରରୁ ଏହା ଆରମ୍ଭ ହୋଇଥିଲା।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)


କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ପରାଧୀନ ମାନସିକତାର ମଣିଷ କ'ଣ ଆଧୁନିକ ?



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଆମ ଭାରତରେ ଯେଉଁ ଧରଣର ଧାରା ସାହିତ୍ୟ କ୍ଷେତ୍ରରେ ଦେଖାଦେଉଛି, ସେ ଧାରାକୁ ଆଧୁନିକ ଓ ଉତ୍ତର-ଆଧୁନିକ ବୋଲି ଡିଣ୍ଡିମ ପିଟାଯାଉଛି। ଏ ଡିଣ୍ଡିମ ପିଟୁଛନ୍ତି କେଉଁମାନେ ? ବୁଦ୍ଧିଜୀବୀ ଓ ସାହିତ୍ୟର ସମୀକ୍ଷକ ବୋଲାଉଥିବା ଦଳେ ଦାୟିତ୍ୱହୀନ ଧୂର୍ତ୍ତ ବ୍ୟକ୍ତି। ହୁଏତ ସେମାନଙ୍କ ମଧ୍ୟରୁ ଶତକଡା ୭୦ ଶିକ୍ଷା ବିଭାଗ କର୍ମଚାରୀ, ବାକି ୩୦ ଅନ୍ୟାନ୍ୟ ସରକାରୀ ଚାକିରିଆ। ଯେଉଁ ଧାରାର ସାହିତ୍ୟ ସଂପର୍କରେ ଭାରତରେ ଏତେ ତୁମ୍ବିତୋଫାନ୍ ସୃଷ୍ଟି କରାଯାଇ ଆସୁଛି, ସେ ସାହିତ୍ୟ ବି ଲେଖନ୍ତି କେଉଁମାନେ ? ହଁ, ଏଇ ଧରଣର ପ୍ରଚାରିତ ସାହିତ୍ୟର ସୃଷ୍ଟିକର୍ତ୍ତାମାନେ ମୁଖ୍ୟତଃ ସରକାରୀ କଳର ବିଭିନ୍ନ ପଦାଧିକାରୀ ବ୍ୟକ୍ତି। ଏଇ ପଦାଧିକାର ବଳରେ ସେମାନେ ନିଜ ସୃଷ୍ଟି ସପକ୍ଷରେ ଉପରୋକ୍ତ ବୁଦ୍ଧିଜୀବୀ ଓ ସମୀକ୍ଷକବର୍ଗଙ୍କ ନିକଟରୁ ଆଦାୟ କରି ନେଇଥାନ୍ତି ଅପରିମିତ ସ୍ୱୀକୃତି ଓ ସମର୍ଥନ। ଯେଉଁ ଅଳ୍ପ କେତେଜଣ ପ୍ରକୃତ ପ୍ରତିଭାସଂପନ୍ନ ସାହିତ୍ୟକାର ବିନା ସ୍ୱୀକୃତି ଓ ପୁରସ୍କାରରେ ଅମର ସାହିତ୍ୟ ସୃଷ୍ଟି କରିବାରେ ତପସ୍ୟାରତ, ସେମାନେ ଦୀର୍ଘକାଳ ରହିଯାନ୍ତି ଲୋକଲୋଚନର ଅଗୋଚରରେ। ଏଇ ଅଳ୍ପ କେତେଜଣ ସାହିତ୍ୟକାର ବିନା ଗୋଷ୍ଠୀ, ବିନା ଚର୍ଚ୍ଚା, ବିନା ଭାଟବନ୍ଦନା ମଧ୍ୟରେ ନିଜର ବିଶ୍ୱାସକୁ ନେଇ ବଂଚି ରହନ୍ତି କେବଳ। ସେମାନଙ୍କ ମୃତ୍ୟୁ ପରେ ଏ ସମାଜ କାନ୍ଦେ, ଏ ବ୍ୟବସ୍ଥା ଦାବି କରେ ଶହେ ତୋପର ସଲାମି ! ଏଇ ତ ଅବସ୍ଥା।

ବର୍ତ୍ତମାନର ସାହିତ୍ୟ ଆଧୁନିକ ସାହିତ୍ୟ ନ କହି ଏ ସାହିତ୍ୟକୁ ବରଂ ଶାସିତର ସାହିତ୍ୟ କହିଲେ ଅଧିକ ଯଥାର୍ଥ ହେବ। ଶାସିତର ସାହିତ୍ୟ ଏଇଥିପାଇଁ ଯେ ସେଥିରେ ଆଧୁନିକତାର କୌଣସି ଚିହ୍ନବର୍ଣ୍ଣ ନାହିଁ। ଜୀବନ ଆଗେଇ ଚାଲିବ, ପୃଥିବୀ କେତେ ପରିବର୍ତ୍ତନ ସାମ୍ନା କରୁଚି, ସମାଜରେ ନାନା ସଂଶୟ ଓ ସଂଘାତ ଉପୁଜୁଚି, ବ୍ୟକ୍ତିମାନସ କେତେ ଜଟିଳତାରେ ଜର୍ଜରିତ ହେଉଚି, ମଣିଷ ଜାତିର ଭବିଷ୍ୟତକୁ ନେଇ କେତେ କ'ଣ ଖେଳ ଆରମ୍ଭ ହୋଇସାରିଚି – ସବୁଠି ଆଶଙ୍କା, ଆତଙ୍କ, ଆପଦର ଆବର୍ତ୍ତ - ଅଥଚ ଚାରି କାନ୍ଥର ଚୌହଦି ମଧ୍ୟରେ ସାହିତ୍ୟ ନାମରେ ଚାଲିଚି ସୌଖୀନ୍ ସର୍ଜନା ! ବୁଦ୍ଧି ଅଛି, ବିବେକ ନାହିଁ... ମସ୍ତିଷ୍କ ଅଛି, ହୃଦୟ ନାହିଁ... ପ୍ରଚାର ଅଛି, ପ୍ରାଣ ନାହିଁ – ଏମିତି ଏକ ଅନ୍ଧମୁହାଣିରେ ଭାରତର ସାହିତ୍ୟ ଆଜି କେବଳ ଭୁଆଁ ବୁଲୁଛି। ସାହିତ୍ୟ ଲେଖୁଛନ୍ତି ବୋଲି ଧରାଯାଉଥିବା ବହୁ ଧୁରୀଣ ବ୍ୟକ୍ତି ନିଜ ନିଜକୁ ଲେଖକ ରୂପରେ ଚିହ୍ନଟ କରାଉଛନ୍ତି ସିନା, ମାତ୍ର ପ୍ରକୃତରେ ସେମାନେ କ'ଣ ଲେଖକ ପଦବାଚ୍ୟ ? ବରଂ ଲେଖକ ନ କହି ସେମାନଙ୍କୁ ଲେଖାଳି କହିଲେ ଠିକ୍ ହେବ। ସେମାନେ ଲେଖାଳି – କାହିଁକିନା ସେମାନଙ୍କର ସାହିତ୍ୟ-ଚିନ୍ତନ ମୌଳିକତାହୀନ, ସାହିତ୍ୟଦୃଷ୍ଟି ମନନଶୂନ୍ୟ। ନିଜ ମାଟି-ପାଣି-ପବନର ରୂପ-ରସ-ଗନ୍ଧ ସେମାନଙ୍କ ସାହିତ୍ୟରେ ନାସ୍ତି। ଏକ ପ୍ରକାର ଔପନିବେଶିକ ଅନୁଶାସନକୁ ଅକ୍ଷରେ ଅକ୍ଷରେ ମାନିନେଇ ସେମାନେ ଆଧୁନିକ ସାହିତ୍ୟ ଲେଖନ୍ତି ବୋଲି ପ୍ରଚାରିତ ହୋଇ ଆସୁଛନ୍ତି ମାତ୍ର। ନ ହେଲେ ମାଟି ଆଉ ମଣିଷର ମର୍ମକଥା, ସମକାଳୀନ ପ୍ରଜନ୍ମର ପ୍ରାଣପୀଡ଼ା, ନିଜ ସମୟର ଅନ୍ତଃସ୍ୱରରୁ ସେମାନଙ୍କ ସାହିତ୍ୟ ବଂଚିତ।

ବର୍ତ୍ତମାନର ସାହିତ୍ୟ କିତାବୀ କୀଟସାହିତ୍ୟ – ଓଡିଆ ଓ ଅନ୍ୟାନ୍ୟ ଭାଷାରେ ଏଇ କୋଡିଏ ତିରିଶ ବର୍ଷ ଧରି ସାହିତ୍ୟ ଆଳରେ କେବଳ ଏକ ଅପରାହ୍ଣଧର୍ମୀ ଆହରଣକାମୀ ଅଭ୍ୟାସକୁ ଅକ୍ଷର ରୂପ ଦିଆଯାଇ ଆସୁଛି। ମହାଭାରତରେ କୋକୁଆ ମାତିବା ପରି ଏବର ଏଇ ଦୋ'ନମ୍ବରୀ ସାହିତ୍ୟରେ ସେମିତି ଅବକ୍ଷୟର ଅଣଚାଶ ମାଡ଼ି ଆସିଚି। ଯେଉଁଠି ଦେଖ କେବଳ ଶୂନ୍ୟତାର ସ୍ୱର, ହତାଶାର ହାହାକାର, ବିଚିତ୍ର ବିକଳପଣର ବିଜ୍ଞପ୍ତି। ସାହିତ୍ୟରେ ଦେଖାଦେଇଛି ବିଷୟବସ୍ତୁର ସଂକଟ। ଶୈଳୀସର୍ବସ୍ୱ ଆଭିମୁଖ୍ୟ ଆଜି ସାହିତ୍ୟର ଧ୍ୟେୟ ଓ ଶ୍ରେୟ। ଆମର ଅଧିକାଂଶ ଲେଖକ କେତେଦୂର ଗାଆଁଗହଳର ଗହନ ଚିତ୍ରକୁ ରଙ୍ଗାଇ ପାରନ୍ତି ? ସେମାନେ କ'ଣ ବଂଚିବାର ସଂଗ୍ରାମ ଓ ସଂଘାତରେ ପ୍ରତି ମୁହୂର୍ତ୍ତରେ ଜୀବନ୍ତ ସହିଦ ପାଲଟୁଥିବା ସାଧାରଣ ମଣିଷର କଥା ଓ ବ୍ୟଥାକୁ ନିଜ ସାହିତ୍ୟର ସରହଦକୁ ପାଛୋଟି ଆଣିଛନ୍ତି ? ବର୍ତ୍ତମାନର ସାହିତ୍ୟରେ ବର୍ତ୍ତମାନର ଜୀବନ ନାହିଁ, ସ୍ପର୍ଶ ନାହିଁ, ସଂଘର୍ଷ ନାହିଁ – ପରିବର୍ତ୍ତନ ଓ ବିବର୍ତ୍ତନର ପ୍ରମାଣପତ୍ର ନାହିଁ। ସୁତରାଂ ସାଂପ୍ରତିକ ସାହିତ୍ୟ ସମାଜ-ଜୀବନଠାରୁ ସୁଦୂରବର୍ତ୍ତୀ ହୋଇ ଉଠିବା ଫଳରେ ହରାଇ ବସୁଛି ପ୍ରବୃଦ୍ଧିଶୀଳ ପାଠକୀୟତା। ହଁ, ଆଜି ସାହିତ୍ୟରେ ଶହଶହ ଲେଖକଙ୍କ ଥାଟପଟାଳି, ମାତ୍ର ପାଠକ ଶହେରେ ସାତଜଣ ବାହାରିବେ କି ନାହିଁ ସନ୍ଦେହ ! ଏପରିକି ଯେଉଁମାନେ ତିରିଶ ଚାଳିଶବର୍ଷ ହେଲା ଲେଖାଲେଖି କରି ଆସୁଛନ୍ତି ସେମାନେ ନିଜ ଲେଖା ଛଡା ଅନ୍ୟ ଲେଖକମାନଙ୍କୁ ପଢିଥାନ୍ତି କି ଆନ୍ତରିକତାର ସହିତ ? ବରଂ ବିଭିନ୍ନ ଭାଷାର ଲେଖକ ତା ନିଜ ଭାଷାର ବହି ନ କିଣି କିଣିଥାଏ ବିଦେଶୀ ଭାଷାର ବହି। ସେ ସାରଳାଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଗୋପାଳକୃଷ୍ଣ, ବଳଦେବ ରଥ କି ଭୀମ ଭୋଇଙ୍କୁ ପଢି ନ ଥାଏ – କିନ୍ତୁ ସଦ୍ୟ ବିଦେଶୀ ଲେଖକମାନଙ୍କ ସବୁ ଖବର ତା' ନଖଦର୍ପଣରେ ! ମୁଁ କହୁନାହିଁ ଯେ ବିଦେଶୀ ଲେଖକଙ୍କ ବହିକୁ ବର୍ଜନ କରାଯାଉ – କାହିଁକିନା ସାହିତ୍ୟରେ ଏ ପ୍ରକାର ସ୍ୱଦେଶୀ ଆନ୍ଦୋଳନର କୌଣସି ସ୍ଲୋଗାନ୍ ବେଶିଦିନ ଚାଲିପାରେନା। ମାତ୍ର ମୋର କହିବାର କଥା ହେଉଚି - ନିଜ ଭାଷା, ନିଜ ସାହିତ୍ୟ ପ୍ରତି ଆମ ତଥାକଥିତ ଲେଖକମାନଙ୍କର ଏ ଧାରାବାହିକ ହୀନମନ୍ୟତାକୁ ଆମେ ବରଦାସ୍ତ କରି ଚାଲିଥିବା ଆଉ କେତେଦିନ ?

ଏବେ ଆଉ ଏକ ଦୁଃଖଦାୟକ ଦିଗ ଉପରେ ଆଲୋକପାତ କରାଯାଉ। ଆଜି ଓଡିଆ ସାହିତ୍ୟ କ୍ଷେତ୍ରରେ ଲେଖକମାନଙ୍କ ଗହଳଚହଳ ଯେତେ ନଜରକୁ ଆସୁଛି, ସେ ଗହଳି ଭିତରେ ଆମେ କୌଣସି ବ୍ୟକ୍ତିତ୍ୱଗତ ବିଶାଳତା କି ବ୍ୟାପକତା ଲକ୍ଷ୍ୟ କରି ପାରୁଛୁ କି ? ଏଇ କିଛି ବର୍ଷ ତଳେ ଆମ ଆଖି ଆଗେ ଆଗେ ଆମେ ଦେଖୁଥିଲୁ ମହାନ୍ ସାହିତ୍ୟକର୍ମୀ। ସେଇ ବିରଳ ବ୍ୟକ୍ତିତ୍ୱମାନଙ୍କୁ – ଯେଉଁମାନେ ପ୍ରତିଭାତ ହେଉଥିଲେ ଗୋଟିଏ ଗୋଟିଏ ଅନବଦ୍ୟ ନକ୍ଷତ୍ର ଭଳି। ମୁଁ ନିଜେ ଲକ୍ଷ୍ୟ କରିଚି, ସାହିତ୍ୟଦୃଷ୍ଟି ଓ ଦର୍ଶନକୁ ନେଇ ସେମାନେ ମଂଚରେ ବିତର୍କ ସୃଷ୍ଟି କରିଥାନ୍ତି ସିନା ହେଲେ ବ୍ୟକ୍ତିଗତ ସଂପର୍କରେ ସେମାନେ ବରାବର ବନ୍ଧା ଥିଲେ ପରମ ସୌହାର୍ଦ୍ଦ୍ୟର ସୂତ୍ରରେ। ଆଜିର ସାହିତ୍ୟରେ ବ୍ୟକ୍ତିତ୍ୱର ସଂକଟ ଏକ ଦୁଃଖଦ ସତ୍ୟ। ସେଇଭଳି ବିଶାଳ ବ୍ୟକ୍ତିତ୍ୱ କ'ଣ ଆଜିକାଲି ଦେଖିବାକୁ ମିଳୁଛନ୍ତି ସତରେ ? ଇତିହାସରେ ଡାଇନୋସାର୍‌ମାନଙ୍କ ଯୁଗ ସରିଯାଇଥିବା ପରି ସାହିତ୍ୟରେ ମଧ୍ୟ ସଂପ୍ରତି ବ୍ୟକ୍ତିତ୍ୱର ସ୍ୱର ନିଶ୍ଚିହ୍ନ। ପୁରସ୍କାର ନପାଇଥିବା ବହୁ ବ୍ୟକ୍ତିତ୍ୱଶାଳୀ ସାହିତ୍ୟିକଙ୍କ ସିଂହାସନ ଥିଲା ସେତେବେଳେ ପାଠକର ହୃଦୟ ! ଏ ସୌଭାଗ୍ୟ କିନ୍ତୁ ଆଜିର ବହୁ ନାମୀଦାମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ କପାଳରେ ଜୁଟିପାରିଛି କି ?

ଶାସିତର ସାହିତ୍ୟ ଏ ଆଜିର କଲମୀ ସାହିତ୍ୟ। ସାଧାରଣ ମଣିଷର ଅନୁପ୍ରବେଶ ଏ ନକଲକରା ସାହିତ୍ୟରେ କାହିଁ ? ଶାସନର ବରାଦୀ ବ୍ୟବସ୍ଥା ଭିତରେ, ପ୍ରଶାସନର ପ୍ରହେଳିକା ମଧ୍ୟରେ ସାହିତ୍ୟ ଦ୍ୱାହିରେ ସୃଷ୍ଟି ହେଉଛି ପ୍ରବଞ୍ଚନାର ପ୍ରସାରିତ ପରମ୍ପରା। ସତ୍ୟ ନୁହେଁ, ମିଥ୍ୟା ହିଁ ଆଜି ପାଲଟିଛି ସାହିତ୍ୟର ସୂଚିପତ୍ର। ବିବେକବୋଧ ନୁହେଁ, ବିଚାରବୋଧ ନୁହେଁ – ବିଶ୍ୱାସଘାତକତା ହିଁ ଆଜି ହୋଇପଡିଛି ଓଡିଆ ସାହିତ୍ୟର ମୁଖ୍ୟ ବିଷୟବସ୍ତୁ। ଆଜିର ଛଦ୍ମସାହିତ୍ୟ ପ୍ରକୃତରେ ବିଶ୍ୱାସଘାତକତା କରିଚାଲିଚି ଚାରିପଟର ଛିନ୍ନବିଚ୍ଛିନ୍ନ ସମାଜଜୀବନ ପ୍ରତି ଏବଂ ଆଜିର ଲେଖକ ମଧ୍ୟ ନିଜ ପ୍ରତି।

ଆଜି ସାହିତ୍ୟ ଏଇ ବିଶ୍ୱାସକୁ ଫେରାଇ ଆଣିବା ଦରକାର – ଯାହା ଏ ତଥାକଥିତ ଆଧୁନିକ ସାହିତ୍ୟର ସାମର୍ଥ୍ୟ ବାହାରେ। ଆଧୁନିକ ସାହିତ୍ୟର ମୁଖାପିନ୍ଧା ଏକ ବିଶ୍ୱାସଘାତକ ପରମ୍ପରାର ପୂର୍ଣ୍ଣଚ୍ଛେଦ ନପଡିଲେ, ପ୍ରକୃତ ସାହିତ୍ୟ ପାଇଁ ସମ୍ଭାବନା ସୃଷ୍ଟି ହେବ କିପରି ? ନିଃଶ୍ୱାସରେ ନୁହେଁ, ବିଶ୍ୱାସରେ ହିଁ ବଂଚିବାର ବୀଜମନ୍ତ୍ର ଆମେ ସାହିତ୍ୟଠାରୁ ଆଶା କରୁଛୁ।

ଆଜି ସମଗ୍ରବିଶ୍ୱରେ ଅସୁମାର ଅଘଟଣ ହଠାତ୍ ହଠାତ୍ ଘଟିଯାଉଛି । ଭୋକ ଓ ରୋଗ ମାଡିଆସୁଛି । ମଣିଷ ଧନଦାନବ ପାଲଟିଯାଉଛି । ବିଜ୍ଞାନର ବିକାଶଦିଗକୁ ନଚାହିଁ ବିନାଶଆଡେ ମୁହାଁଇଛେ – ଯାହାଫଳରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଆଜି ଥରହର । ଏଭଳି ଅବସ୍ଥାରେ ଏଇ ୨୦୨୩ ଜୁଲାଇ ମାସରେ ଏ ଲେଖକ ଅତୀତ, ବର୍ତ୍ତମାନକୁ ଗଭୀରଭାବେ ଅନୁଧ୍ୟାନକରି ଅଭିଜ୍ଞତାରୁ ଭବିଷ୍ୟତରେ କ'ଣ କ'ଣ ସବୁ ଘଟିବ – ସମସ୍ତଙ୍କ ବାଣୀକୁ ଚିପୁଡି 'ବିଶ୍ୱଭବିଷ୍ୟବାଣୀ' ପୁସ୍ତକ ରଚନା କରିଛି । ଏ 'ବିଶ୍ୱଭବିଷ୍ୟବାଣୀ' ଅଜସ୍ର ଅଗ୍ନିକଣାରେ ପ୍ରସ୍ତୁତ । ଏ ଗୋଟିଏ ଭବଷ୍ୟତର ପରମାଣୁବୋମା – ଏଇ ପରମାଣୁବୋମା ଛାର୍‌ଖାର୍ କରିଦେଇପାରେ ରାକ୍ଷସରାଜର ଛତ୍ରଛାଉଣୀ । ଏ 'ବିଶ୍ୱଭବିଷ୍ୟବାଣୀ' ଆଜି ନହେଲେ କାଲି ସତହେବାକୁ ଯାଉଛି – ସେତେବେଳେ ଏ ଲେଖକ ଥିବ କି ନଥିବ । ଯେଉଁମାନେ ବଂଚିରହିଥିବେ – ସେମାନେ ହୁଏତ କହିପାରନ୍ତି – 'ବିଶ୍ୱଭବିଷ୍ୟବାଣୀ' ବିଶ୍ୱକୁ ଏକ ମହାନ୍ ଅବଦାନ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁଲାଇ ୨୦୨୪ ସୋମବାର





# ରାଜଧାନୀରେ ସଡ଼କ ଦୁର୍ଘଟଣା ବଢୁଛି:୧୧୨ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ପୋଲିସ ପକ୍ଷରୁ କଠୋର କଟକଣା ଜାରି କରାଯାଇଥିଲେ ସୁଦ୍ଧା ଦୁର୍ଘଟଣାକୁ ରୋକିବାରେ ତାହା ସଫଳ ହୋଇପାରୁନାହିଁ । ଯାହାଫଳରେ ରାଜଧାନୀରେ ସଡ଼କ ଦୁର୍ଘଟଣା କ୍ରମଶଃ ବଢ଼ୁଥିବା ଜଣାପଡ଼ିଛି । ରାଜଧାନୀରେ ଦୁର୍ଘଟଣାଜନିତ ମୃତ୍ୟୁ ଏବେ ଚିନ୍ତାଜନକ ସ୍ଥିତିରେ । ଦୁର୍ଘଟଣା ପାଇଁ ରକ୍ତରେ ଭିଜୁଛି ରାଜଧାନୀର ରାଜରାସ୍ତା । ରାଜଧାନୀରେ ଦୁର୍ଘଟଣାଜନିତ ମୃତ୍ୟୁଖବର ଏବେ ଶିରୋନାମା ପାଲଟିଛି । ରାସ୍ତା ନିର୍ମାଣ ତ୍ରୁଟି ଓ ବିଚ୍ୟୁତିକୁ ସମାଧାନ କରାଯିବା ବଦଳରେ ଆହୁରି ଭୁଶୁଡ଼ି ଯାଇଛି । ରାଜଧାନୀରେ ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଦୁର୍ଘଟଣା ହ୍ରାସ କରିବା ଲାଗି କରାଯାଇଥିବା ମାଷ୍ଟରପ୍ଲାନ୍ ଫେଲ୍ ହୋଇଥିବା କୁହାଯାଇଛି । ଦିନ ହେଉ କି ରାତିରେ ସହରରେ ଦୁର୍ଘଟଣା ଘଟିବାରୁ ଜୀବନ ଚାଲିଯାଇଛି । ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୬ ମାସରେ ଭୁବନେଶ୍ୱରରେ ୧୧୨ ଜଣଙ୍କ ମୁଣ୍ଡଗଡ଼ିଛି । ମୃତକଙ୍କ ମଧ୍ୟରେ ୯୫ ଜଣ ପୁରୁଷ ରହିଥିବା ବେଳେ ୧୭ ଜଣ ମହିଳା ରହିଛନ୍ତି । ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସର୍ବାଧିକ ୧୫ ଜଣଙ୍କ ଜୀବନ ଯାଇଥିବା ବେଳେ ଖଣ୍ଡଗିରି ଥାନା ଅଞ୍ଚଳରେ ଦ୍ୱିତୀୟ ସର୍ବାଧିକ ୧୩ ଜଣଙ୍କ ଜୀବନ ଚାଲିଯାଇଛି । ଏହାର ପଛକୁ ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ ୧୦ ଜଣ, ସହିଦନଗର, ପାହାଲ, ଜଟଣୀ ଥାନା ଅଞ୍ଚଳରେ ୮ ଜଣ ଲେଖାଏଁ, ଚନ୍ଦ୍ରଶେଖରପୁର ୭ ଜଣ, ତମାଣ୍ଡୋ, ନୂଆପଲ୍ଲୀ ଥାନା ଅଞ୍ଚଳରେ ୬ ଜଣ, ବାଲିଅନ୍ତା, ଚନ୍ଦକା, ଭରତପୁର ଓ ମୈତ୍ରୀବିହାର ୪ ଜଣ ଲେଖାଏଁ, ବଡ଼ଗଡ଼ ୩ ଜଣ, ଖାରବେଳନଗର, ଇନ୍‌ଫୋସିଟି, କ୍ୟାପିଟାଲ୍, ଧଉଳି ଥାନା ଅଞ୍ଚଳରେ ୨ ଜଣ ଲେଖାଏଁ ଏବଂ ଏୟାରପୋର୍ଟ, ବାଲିପାଟଣା, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଜଣେ ଲେଖାଏଁ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସବୁଠାରୁ ବଡ଼କଥା ହେଲା ଶ୍ରୀଲିଙ୍ଗରାଜ ଓ ନନ୍ଦନକାନନ ଥାନା ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ କାହାର ବି ମୃତ୍ୟୁ ହୋଇନାହିଁ । ଅନ୍ୟପକ୍ଷରେ ୨୦୨୩ରେ ବି କମ୍ ନଥିଲା ଦୁର୍ଘଟଣାଜନିତ ମୃତ୍ୟୁହାର । ସଡ଼କ ଦୁର୍ଘଟଣାରେ ଭୁବନେଶ୍ୱର ୫ ବର୍ଷର ରେକର୍ଡ ଭାଙ୍ଗି ଦେଇଥିଲା । ଗତବର୍ଷ ଭୁବନେଶ୍ୱରରେ ୨୩୭ ଜଣଙ୍କ ଜୀବନ ଚାଲିଯାଇଥିଲା । ସେଥିରେ ୧୭୬ଜଣ ପୁରୁଷ ଓ ୬୧ ଜଣ ମହିଳା ରହିଥିଲେ । ସେହିପରି ଦୁର୍ଘଟଣାର ସିଂହଭାଗ ଅର୍ଥାତ୍ ଅଧିକ ଦୁର୍ଘଟଣା ରାଜପଥରେ ଘଟୁଛି । ହାଇୱେ ଅବା ଜାତୀୟ ରାଜପଥ ଉପରେ ମନଇଚ୍ଛା ପାର୍କିଂ ଯୋଗୁ ଦିନକୁ ଦିନ ଦୁର୍ଘଟଣା ବଢ଼ିବା ସହ ମୃତ୍ୟୁ ହେଉଛି । ରାସ୍ତା ମଝିରେ ଭାରିଯାନ ପାର୍କିଂରୁ ଦ୍ରୁତଗତିରେ ଆସୁଥିବା ଗାଡ଼ି ପଛରୁ ଧକ୍କା ଦେବାରୁ ମୃତ୍ୟୁ ଘଟୁଛି । ହାଇୱେ ପାଟ୍ରୋଲିଂ ଟିମ୍ ପ୍ରଦର୍ଶନ ଅତି ଖରାପ ରହିଛି ଜାତୀୟ ରାଜପଥରେ ପାଟ୍ରୋଲିଂ ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ପ୍ରତିଦିନ ଜୀବନ ଚାଲିଯାଉଛି । ବଢୁଥିବା ଦୁର୍ଘଟଣା ପଛରେ ମାନବୀୟ ତ୍ରୁଟି ବୋଲି ଆଲୋଚନା କରାଯାଉଛି ।



# ଆକାଶ ଛୁଆଁ ପରିବା ଦର:ଖାଉଟି ହତାଶ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବଜାରରେ ଏବେ ପରିବା ଦର ଆକାଶ ଛୁଆଁ ହୋଇଛି । ଯାହାକୁ ନେଇ ଖାଉଟିଙ୍କ ମୁଣ୍ଡ ବିନ୍ଧା ବଢୁଛି । ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହାର ସିଧାସଳଖ ପ୍ରଭାବ ପଡୁଛି ସାଧାରଣ ଗରିବ ଶ୍ରେଣୀର ଲୋକଙ୍କ ଉପରେ । ପେଟ୍ରୋଲ ଡିଜେଲ ଦର ସାଙ୍ଗକୁ ଖାଇବା ତେଲ ସହ ଡାଲି ଦର ଆଉ ଏବେ ପରିବା ଦର ଖାଉଟିଙ୍କୁ ଚିନ୍ତାରେ ପକାଇଛି । ସମସ୍ତଙ୍କ ଘରେ ନିହାତି ଆବଶ୍ୟକ ଆଳୁ ପିଆଜ ଦର ୩୫, ୪୦ ଟଙ୍କା । ବଜାରକୁ ଗଲେ କେଉଁ ପରିବା ନେବୁ କେଉଁଟା ନୁହେଁ ତାକୁ ନେଇ ଖାଉଟି ଦ୍ୱନ୍ଦ୍ୱରେ ପଡୁଛନ୍ତି । ସବୁ ପରିବା ଦର ୭୦ ଟଙ୍କା ଉପରେ ରହିଛି । ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି ବଜାର ଦର । ହାଟ ବଜାରରେ ପନିପରିବା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି । ବିଭିନ୍ନ ରାଜ୍ୟରେ ବର୍ଷା ବିପ୍ରାତ ଖୁଚୁରା ବଜାରକୁ ମହଙ୍ଗା କରିଦେଇଛି । ଗତ ୧୫ ଦିନ ତଳେ ୫୦ ଟଙ୍କା ତଳେ ଥିବା ସବୁ ପରିବା ଦର ଏବେ ୮୦ରୁ ୧୦୦ ଟପିଲାଣି । ଏଥିରେ ବିନ୍ସ ଦର ସବୁ ରେକର୍ଡ ଟପିଯାଇଛି । ବଜାରରେ ବିନ୍ସ କିଲୋ ପିଛା ୨୦୦ ଟଙ୍କାରେ ବିକ୍ରି ହେଉଛି । ତେବେ ହଠାତ୍ ଟମାଟୋ କିଲୋ ପିଛା ୮୦ ଟଙ୍କା ଛୁଇଁବା ଏବେ ଖାଉଟିଙ୍କ ନିଦ ହଜାଇ ଦେଇଛି । ସେହିପରି ଅଦା ଓ ରସୁଣ ଦର ଯେଉଁଭଳି ଭାବେ ବଢ଼ିଛି ସେଥିରେ ଖାଉଟି କଳବଳ ହୋଇଥିବାବେଳେ ଏବେ ଅନ୍ୟ ପରିବା ଦର ବଢ଼ିବା ବେଡି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି । ଚାହିଦା ଏବଂ ଯୋଗାଣ ଜନିତ ସମସ୍ୟା ଯୋଗୁ ଦର ବଢୁଥିବା ବ୍ୟବସାୟୀ କହୁଥିବାବେଳେ ବାହାର ରାଜ୍ୟରୁ ଆମଦାନୀ କମୁଥିବାରୁ ଯୋଗାଣ ବିଭାଗ ଦୋଷ ଦେଉଛି । ବଜାରରେ ମାତ୍ର ସପ୍ତାହକ ମଧ୍ୟରେ ସବୁ ପରିବା ଦର ଦୁଇ ଗୁଣ ବଢ଼ିଯାଇଛି । ଖୁଚୁରା ବଜାରରେ ବିନ୍ସ କିଲୋ ପିଛା ୨୦୦, ସଜନା ଛୁଇଁ ୧୩୦, ଝୁଡ଼ଙ୍ଗ ୧୦୦, କଲରା ୧୦୦, ବାଇଗଣ ଏବଂ ପୋଟଳ ୮୦ ଟଙ୍କାରେ ବିକ୍ରି ହେଉଛି । ଦୀର୍ଘ ୩ ବର୍ଷ ହେବ କିଲୋ ପିଛା ୩୦ ଟଙ୍କାରେ ବିକ୍ରି ହୋଇଆସୁଥିବା ଅମୃତ ଭଣ୍ଡା ଦର ଏବେ କିଲୋ ପିଛା ୪୦ରୁ ୫୦ ଟଙ୍କାକୁ ବୃଦ୍ଧି ପାଇଛି । ମୌସୁମୀ ଆରମ୍ଭରୁ ସ୍ଥିତି ଏମିତି, ଆଗକୁ ଅଧିକ ବର୍ଷାରେ ବନ୍ୟା ହେଲେ ସେତେବେଳେ ଦରଦାମ୍ କ'ଣ ହେବ ତାହା ଏବେଠାରୁ କହିବା ଅସମ୍ଭବ । ଏନେଇ ଓଡ଼ିଶା ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ ଓଡ଼ିଶାକୁ ପ୍ରମୁଖ ପରିବା ଯୋଗାଣକାରୀ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ଯୋଗୁ ପରିବହନ ବାଧାପ୍ରାପ୍ତ ହୋଇଛି । ଏଥିଯୋଗୁ ବର୍ତ୍ତମାନ ବଜାରରେ ଦର ଉଚ୍ଚା ରହିଛି ।

# ସମୟ ସହ ବଦଳି ଯାଉଛି କୃଷି କାର୍ଯ୍ୟ ଓ କୃଷି ପରିବେଶ

**କେନ୍ଦୁଝର, ନ୍ୟୁଜ୍**

ସମୟକୁ ତାଳ ଦେଇ ବଦଳି ଯାଇଛି ପୁରାତନ କୃଷି କାର୍ଯ୍ୟ ଓ ତା ଭିତରେ ହଜିଯାଇଛି ମହିଳା ମାନଙ୍କର ହୁଳହୁଳି ଓ ହଳିଆର ହଳୁଆ ଗୀତ । ପୂର୍ବରୁ କୃଷକମାନେ ବିଲରେ ହଳ ଲଙ୍ଗଳ ଧରି ବିଲ ଚାଷ କରୁଥିଲେ ଓ ମହିଳାମାନେ ଗଛ ରୁଆ କାର୍ଯ୍ୟ କରି ଫସଲ ଉତ୍ପାଦନ କରି ବର୍ଷକର ଧାନ ପାଉଥିବା ବେଳେ ଅଧିକାଂଶ ଅନ୍ୟ ଲୋକଙ୍କର ଚାଷ କାମରେ ମଜୁରୀ ଲାଗି ଦୈନିକ ରୋଜଗାର ମଧ୍ୟ କରି ନିଜ ନିଜ ପରିବାର ପ୍ରତିପୋଷଣ କରି ବେଶ୍ ଖୁସିରେ ଥିଲେ । ଏବଂ ସେହି ହସଖୁସି ମଧ୍ୟରେ ଚାଷ କାମ କଲାବେଳେ ମହିଳା ମାନଙ୍କର ହୁଳ ହୁଳି ଶବ୍ଦ ଓ ହଳିଆ ହଳ କଲାବେଳେ ହଳିଆ ଗୀତ ଆଉ ଶୁଭାଯାଉନାହିଁ । କୃଷି ବହୁଳ ରାଜ୍ୟ ରୂପେ ପରିଚିତ ଓଡ଼ିଶାରେ ସାଧାରଣତ ରବି ଓ ଖରିଫ ଚାଷ ହୋଇଥାଏ । ପୂର୍ବରୁ ସାଧାରଣତ ଚାଷୀମାନେ କୃଷି କାର୍ଯ୍ୟ ପାଇଁ ହଳ ଲଙ୍ଗଳ ବ୍ୟବହାର କରୁଥିଲେ । ଏବଂ ଚାଷ କାର୍ଯ୍ୟ ସମୟରେ ମହିଳା ମାନେ ହୁଳହୁଳି ଦେଉଥିବାବେଳେ ଚଷା ପୁଅ ହଳିଆ ଗୀତ ଗାଇ ମନ ଆନନ୍ଦରେ ବିଲରେ ହଳ କରୁଥିଲା । ଏବଂ ଗାଁ ଗାଁର ଲକ୍ଷାଧିକ ଗରିବ ଚାଷୀମାନେ ଗାଈ, ବଳଦ, ଛେଳି, ମେଣ୍ଢା, ବତକ, କୁକୁଡ଼ା ଆଦିର କୃଷି କାର୍ଯ୍ୟରେ ବ୍ୟବହାର ସହିତ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ କୁକୁଡ଼ା, ଛେଳି, ବତକ, କ୍ଷୀର ପ୍ରଭୃତି ବିକ୍ରି କରି ବେଶ୍ କିଛି ଅର୍ଥ ଉପାର୍ଜନ କରି ନିଜ ନିଜର ଗୁଜୁରାଣ ମଧ୍ୟ ତୁଲାଇପାରୁଥିଲେ । ହେଲେ ସମୟର ଚକ ବଦଳି ଯାଇଛି । ସମୟ ସହ ତାଳ ଦେଇ କୃଷି ପ୍ରଣାଳୀ ମଧ୍ୟ ବଦଳିଯାଇଛି । ବୈଜ୍ଞାନିକ କୃଷି ଯନ୍ତ୍ରପାତି ହଳଲଙ୍ଗଳର ଓ ଲୋକଙ୍କ ଦ୍ୱାରା ହେଉଥିବା ରୁଆ ବିହୁଡା କାର୍ଯ୍ୟର ସ୍ଥାନ ନେଇଛି । ଧୀରେ ହଳ ଲଙ୍ଗଳ ଦେଖିବା ସ୍ୱପ୍ନ ହୋଇପଡିଛି । ହଳୁଆର ହଳୁଆ ଗୀତ ଓ ବିଲରେ ମହିଳା ମାନଙ୍କର ହୁଳହୁଳି ଶବ୍ଦ ମଧ୍ୟ ଆଉ ଶୁଭୁନାହିଁ । ସେହିଭଳି ହଳରେ ବ୍ୟବହାର ହେଉଥିବା କାଠରେ ନିର୍ମିତ ଈଶ, ଲଙ୍ଗଳ, ଟାମଣା, ଫାଶ ମଧ୍ୟ ଦେଖିବା ସ୍ୱପ୍ନ ହୋଇଗଲାଣି । ଏବଂ ଧନିକ ଚାଷୀମାନେ ଗାଈ ବଳଦ ଓ ଚାଷ ବେଉଷଣ ପାଇଁ ବାର୍ଷିକ ପାରିଶ୍ରମିକରେ ରଖୁଥିବା ମୁଲିଆ ବ୍ୟବସ୍ଥା ମଧ୍ୟ ଲୁପ୍ତ ହୋଇଯାଇଛି ।



# ନଦୀରୁ ଅଚିହ୍ନା ବ୍ୟକ୍ତିଙ୍କ ଶବ ଉଦ୍ଧାର

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ମିଣିଆ ଗ୍ରାମପଞ୍ଚାୟତ ଅଧିନ ମାସା ପଦର ଗ୍ରାମ ନିକଟ ନଦୀକୂଳରେ ଏକ ଅଚିହ୍ନା ବ୍ୟକ୍ତିର ଶବ ଭାସି ଆସି ନଦୀ କୂଳରେ ଲାଗି ଥିବା ସକାଳୁ ଗ୍ରାମବାସୀ ଦେଖି ସଦର ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇବା ପରେ ସଦର ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ଘଟଣାର ତଦନ୍ତ କରୁଛନ୍ତି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନି ଏଯାଏଁ। ସଦର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ଭଦ୍ରକ ଜିଲ୍ଲାର ୩୫ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୫.୫୭କୋଟି ମଞ୍ଜୁର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଗଣଶିକ୍ଷା ବିଭାଗ ଅଧିନରେ ଥିବା ରାଜ୍ୟର ପ୍ରାଥିମକ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଗଣଶିକ୍ଷା ବିଭାଗର ୨୩-୨୪ ବଜେଟ୍‌ରୁ ମଞ୍ଜୁର ଏହି ଅନୁଦାନ ଖର୍ଚ୍ଚ କରିବାର ଦାୟିତ୍ୱ ପଞ୍ଚାୟତରାଜ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ବିଭାଗୀୟ ସୂଚନାନୁଯାୟୀ ଭଦ୍ରକ ସମେତ ଅନ୍ୟ ୧୮ଟି ଜିଲ୍ଲା (ମୋଟ ୧୯ ଜିଲ୍ଲା) ଜିଲ୍ଲାର ୫୬୪ଟି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୮୯ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତହିଁରୁ ଭଦ୍ରକ ଜିଲ୍ଲାର ୨୪ଟି ପ୍ରାଥମିକ ବିଦ୍ୟାଳୟ ପାଇଁ ୩ କୋଟି ୭୧ ଲକ୍ଷ ୨୮ ହଜାର ଏବଂ ୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲାଗି ୧ କୋଟି ୮୬ ଲକ୍ଷ ୧୨ ହଜାର ଏହିପରି ମୋଟ ୫ କୋଟି ୫୭ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର ହୋଇଛି। ୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ରହିଛି ବାସୁଦେବପୁରର କିସମତ କୃଷ୍ଣପୁରର ସନାତନ ସରସ୍ୱତୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ବ୍ଲକର ଗୁଜିଦରଡା ଉଚ୍ଚ ବିଦ୍ୟାଳୟ, ତିଗରିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ ବ୍ଲକର ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ, ବନ୍ତ ବ୍ଲକର ଛୟାଳସିଂ ଖଗେଶ୍ୱର ଉଚ୍ଚ ବିଦ୍ୟାଳୟ, ବାଙ୍କିତିରା ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି ବ୍ଲକର ଇଟୁଆ ବାଳିକା ଉଚ୍ଚ ବିଦ୍ୟାଳୟ, ଧାମନଗର ବ୍ଲକର ପାଳସାହି ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବିବି ଉଚ୍ଚ ବିଦ୍ୟାଳୟ ବାହାରବିଲ, ତିହିଡି ବ୍ଲକର ଇଶ୍ୱରପୁର ଡିଏନ୍ ଉଚ୍ଚ ବିଦ୍ୟାଳୟ। ସେହିଭଳି ୨୪ଟି ପ୍ରାଥିମକ ବିଦ୍ୟାଳୟ ହେଲା ବାସୁଦେବପୁର ବ୍ଲକର ମଧୁସୂଦନପୁର କୁନ୍ତଳାକୁମାରୀ ପ୍ରାଥିମକ ବିଦ୍ୟାଳୟ, ଉପେନ୍ଦ୍ରନାଥ ୟୁଜିଏମଇ ବିଦ୍ୟାଳୟ, ଅପର୍ତ୍ତିପୁର ୟୁଜିଏମ୍ଇ ବିଦ୍ୟାଳୟ, ଛତିରିଆ ୟୁଜିଏମ୍ଇ ବିଦ୍ୟାଳୟ, ଭଦ୍ରକ ବ୍ଲକର ରମ୍ଭିଳା ବୀଣାପାଣି ନୋଡଶଳ ବିଦ୍ୟାଳୟ, ଚଣ୍ଡୀଗାଁ ୟୁପିଏମ୍ଇ ବିଦ୍ୟାଳୟ, କଲେଇ ପ୍ରୋଜେକ୍ଟ ପ୍ରାଥିମକ ବିଦ୍ୟାଳୟ, ବନ୍ତ ବ୍ଲକର ଅଣିଜୋ ବିରିଡିହ ପାଥମିକ ବିଦ୍ୟାଳୟ, ରାପୁର କୌଶଲ୍ୟା ନୋଡାଲ ବିଦ୍ୟାଳୟ, କାନବାଡ ନୋଡାଲ ବିଦ୍ୟାଳୟ ଗୋପୀନାଥପୁର, ଧାମନଗର ବ୍ଲକର ଶିପୁର କାଠମଣ୍ଡୁଆ ନୋଡାଲ ପ୍ରାଥମିକ ବିଦ୍ୟାଳୟ, ନଦୀଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାହୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିହିଡି ବ୍ଲକର ଭାଟପଡା ପ୍ରାଥମିକ ବିଦ୍ୟାଳୟ, କୋହ୍ଲ ୟୁପିଏମ୍ଇ ବିଦ୍ୟାଳୟ, ନନ୍ଦୋର ପ୍ରାଥମିକ ବିଦ୍ୟାଳୟ, ଭଣ୍ଡାରିପୋଖରୀ ବ୍ଲକର ନେରେଡା ସୁବର୍ଣ୍ଣମୁଖୀ ନୋଡାଲ ପ୍ରାଥମିକ ବିଦ୍ୟାଳୟ, ନିର୍ଗୁଣ୍ଡି ପ୍ରାଥମିକ ବିଦ୍ୟାଳୟ, ବିଷ୍ଣୁପୁର ପ୍ରାଥମିକ ବିଦ୍ୟାଳୟ, ଚାନ୍ଦବାଲି ବ୍ଲକର ଓରାସାହ ବାଘନଟା ପ୍ରାଥମିକ ବିଦ୍ୟାଳୟ, ଧାମରା ଭାବେଶ୍ୱର ପ୍ରାଥମିକ ବିଦ୍ୟାଳୟ ଓ ଭୁଇଁବୃତି ଗରିପୁର ୟୁଜିଏମଇ ବିଦ୍ୟାଳୟ। ତେବେ ମଞ୍ଜୁର ଅନୁଦାନ ସମ୍ପର୍କରେ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଜ୍ୟୋତିପ୍ରକାଶ ଦାଶ ଜିଲ୍ଲାପାଳଙ୍କୁ ଚିଠି ଲେଖି ମଞ୍ଜୁର ଅନୁଦାନ କେମିତି ଖର୍ଚ୍ଚ ହେବ ସେଥିନେଇ ମାର୍ଗଦର୍ଶିକା ଜାରି କରିଛନ୍ତି। ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣର ବ୍ୟୟ ଅଟକଳ ସଠିକ୍ ଭାବେ ପ୍ରସ୍ତୁତ କରି ତାହାକୁ ପ୍ରଶାସନିକ ଅନୁମୋଦନ କରାଇବାକୁ କୁହାଯାଇଛି। ନିର୍ମାଣକାର୍ଯ୍ୟ ବ୍ଲକ କାର୍ଯ୍ୟାଳୟ ଜରିଆରେ ହେବ ଏବଂ ୬ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ କୁହାଯାଇଛି। କୌଣସି ପରିସ୍ଥିତିରେ ମଞ୍ଜୁର ଅନୁଦାନରୁ ଖର୍ଚ୍ଚ ଅଧିକ ହୋଇପାରିବନାହିଁ। ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ନିୟମିତ ନିର୍ମାଣ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବାକୁ କୁହାଯାଇଛି। ନିର୍ମାଣ ସ୍ଥଳରେ ସୂଚନା ଫଳକ ଲଗାଯିବ। ନିର୍ମାଣ ପୂର୍ବରୁ, ନିର୍ମାଣ ସମୟର ଓ ନିର୍ମାଣ ପରର ଫଟୋଗ୍ରାଫି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।



# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ମେଡ଼ିକାଲ୍ ସୁପରିଟେଣ୍ଡେଣ୍ଟ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡକ୍ଟର ରଞ୍ଜିବ କୁମାର ରାଉତ ଓଡ଼ିଶା ଭିଜିଲାନ୍ସ ବିଭାଗ ହାତରେ ୨୦,୮୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି । ସୂଚନା ଅନୁସାରେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଯୋଗ ପ୍ରଶିକ୍ଷକଙ୍କ ଠାରୁ ମିଳୁଥିବା ଦରମାର ୨୦% ଅର୍ଥାତ ୧୦,୪୦୦ ଟଙ୍କା ପ୍ରତିମାସ ଲାଞ୍ଚ ଆକାରରେ ନେଉଥିଲେ । ଜଣେ ଅଭିଯୋଗକାରୀଙ୍କ ଭଉଣୀଙ୍କୁ ମଧ୍ୟ ସମାନ ଭାବେ ଯୋଗ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିବା ପାଇଁ ସେ ଟଙ୍କା ଦାବି କରିଥିଲେ । ବାଧ୍ୟ ହୋଇ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସର ଟୋଲ୍‌ଫ୍ରି ନମ୍ବର ୧୦୬୪ରେ ଯୋଗାଯୋଗ କରିବା ପରେ ଭିଜିଲାନ୍ସ ଅଭିଯୁକ୍ତ ଡାକ୍ତରଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା । କେନ୍ଦୁଝର ଭିଜିଲାନ୍ସ ଉପଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ଏକ ଦଳ ଅଭିଯୋଗକାରୀ ଯୋଗ ଶିକ୍ଷକଙ୍କ ଠାରୁ ଅଭିଯୁକ୍ତ ଡାକ୍ତର ରଞ୍ଜୀବ କୁମାର ରାଉତଙ୍କୁ ଦାବି ମୁତାବକ ୨୦,୮୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ବାହାରେ ଜଗି ବସିଥିବା ଭିଜିଲାନ୍ସ ହାତରେ ଧରାପଡିଯାଇଥିଲେ । ଭିଜିଲାନ୍ସ ରଙ୍ଗବୋଳା ଟଙ୍କା ସହ ଅଭିଯୁକ୍ତଙ୍କୁ ଧରି ବାଲେଶ୍ୱର ଭିଜିଲାନ୍ସ ଥାନା କେଶ୍ ନମ୍ବର ୦୭/୧୮.୦୭.୨୦୨୪ରେ ଅଣ୍ଡର ସେକ୍ସନ୍ ୭ ପିସି ଅମେଣ୍ଡମେଣ୍ଟ ୨୦୧୮ରେ କେଶ୍ ପଞ୍ଜିକୃତ କରିଛି । ଏହା ସହିତ ଅଭିଯୁକ୍ତଙ୍କ ଘର ସରକାରୀ ବାସଭବନ ଓ ଅଫିସରେ ଏକ କାଳୀନ ଚଢ଼ଉ ଜାରି ରଖିଥିବା ଭିଜିଲାନ୍ସ ତରଫରୁ ସୂଚନା ମିଳିଛି । ସମ୍ପୃକ୍ତ ଲାଞ୍ଚ ଟଙ୍କା ଅଭିଯୁକ୍ତ ଡକ୍ଟର ରାଉତଙ୍କ ନିକଟରୁ ଉଦ୍ଧାର କରାଯାଇ ଜବତ କରାଯାଇଛି । ଅଭିଯୁକ୍ତଙ୍କୁ ଅଧିକ ତଦନ୍ତ ପାଇଁ ବାଲେଶ୍ୱର ନିଆଯିବ ବୋଲି ଭିଜିଲାନ୍ସ ଡ଼ିଏସ୍‌ପି ପ୍ରକାଶ କରିଛନ୍ତି ।

# ବିଦ୍ୟାଳୟରେ ବରପୁତ୍ରଙ୍କୁ ଅସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟାଳୟ କ୍ୟାମ୍ପସ୍‌ରେ ରହିଛି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି । ଦଣ୍ଡାୟମାନ ଅବସ୍ଥାରେ ଥିବା ମହାତ୍ମାଙ୍କ ଡାହାଣ ହାତ ଭାଙ୍ଗିଗଲାଣି । ଆଖିରେ ଚଷମା ଅଛି ହେଲେ କାଚ ନାହିଁ। ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡ଼ିଗଲାଣି । ଆଖିରୁ ଡୋଳା ତାଡ଼ି ନେଲେଣି ଅସାମାଜିକ । କେବଳ ସେତିକି ନୁହେଁ ଛାତ୍ରଛାତ୍ରୀଙ୍କ ଜାଣିବା ପାଇଁ ସ୍କୁଲ୍ କାନ୍ଥରେ ଓଡ଼ିଶା ମାନଚିତ୍ର ଅଙ୍କାଯାଇଥିଲେ ମଧ୍ୟ ତାହା ଦେଖିବା ଅବସ୍ଥାରେ ନାହିଁ । 'ସୁନ୍ଦରଗଡ଼' ଏଠାରେ 'ସୁନ୍ଦର' ହୋଇଥିବା ବେଳେ 'ମାଲକାନଗିରି'ରେ କେବଳ 'କାନ' ପଢ଼ିବା ଅବସ୍ଥାରେ ରହିଛି । 'କେନ୍ଦ୍ରାପଡ଼ା' ଏବେ 'କେପଡ଼ା' ହୋଇଯାଇଛି । କ୍ୟାମ୍ପସ୍‌ରେ ଏକାଧିକ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ରୂପ ନେଇପାରୁନାହିଁ । କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଗରଦପୁର ଗ୍ରାମପଞ୍ଚାୟତରେ ଥିବା ଜଗନ୍ନାଥ ନୋଡାଲ୍ ଉପ୍ରା ବିଦ୍ୟାଳୟର ଅବସ୍ଥା ଏମିତି । ବ୍ଲକ୍ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ଏହି ବିଦ୍ୟାଳୟରେ ୨୦୧୨ ଜାନୁଆରୀ ୩୦ରେ ନିର୍ମାଣ ହୋଇଥିବା ମହାତ୍ମାଙ୍କ ପ୍ରତିମୂର୍ତ୍ତିର ବିକଳ ଚିତ୍ର ଦେଖିଲେ ଏଠାରେ ପିଲାମାନଙ୍କୁ କିଭଳି ଶିକ୍ଷା ଦିଆଯାଉଥିବ ତାହା ସ୍ପଷ୍ଟ ଅନୁମେୟ । କେନ୍ଦ୍ରାପଡ଼ା କାହିଁକି ଖୋଦ୍ ରାଜଧାନୀର ନୀଳାଦ୍ରିବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରପୁତ୍ରମାନଙ୍କୁ କିଭଳି ସମ୍ମାନ ପ୍ରଦାନ କରାଯାଉଛି ତାହା ନକହିବା ଭଲ । ଏଠାରେ ପଢୁଥିବା ଛୋଟ ପିଲାଙ୍କୁ ଓଡ଼ିଶାର ପଞ୍ଚସଖାଙ୍କ ସମ୍ପର୍କରେ ଅବଗତ କରିବାକୁ କାନ୍ଥରେ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ଓ ଆଚାର୍ଯ୍ୟ ହରିହରଙ୍କ ଚିତ୍ର ଅଙ୍କା ଯାଇଛି । ହେଲେ ଏବେ ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡୁଛି । ନୀଳକଣ୍ଠ ଦାସଙ୍କ ମୁହଁ ଦେଖିବା ଯୋଗ୍ୟନାହିଁ । ନାଁ ମଧ୍ୟ ଲିଭିଗଲାଣି । ଯେଉଁଠାରେ ପଞ୍ଚସଖା ଲେଖାଯାଇଛି ତାହା ଉପରେ ସିମେଣ୍ଟ ପ୍ଲାଷ୍ଟର ଏମିତି ଲଗାଯାଇଛି ଯେ ଠିକ୍ ଭାବେ ଦୃଶ୍ୟମାନ ହେଉନାହିଁ । ଏଠାରେ ମଧ୍ୟ 'ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ' ବାର୍ତ୍ତା ସହ ମହାତ୍ମା ଗାନ୍ଧୀଙ୍କ ଚିତ୍ର ଅଙ୍କା ହୋଇଛି । ମାତ୍ର ତାହା ପାନ ଛେପରେ ରଙ୍ଗୀନ ହୋଇଯାଇଛି । ଏହା ଦୁଇଟି ବିଦ୍ୟାଳୟର ଉଦାହରଣ ମାତ୍ର । ରାଜ୍ୟର କୋଣ ଅନୁକୋଣରେ ଥିବା ବିଦ୍ୟାଳୟଗୁଡ଼ିକରୁ ଏବେ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି । ପିଲାଙ୍କ ଜାଣିବା ଲାଗି ବିଦ୍ୟାଳୟ କ୍ୟାମ୍ପସ୍‌ରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀ ତିଆରି କରାଯାଉଛି, ହେଲେ ତାହାର ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉନଥିବାରୁ ପରିସ୍ଥିତି ଖରାପ ହେଉଛି । ଶିକ୍ଷାବର୍ଷ ଆରମ୍ଭରୁ ଗଣଶିକ୍ଷା ବିଭାଗର ଅଧିକାରୀମାନେ ଲମ୍ବା ଚଉଡ଼ା ଚିଠି ଲେଖି ପିଲାଙ୍କ ଜାଣିବାକୁ କ୍ୟାମ୍ପସ୍ କାନ୍ଥରେ ଓଡ଼ିଶା ମାନଚିତ୍ର, ଜିଲ୍ଲା ମାନଚିତ୍ର, ହେଲ୍‌ପଲାଇନ୍ ନମ୍ବର, ମଧ୍ୟାହ୍ନଭୋଜନ ତଥ୍ୟ, ବିଦ୍ୟାଳୟ କ୍ୟାବିନେଟ୍ ଆଦି ବିଷୟରେ ଲେଖିବାକୁ କହୁଛନ୍ତି । ମାତ୍ର ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ସେନେଇ କେହି ତଦାରଖ କରୁନାହାନ୍ତି । ଶିକ୍ଷା ବିଭାଗର ଅଧିକାରୀମାନେ ନିୟମିତ ବ୍ୟବଧାନରେ ସ୍କୁଲ୍ ହତା ମାଡୁନଥିବାରୁ ଏଭଳି ଚିତ୍ର ସାମ୍ନାକୁ ଆସୁଛି । ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ବରପୁତ୍ରଙ୍କୁ ଅସମ୍ମାନ ଦ୍ୱାରା ତାହାର ପ୍ରଭାବ ପିଲାଙ୍କ ଉପରେ ପଡ଼ିବ । ପ୍ରତିମୂର୍ତ୍ତି ଭଙ୍ଗାଯିବା, ସେମାନଙ୍କ ଜନ୍ମ ଓ ତିରୋଧାନ ବିଷୟ ଲେଖାନଯିବା ଦ୍ୱାରା ପିଲାମାନେ ବରପୁତ୍ର କିମ୍ବା ସେମାନଙ୍କ କୃତୀ ବିଷୟରେ ଜାଣିପାରିବେ ନାହିଁ । ଯେଉଁମାନେ ବରପୁତ୍ରମାନଙ୍କୁ ଅସମ୍ମାନ କରୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି । ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ପ୍ରତିବର୍ଷ ସ୍କୁଲ୍ ଡେଭଲପ୍‌ମେଣ୍ଟ ବାବଦରେ ଶିକ୍ଷାବର୍ଷ ଆରମ୍ଭରୁ ଅର୍ଥ ପ୍ରଦାନ କରାଯାଉଛି । ସେଥିରେ ସେମାନେ ସ୍କୁଲ୍‌ର ବିକାଶ କରିପାରିବେ । ପ୍ରତିମୂର୍ତ୍ତି ମରାମତି, କାନ୍ଥରେ ମାନଚିତ୍ର ସମେତ ମଧ୍ୟାହ୍ନଭୋଜନ ବିଷୟରେ ଉଲ୍ଲେଖ କରିବାକୁ କୁହାଯାଇଛି । ମାତ୍ର ଅଧିକାଂଶ ବିଦ୍ୟାଳୟ ତାହାକୁ ଠିକ୍ ଭାବେ ଖର୍ଚ୍ଚ କରୁନଥିବା ନଜରକୁ ଆସିଛି । ଖୁବ୍‌ଶୀଘ୍ର ଏନେଇ ସମୀକ୍ଷା କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ।





# ଅଜଣା ରୋଗରେ ଆକ୍ରାନ୍ତ ଅସହାୟ ସରକାରଙ୍କ ସହାୟତା ଲୋଡ଼ିଲେ


**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରୋଗଶଯ୍ୟାରେ ପଡ଼ି ଜୀବନ ସହ ସଂଘର୍ଷ କରୁଛନ୍ତି ଜଣେ ୪୦ ବର୍ଷର ଯୁବକ । ଯିଏଦିନେ ଘରର ବୋଝ ଉଠାଉଥିଲା ସିଏ ଆଜି ଘର ପାଇଁ ବୋଝ ପାଲଟିଯାଇଛି । ପରିବାର ପାଇଁ ସାହାରା ସାଜିଥିବା ବ୍ୟକ୍ତି ଆଜି ଅନ୍ୟ ସାହାରାରେ ବଞ୍ଚୁଛି । ଅଜଣା ରୋଗରେ ପୀଡିତ ହୋଇ କଷ୍ଟ ଯନ୍ତ୍ରଣାରେ ଛଟପଟ ହେଲେ ମଧ୍ୟ କିଛି ଉପାୟ ନାହିଁ । ରୋଗ ଭଲକରିବା ପାଇଁ ଟଙ୍କାର ଅଭାବ ଥିବାବେଳେ ଘର ଚଳିବା ପାଇଁ ଟଙ୍କାଟିଏ ନାହିଁ । ଏଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ କୋଳର ପଞ୍ଚାୟତର ତିର୍ତ୍ତୋଲ ଗ୍ରାମରେ । ସୂଚନା ଅନୁଯାୟୀ ସେହି ଗ୍ରାମର ବିକାଶ ଚନ୍ଦ୍ର ଭୋଇ ନାମକ ଜଣେ ବ୍ୟକ୍ତି ମୁମ୍ବାଇରେ ଏକ ଘରୋଇ କମ୍ପାନୀରେ କାମ କରି କଷ୍ଟମଷ୍ଟେ ପରିବାର ପ୍ରତିପୋଷଣ କରୁଥିଲେ । ଘରେ ତାଙ୍କର ସ୍ତ୍ରୀ ଏବଂ ଦୁଇଟି ଝିଅ ତେବେ ଗତ ୪ ମାସ ତଳେ କମ୍ପାନୀରେ କାମ କରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକଙ୍କ ସାହାଯ୍ୟରେ ଘରକୁ ଫେରିଥିଲେ ବିକାଶ । ପରିବାର ପକ୍ଷରୁ କଟକ ବଡ଼ ମେଡିକାଲ ସହ ଅନ୍ୟ ବେସରକାରୀ ଡାକ୍ତରଖାନରେ ଦେଖାଇବା ପରେ ତାଙ୍କର କୌଣସି ରୋଗ ସଠିକ୍ ଭାବେ ଚିହ୍ନଟ ହୋଇନଥିଲେ ମଧ୍ୟ କିଛି ଡାକ୍ତର ତାଙ୍କର, ବୋନ୍ ଟିଉମର କିମ୍ବା ଛାତିରେ ପାଣି ଜମିବା କଥା କହୁଥିବା ବେଳେ କିଛି ଡାକ୍ତର ଅଣ୍ଟା ହାଡ଼ରେ ପାଣି ଜମିଥିବା କଥା କହୁଛନ୍ତି । ତେବେ ଟଙ୍କାର ଅଭାବରୁ କୌଣସି ବଡ଼ ମେଡିକାଲ୍‌ରେ ଦେଖାଇ ପାରୁନଥିବା ବେଳେ ୩ ମାସ ହେବ ପଡିସା ଏବଂ କିଛି ଗାଁ ଲୋକଙ୍କ ସାହାଯ୍ୟରେ ପରିବାର ଚଳୁଛି । ଘରେ ଏକମାତ୍ର ରୋଜଗାରିଆ ବ୍ୟକ୍ତି ରୋଗଶଯ୍ୟାରେ ପଡ଼ିଥିବା ବେଳେ ରୋଗାଗ୍ରସ୍ତ ବିକାଶଙ୍କ ଚିକିତ୍ସା ଏବଂ ପରିବାର ପ୍ରତିପୋଷଣ ପାଇଁ ସରକାରୀ କିମ୍ବା ବେସରକାରୀ ସ୍ତରରୁ ସାହାଯ୍ୟ ଯୋଗେଇଦେବା ପାଇଁ ପଡୋଶୀ ଏବଂ ବିକାଶଙ୍କ ପରିବାର ଅନୁରୋଧ କରିଛନ୍ତି ।

# ସଠିକ୍ ବଜାର ଅଭାବରୁ ଅଦା ଚାଷରୁ ପଛଘୁଞ୍ଚା ଦେଉଛନ୍ତି ଚାଷୀ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଅଦା ଚାଷରୁ ମୁହଁ ଫେରାଉଛନ୍ତି ମୟୂରଭଞ୍ଜ ଚାଷୀ । ବଜାରରେ ଅଦାର ଆକାଶଛୁଆଁ ଦର ହୋଇଥିଲେ ହେଁ ଏଠାକାର ଚାଷୀଙ୍କୁ ଉଚିତ୍ ପ୍ରାପ୍ୟ ମିଳୁନଥିବାରୁ ଗତ କିଛିବର୍ଷ ହେବ ଆଉ ଅଦା ଚାଷ କରିବାକୁ ବେଶୀ ଚାଷୀ ମଙ୍ଗୁନାହାନ୍ତି । ସେମାନଙ୍କ କହିବା କଥା ଲାଭ ତ ଦୂରର କଥା ମୂଳ ବି ଉଠୁନି । ତେଣୁ ଘରେ ଖାଇ ଘୋଡ଼ା ଆଗେ ଡେଇଁବା ଅପେକ୍ଷା ମୂଳରୁ ଅଦା ଚାଷ ନକଲେ ଭଲ । ତେବେ ଏହାର ଆଉ ଏକ କାରଣ ହେଲା ଜଳବାୟୁ ପରିବର୍ତ୍ତନ ଯୋଗୁ ମୌସୁମୀର ଆଗମନରେ ଅନିୟମିତତା ଓ କମ୍ ବର୍ଷା । ଏବର୍ଷ ମଧ୍ୟ ବିଳମ୍ବିତ ମୌସୁମୀ ପାଇଁ ବର୍ଷା ଅଭାବରୁ ଅଦା ଚାଷୀ ଚିନ୍ତାରେ ପଡ଼ିଛନ୍ତି । ସଠିକ୍ ସମୟରେ ଅଦା ବିହନ ରୋପଣ ନହେଲେ ଚାଷ କ୍ଷତିଗ୍ରସ୍ତ ହୋଇଥାଏ । ଏଥରକ ଏପରି ଆଶଙ୍କା ଥିବାରୁ ଅନେକ ଚାଷୀ ଅଦା ଚାଷ କରିନାହାନ୍ତି । ପୂର୍ବେ ମୟୂରଭଞ୍ଜ ଦେଶୀ ଅଦାର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ଥିଲା । ମାତ୍ର ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ପରି ଅନ୍ୟ ରାଜ୍ୟର ଉନ୍ନତ ପ୍ରଣାଳୀରେ ଚାଷ ହେଉଥିବା ଅଦା କମ୍ ଦରରେ ବହୁଳ ଆମଦାନୀ ପାଇଁ ସ୍ଥାନୀୟ ବଜାରକୁ ଆସୁଛି । ଏହା କମ୍ ମୂଲ୍ୟରେ ବିକ୍ରି ହେଉଥିବାରୁ ଅଧିକ ମୂଲ୍ୟ ଦେଇ ଦେଶୀ ଅଦା ନେବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । କୁହାଯାଏ ଅଦା ଏକ ଅଳସୁଆଙ୍କ ଚାଷ । ଏଥିପାଇଁ ଖର୍ଚ୍ଚ ଓ ପରିଶ୍ରମ ଯଥେଷ୍ଟ କମ୍ । ତତ୍ ସହିତ ଜମିର ଛାଇ ସ୍ଥାନରେ ଯେଉଁଠାରେ ଅନ୍ୟ ଚାଷ ହୋଇନଥାଏ ଚାଷୀ ଉକ୍ତ ସ୍ଥାନ ବା ଜମିର ଉପଯୋଗ କରି ଦି ପଇସା ପାଇଥାଏ । ମୌସୁମୀ ବର୍ଷାର ଆଗମନକୁ ନେଇ ବୈଶାଖ ମାସର ଶେଷ ଓ ଜ୍ୟେଷ୍ଠ ମାସର ପ୍ରାରମ୍ଭରେ କ୍ଷେତକୁ ପ୍ରସ୍ତୁତ କରି ପ୍ରାୟତଃ ରଜ ସଂକ୍ରାନ୍ତି ପୂର୍ବରୁ ଅଦା ଲଗାଯାଇଥାଏ । କିନ୍ତୁ ଉଚିତ୍ ମୂଲ୍ୟ ଓ ବିକ୍ରୟ ବଜାର (ମଣ୍ଡି) ସାଙ୍ଗକୁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ନଥିବାରୁ ଚାଷ ପାଇଁ ଚାଷୀମାନଙ୍କ ଆଗ୍ରହ କମୁଛି । ଅପରପକ୍ଷେ, ବିଗତ ୫ ବର୍ଷ ଧରି କ୍ଷେତରେ ଅଦା ନଷ୍ଟ ହେଉଥିବାରୁ ଅନେକ ଚାଷୀ ବିହନ ମଧ୍ୟ ରଖିପାରୁନାହାନ୍ତି । ବଡ଼ସାହି ବ୍ଲକ ସିଂହଦିଆ ଗ୍ରାମର ଅଦା ଚାଷୀ ମୁରଲୀ ଘୋଷ କୁହନ୍ତି, ଗତ ୫ ବର୍ଷ ଧରି କ୍ଷତି ସହିବା ପରେ ଚଳିତ ବର୍ଷ ଅଦା ଚାଷ କରିନାହିଁ । କିଛି ବର୍ଷ ହେଲା ଗଛଗୁଡ଼ିକ ହଳଦିଆ ହେବା ସହିତ ପତ୍ରଗୁଡ଼ିକ ପୋଡ଼ିଯିବା ଭଳି ହୋଇ ଗଛଗୁଡ଼ିକ ଭଲ ଭାବେ ବଢ଼ିପାରିଲାନାହିଁ । ଉନ୍ନତ ପ୍ରଣାଳୀରେ ଅଦା ଚାଷ ପାଇଁ ପ୍ରଶାସନ ତରଫରୁ ବିହନ ଯୋଗାଣ କିମ୍ବା କୌଣସି ତାଲିମ ମଧ୍ୟ ପ୍ରଦାନ କରାଯାଉନାହିଁ । ଏଣୁ ପାରମ୍ପରିକ ଚାଷ କରି ଆମେ କ୍ଷତି ସହୁଛୁ । ପୂର୍ବେ ଅଦାର ମୂଲ୍ୟ ୫୦ରୁ ୮୦ ଟଙ୍କା ରହୁଥିବା ବେଳେ ୨ ବର୍ଷ ଧରି ମୂଲ୍ୟ ବୃଦ୍ଧିରେ ବିକ୍ରି ହେଉଛି । ଏହା ସତ୍ତ୍ୱେ ପ୍ରୋତ୍ସାହନ ଅଭାବରୁ ଏହି ଚାଷ ପ୍ରତି କାହାରି ଆନ୍ତରିକତା ନାହିଁ । ଫଳରେ ଚାଷୀ ଚାଷ ଛାଡ଼ି ଜମିକୁ ପଡ଼ିଆ ପକାଇ ଅନ୍ୟ ବୃତ୍ତି ଆପଣାଇ ନେଉଛନ୍ତି । ତେବେ ଉନ୍ନତମାନର ବିଶୋଧିତ ବିହନ, ଉନ୍ନତ ଚାଷ ପ୍ରଣାଳୀରେ ଚାଷ ପାଇଁ ଚାଷୀଙ୍କୁ ତାଲିମ ପ୍ରଦାନ କରିବା ସହ ଅଦା ପାଇଁ ସ୍ୱତନ୍ତ୍ର ବଜାର ସୃଷ୍ଟି କରାଗଲେ ଏହି ଲାଭଦାୟକ ଚାଷ ମୟୂରଭଞ୍ଜ ଚାଷୀଙ୍କ ପାଇଁ ଉତ୍ତମ ରୋଜଗାରର ବିକଳ୍ପ ହୋଇପାରିବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି । ଏହାକୁ ନେଇ ଆୟୁଷ ଡାକ୍ତର ସନତ କୁମାର ଦାଶ କହନ୍ତି, ବିଭିନ୍ନ ସ୍ୱାସ୍ଥ୍ୟ ଜନିତ ସମସ୍ୟାରୁ ଉପଶମ ପାଇଁ ଅଦାର ଅତି ଦରକାରୀ ଔଷଧ ଭାବେ କାର୍ଯ୍ୟରେ ଲାଗିଥାଏ ।



# କାଜଲଙ୍କ ଭିନ୍ନ ସାହସିକତା:ଉଦ୍ଧାର କଲେଣି ୩୦୦ରୁ ଉର୍ଦ୍ଧ୍ୱ ସାପ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଅସରପା ଦେଖିଲେ ମହିଳାମାନେ ବେଶୀ ଡରନ୍ତି । ସାପ ସମସ୍ତଙ୍କୁ ଡର । ବହୁ ଦୂରରୁ ସାପ ଦେଖିଲେ ମଧ୍ୟ ନାଁ ଶୁଣି ସମସ୍ତେ ଭୟ କରିବା ସ୍ୱାଭାବିକ । ଏବେ ସାପ ଉଦ୍ଧାର କରିବା ପାଇଁ ଆଗକୁ ଆସୁଛନ୍ତି ମହିଳା । ଅନ୍ୟଙ୍କ ପାଇଁ ପ୍ରେରଣା ମଧ୍ୟ ସାଜୁଛନ୍ତି । ସେହିପରି ଜଣେ ମହିଳା ହେଉଛନ୍ତି ବ୍ରହ୍ମପୁର ପ୍ରେମ ନଗର ତୃତୀୟ ଲାଇନ୍‌ର ଭି. କାଜଲ ପାତ୍ର (୧୯) । କାଜଲଙ୍କ ଏଭଳି ସାହାସିକତା ଦେଖି ସବୁଠି ପ୍ରଶଂସା । ସାପ ସୁରକ୍ଷା ପାଇଁ ପ୍ରତିବର୍ଷ ଜୁଲାଇ ୧୬ ତାରିଖ ବିଶ୍ୱ ସର୍ପ ଦିବସ ରୂପେ ପାଳନ କରାଯାଉଛି । ପୂର୍ବରୁ ସାପ ସୁରକ୍ଷା ପାଇଁ ଉଦ୍ଧାରକ ଭାବେ ବହୁ ପୁରୁଷ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ସେଥିରେ ତାଳ ଦେଇ ମହିଳାମାନେ ମଧ୍ୟ ସାପ ଉଦ୍ଧାର କରିବାକୁ ଆଗଭର ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି କାଜଲ । କାଜଲ ପିଲା ଦିନରୁ ସାପ ଧରିବା ଏବଂ ସାପ ବିଷୟରେ ଜାଣିବା ପାଇଁ ବେଶ୍ ଆଗ୍ରହୀ । ସେ ୮ ବର୍ଷ ବୟସରୁ ବିଭିନ୍ନ ପ୍ରଜାତିର ସାପ ଧରିବା ଆରମ୍ଭ କରିଥିଲେ । ବର୍ତ୍ତମାନ ସୁଦ୍ଧା ସେ ୩ ଶହରୁ ଉର୍ଦ୍ଧ୍ୱ ସାପ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ିଛନ୍ତି । ୨୦୧୪ରେ ପ୍ରଥମ ଥର ସେ ଖଲ୍ଲିକୋଟ କଲେଜ ନିକଟସ୍ଥ ଝାନ୍ସୀରାଣୀ ବାଳିକା ହଷ୍ଟେଲ୍ ପରିସରରୁ ଏକ ଡମଣା ସାପ ଉଦ୍ଧାର କରିଥିଲେ । ପରବର୍ତ୍ତୀ ସମୟରେ ସେ ନାଗ, ଅହିରାଜ, ରଣା, ଚିତି ପରି ବିଷଧର ସାପ ସମେତ ଅଜଗର ପରି ବିରାଟକାୟ ସାପ ମଧ୍ୟ ଉଦ୍ଧାର କରିଛନ୍ତି । ବାପା ଭି. ରାମେଶ୍ୱର ପାତ୍ର ଜଣେ ସର୍ପ ଉଦ୍ଧାରକ ଭାବେ କାମ କରନ୍ତି । ପିଲାଟି ଦିନରୁ ବାପାଙ୍କ ସହ ସାପ ଉଦ୍ଧାର ପାଇଁ ଯାଉଥିଲେ । ଧିରେ ଧିରେ ସାପଙ୍କ ସୁରକ୍ଷା ଓ ପରିବେଶରେ ସେମାନଙ୍କ ଆବଶ୍ୟକତା ଉପରେ ଜାଣିଲେ । ବାପା ସାପ ଉଦ୍ଧାର ପାଇଁ ଯିବାକି କହିଲେ ସେ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହେଉଥିଲେ । ବାପାଙ୍କ ପ୍ରେରଣାରେ ସାପ ଧରିବା ଆରମ୍ଭ କରି ସାପ ଉଦ୍ଧାର କରି ଜଙ୍ଗଲରେ ଛାଡୁଛନ୍ତି ବୋଲି କାଜଲ କହିଛନ୍ତି । ପିଲାଟି ସମୟରେ ସାପକୁ ଉଦ୍ଧାର କରି ଘରକୁ ଆଣିବା ପରେ ସବୁବେଳେ ତାହା ବିଷୟରେ ଟିକ୍‌ନିଖି ସେ ପଚାରି ବୁଝେ । ସାପ ଧରିବା କଥା ଶୁଣିବା ମାତ୍ରେ ଟ୍ୟୁସନ୍ ଛାଡ଼ି ମୋ ସହ ବାହାରିଥାଏ । ପ୍ରଥମେ ବିଷହୀନ ସାପ ଧରିବା ଆରମ୍ଭ କରିଥିଲା । ପରେ ସମସ୍ତ ପ୍ରଜାତିର ସାପକୁ ଉଦ୍ଧାର କରୁଛି । ମୋ ସହ ଗଜପତି ଜିଲ୍ଲା ଜିରାଙ୍ଗରୁ ଏକ ବିରାଟକାୟ ଅହିରାଜ ସାପ ମଧ୍ୟ ଉଦ୍ଧାର କରିଛି । ତା ପାଇଁ ମୁଁ ଗର୍ବିତ । ସେ ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛି । ଛାତ୍ରୀ ଓ ମହିଳାମାନେ ରହୁଥିବା ଅନୁଷ୍ଠାନରୁ ସାପ ଉଦ୍ଧାର ପାଇଁ ଆସିଲେ ମୁଁ ତାକୁ ସାଥିରେ ନିଏ ଏବଂ ସେଠାରେ ରେସ୍କ୍ୟୁ କରେ ବୋଲି କାଜଲଙ୍କ ବାପା ରାମେଶ୍ୱର କହିଛନ୍ତି ।



# ଭାରତୀୟ ଆଥଲେଟ୍‌ଙ୍କ ପାଇଁ ବଡ଼ ଘୋଷଣା କଲେ ଜୟ ଶାହା






**ନୂଆଦିଲ୍ଲୀ**

ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତୀୟ ଆଥଲେଟ୍‌ଙ୍କ ଉଦ୍ଦେଶ୍ୟରେ ରବିବାର ୮.୫ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ପ୍ୟାରିସ ଗେମ୍ସ ଜୁଲାଇ ୨୬ରୁ ଆରମ୍ଭ ହେବ । ବିସିସିଆଇ ସମ୍ପାଦକ ଜୟ ଶାହା ତାଙ୍କ ସୋସିଆଲ ମିଡିଆ ଏକ୍ସ ଆକାଉଣ୍ଟରେ କହିଛନ୍ତି, ଆମ ଆଥଲେଟମାନେ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରି ଦେଶକୁ ଗୌରବାନ୍ୱିତ କରି ଫେରିବେ ବୋଲି ଆଶା ପ୍ରକାଶ କରି ସେମାନଙ୍କର ଶୁଭକାମନା କରିଛନ୍ତି । ପ୍ୟାରିସ ଗେମ୍ସରେ ଭାରତରୁ ୧୧୭ ଆଥଲେଟି ପ୍ରତିନିଧିତ୍ୱ କରିବେ। ସେମାନଙ୍କ ସହିତ ୧୪୦ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଫଳରେ ଭାରତୀୟ ଦଳ ସଂଖ୍ୟା ୨୫୭ରେ ପହଞ୍ଚିଛି।

# ମୁମ୍ବାଇ ଇଣ୍ଡିଆନ୍ସକୁ ଲାଗିପାରେ ଶକ୍ତ ଝଟ୍‌କା: ୩ ଖେଳାଳି ଛାଡିପାରନ୍ତି ଦଳ

**ମୁମ୍ବାଇ**

ଆଇପିଏଲର ଶେଷ ସିଜିନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଭଲ ନ ଥିଲା। ଆଇପିଏଲ ୨୦୨୫ ପୂର୍ବରୁ ମୁମ୍ବାଇକୁ ଶକ୍ତ ଝଟ୍‌କା ଲାଗିପାରେ। ଏକ ରିପୋର୍ଟ ଅନୁଯାୟୀ, ରୋହିତ ଶର୍ମାଙ୍କ ସହ ଆଉ ଦୁଇଜଣ ଭେଟେରାନ ଦଳ ଛାଡିପାରନ୍ତି। ଜସପ୍ରୀତ ବୁମ୍‌ରା ଏବଂ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଦଳ ଛାଡିପାରନ୍ତି । କିନ୍ତୁ ଏ ସମ୍ପର୍କରେ କୌଣସି ସରକାରୀ ସୂଚନା ପ୍ରକାଶ ପାଇନାହିଁ।

ମୁମ୍ବାଇ ଗତ ସିଜନରେ ଗୁଜରାଟ ଟାଇଟାନ୍ସକୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବ୍ୟବସାୟ କରିଥିଲା। ପାଣ୍ଡ୍ୟା ଦଳରେ ଯୋଗଦେବା ମାତ୍ରେ ରୋହିତ ଶର୍ମାଙ୍କୁ ଅଧିନାୟକରୁ ହଟାଇ ଦିଆଯାଇଥିଲା। ସୋସିଆଲ ମିଡିଆରେ ରୋହିତଙ୍କୁ ଅଧିନାୟକ ପଦରୁ ହଟାଇବାକୁ ପ୍ରଶଂସକମାନେ ବିରୋଧ କରିଥିଲେ। ଏହା ସହିତ ଦଳର ଖେଳାଳିମାନେ ମଧ୍ୟ ଖୁସି ନ ଥିଲେ । ମୁମ୍ବାଇ ଖେଳାଳିମାନେ ପାଣ୍ଡ୍ୟାଙ୍କ ମନୋଭାବରେ ଖୁସି ନ ଥିଲେ। ବର୍ତ୍ତମାନ ଏହାର ପ୍ରଭାବ ପରବର୍ତ୍ତୀ ସିଜିନ୍‌ରେ ମଧ୍ୟ ଦେଖିବାକୁ ମିଳେ। ମୁମ୍ବାଇ ପାଇଁ ଟାଇଟଲ ଜିତିବାରେ ଏହି ତିନୋଟି କିମ୍ବଦନ୍ତୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ବର୍ତ୍ତମାନ ସେମାନେ ଅଲଗା ହେବା ଦିଗରେ ଗତି କରୁଛନ୍ତି । ରୋହିତଙ୍କ ସହ ବୁମରା ଏବଂ ସୂର୍ଯ୍ୟଙ୍କର ବହୁତ ଭଲ ବନ୍ଧନ ଅଛି । ଯଦି ଏହି ତିନିଜଣ ମୁମ୍ବାଇରୁ ବାହାରିଛନ୍ତି ତେବେ ଦଳ ଏକ ବଡ଼ କ୍ଷତି ସହିବ । ଯଦି ରୋହିତ ମୁମ୍ବାଇ ଛାଡନ୍ତି ତେବେ ସେ ଗୁଜରାଟ ଟାଇଟାନ୍ସ କିମ୍ବା ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇପାରନ୍ତି।







ଭୁବନେଶ୍ୱର : କଳିଙ୍ଗଷ୍ଟାଡିୟମରେ ଆୟୋଜିତ ୧୧ବର୍ଷ ତଳ ବୟସର ବାଳକ ଗୋଷ୍ଠୀ-୩ ବ୍ୟକ୍ତିଗତ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଶିଭାଂଶ ଶତପଥୀ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୫୦ ମିଟର ଫ୍ରୀଷ୍ଟାଇଲ୍, ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍, ୫୦ ମିଟର ବ୍ରିଷ୍ଟ ଷ୍ଟ୍ରୋକ, ୧୦୦ ମିଟର ଫ୍ରୀଷ୍ଟାଇଲ୍ ଏବଂ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। (ଫଟୋ : ସମ୍ବାଦ କଳିକା)

# ବୁଦ୍ଧିମାନ ଲୋକଙ୍କ ଖେଳ

**ନୂଆଦିଲ୍ଲୀ**

ପ୍ରତି ବର୍ଷର ଜୁଲାଇ ୨୦ ତାରିଖକୁ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବରେ ପାଳନ କରାଯାଏ। ବୁଦ୍ଧିମାନ ଲୋକଙ୍କ ଖେଳ ଭାବରେ ପରିଚିତ ଏହି ଖେଳ ଦୁଇ ଜଣ ଖେଳାଳିଙ୍କ ମଧ୍ୟରେ ଖେଳାଯାଏ। ଚେସ୍ ଖେଳର ଇତିହାସ ୧୫୦୦ ବର୍ଷରୁ ଅଧିକ ପୁରୁଣା ହୋଇଥିଲେ ମଧ୍ୟ ଜୁଲାଇ ୨୦, ୧୯୨୪ରେ ପ୍ରଥମେ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ୍(ଫିଡେ) ସ୍ଥାପନ କରାଯାଇଥିଲା। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତ୍ୟେକ ବର୍ଷ ବିଶ୍ୱ ଚେସ୍ ଦିବସ ପାଳନ କରାଯାଉଛି। ସମଗ୍ର ବିଶ୍ୱରେ ଚେସ୍‌କୁ ନେଇ ସଚେତନତା ସୃଷ୍ଟି କରିବା ଓ ଏହାର ଫାଇଦା ଜଣାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଇତିହାସ ଅନେକ ପୁରୁଣା । ଏହାକୁ ନେଇ ଭିନ୍ନ ଭିନ୍ନ କାହାଣୀ ମଧ୍ୟ ରହିଛି। ଖ୍ରୀଷ୍ଟାବ୍ଦ ୩୧୯-୫୪୩ ମଧ୍ୟରେ ଉତ୍ତର ଭାରତରେ ଗୁପ୍ତ ସାମ୍ରାଜ୍ୟ ଦ୍ୱାରା ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ ଚତୁରଙ୍ଗ ରହିଥିଲା । ସିଲ୍କ ରୋଡ ମାଧ୍ୟମରେ ଏହା ପର୍ସିଆରେ ପହଞ୍ଚିବା ପରେ ଏହାର ନାମକରଣ ଚେସ୍ ହୋଇଥିଲା। ଇତିହାସକାରଙ୍କ ଅନୁସାରେ ଜନୈକ ଭାରତୀୟ ରାଷ୍ଟ୍ରଦୂତ ପର୍ସିଆ ଗସ୍ତ ସମୟରେ ରାଜା ଖର୍ସୋ (୫୩୧-୫୭୯ ଖ୍ରୀଷ୍ଟାବ୍ଦ)ଙ୍କୁ ଏକ ଚତୁରଙ୍ଗ ବୋର୍ଡ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ପର୍ସିଆରେ ଲୋକପ୍ରିୟତା ହାସଲ କରିବା ସହ ୟୁରୋପରେ ପହଞ୍ଚିଥିଲା। ଅଲ ସୁଲି ଓ ଅଲ ଲାଜଲାଜ ନାମକ ଦୁଇ ଜଣ ବ୍ୟକ୍ତି ଏହି ଖେଳର ନିୟମ ନିର୍ଦ୍ଧାରଣ କରିଥିବା ବେଳେ ୯୦୦-୧୦୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ୟୁରୋପରେ ପହଞ୍ଚିଥିଲା। ୟୁରୋପ ମଧ୍ୟ ଦେଇ ଏହି ଖେଳ ରୁଷିଆରେ ପହଞ୍ଚିଥିଲା। ୧୯୨୪ ପର୍ଯ୍ୟନ୍ତ ଏହି ଖେଳଟି ଅଣ ସଂଗଠିତ ରହିଥିବା ବେଳେ ଜୁଲାଇ ୨୦ ତାରିଖରେ ପ୍ୟାରିସ୍‌ରେ ଫିଡେ ସ୍ଥାପନ କରାଯାଇଥିଲା। ୧୨ ଡିସେମ୍ବର ୨୦୧୮ରେ ଫିଡେ ସାଧାରଣ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।



# ସୂର୍ଯ୍ୟକୁମାର ଯାଦବ ନୁହେଁ, ଶୁବମନ ଗିଲ ଟିମ୍ ଇଣ୍ଡିଆର ଭବିଷ୍ୟତ

**ନୂଆଦିଲ୍ଲୀ**

ନିକଟରେ ସୂର୍ଯ୍ୟକୁମାର ଯାଦବଙ୍କୁ ଭାରତର ଟି-୨୦ ଦଳର ଅଧିନାୟକ କରାଯାଇଛି । ସେ ଶ୍ରୀଲଙ୍କା ଗସ୍ତରେ ଦଳର ଅଧିନାୟକ ହେବେ। ରୋହିତ ଶର୍ମା ଟି -୨୦ ଇଣ୍ଟରନ୍ୟାସନାଲରୁ ଅବସର ନେବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହା ପରେ ଜଣାପଡୁଛି ଯେ ସୂର୍ଯ୍ୟକୁମାର ଯାଦବ ଟି -୨୦ରେ ଭାରତର ସ୍ଥାୟୀ ଅଧିନାୟକ ଅଟନ୍ତି । କିନ୍ତୁ ପୂର୍ବତନ ଭାରତୀୟ ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋଡ କହିଛନ୍ତି ଯେ ଶୁବମନ ଗିଲ ସେହି ଖେଳାଳି ପରି ମନେ ହେଉଛନ୍ତି । ଯିଏ ଭବିଷ୍ୟତରେ ସମସ୍ତ ତିନୋଟି ଫର୍ମାଟରେ ଟିମ୍ ଇଣ୍ଡିଆକୁ ଅଧିନାୟକ କରି ପାରିବେ। ବିକ୍ରମ ରାଠୋର ଦୀର୍ଘ ସମୟ ଧରି ଟିମ୍ ଇଣ୍ଡିଆର ବ୍ୟାଟିଂ କୋଚ ଥିଲେ । ସେ ବିରାଟ କୋହଲିଙ୍କ ଅଧିନାୟକରେ ଟିମ୍ ଇଣ୍ଡିଆର ସପୋର୍ଟ ଷ୍ଟାଫରେ ପ୍ରବେଶ କରିଥିଲେ ଏବଂ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ପର୍ଯ୍ୟନ୍ତ ଦଳରେ ରହିଥିଲେ। ଦଳରୁ ବାହାରିବା ପରେ ରାଠୋର ଗିଲଙ୍କ ବ୍ୟାଟିଂ ଏବଂ ଅଧିନାୟକ ସମ୍ପର୍କରେ ନିଜର ମତ ପ୍ରକାଶ କରିଛନ୍ତି। ରାଠୋର ଇଂରାଜୀ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସକୁ କହିଛନ୍ତି ଯେ ଯେତେବେଳେ ସେ ଗିଲଙ୍କୁ ପ୍ରଥମ ଥର ନେଟ୍‌ରେ ବ୍ୟାଟିଂ କରୁଥିବା ଦେଖିଲେ ସେ ବହୁତ ପ୍ରଭାବିତ ହୋଇଥିଲେ।

## କ୍ରୀଡା ପୁରସ୍କାର ନାଁ ବଦଳେଇବା ଘଟଣା

# ସଫେଇ ଦେଲେ କ୍ରୀଡା ମନ୍ତ୍ରୀ




ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ବଦଳାଇ ଦେବାର ଗୋଟିଏ ଦିନ ପରେ ୟୁ-ଟର୍ନ ନେଇଛନ୍ତି ରାଜ୍ୟ ସରକାର। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାଁ ପରିବର୍ତ୍ତନ ହେବନି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝି କହିଛନ୍ତି।

ତେବେ ମୁଖ୍ୟମନ୍ତ୍ରୀ କହିବାର କିଛି ସମୟ ପରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଏନେଇ ସଫେଇ ଦେଇଛନ୍ତି । ସେ କହିଛନ୍ତି, ବିଜୁ ବାବୁଙ୍କ ପ୍ରତି ସମ୍ମାନ ରହିଛି । ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନ ଦେବାକୁ ଚେଷ୍ଟା କରୁଛି କ୍ରୀଡ଼ା ବିଭାଗ।

ସୂଚନାଥାଉ କି, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ବଦଳାଇବା ନେଇ ଶନିବାର କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଏଣିକି ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ ନାମରେ ନାମିତ ହେବ ବୋଲି କୁହାଯାଇଥିଲା। ଏଥି ସହିତ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି ସମ୍ମାନକୁ ନେଇ ନୂଆ ଗାଇଡଲାଇନ ମଧ୍ୟ ଜାରି କରାଯାଇଥିଲା।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଏହି ପୁରସ୍କାର ଆରମ୍ଭ କରାଯାଇଥିଲା । ସେ ଏହି ପୁରସ୍କାର ତାଙ୍କ ପିତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିଥିଲେ। ପ୍ରତିବର୍ଷ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଏ। ମୋଟ ୫ଟି ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଏ।

# ଆଇସିସି ଉପରେ ରାଗିକି ନିଆଁବାଣ ପାକିସ୍ତାନ

**ଇସଲାମାବାଦ : ନ୍ୟୁଜ୍ ବ୍ୟୁରୋ**

ଚମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନରେ ଆୟୋଜିତ ହେବ । ଜିଦ୍ ଧରି ବସିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ରଜା । ନକଭି ଚମ୍ପିୟନ ଟ୍ରଫି ପାଇଁ କୌଣସି ହାଇବ୍ରିଡ ମଡେଲକୁ ବିଚାର କରାଯିବ ନାହିଁ ବୋଲି ନକଭି ଆଇସିସିକୁ ମଧ୍ୟ ସ୍ପଷ୍ଟ କରିଛନ୍ତି । ଭାରତୀୟ କ୍ରିକେଟ ଦଳ ପାକିସ୍ତାନ ଯିବା ସହିତ ଏହି ପୂରା ବିବାଦ ଆରମ୍ଭ ହୋଇଛି, ଯଦିଓ ବିସିସିଆଇର କୌଣସି ଅଫିସିଆଲ ବିବୃତ୍ତି ଏପର୍ଯ୍ୟନ୍ତ ବାହାରି ନାହିଁ, କିନ୍ତୁ ମିଡିଆ ରିପୋର୍ଟ ଅନୁଯାୟୀ ଟିମ୍ ଇଣ୍ଡିଆ ଚମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବ ନାହିଁ।

ଜୁଲାଇ ୧୯ରେ କଲମ୍ବୋରେ ଆଇସିସି ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହେବ । ରିପୋର୍ଟ ଅନୁଯାୟୀ, ହାଇବ୍ରିଡ ମଡେଲକୁ ବିଚାର କରାଯିବ ନାହିଁ ବୋଲି ପିସିବି ସ୍ପଷ୍ଟ କରିଛି ବୋଲି ରିପୋର୍ଟରେ ଏହା କୁହାଯାଇଛି । ପିସିବି ଚେୟାରମ୍ୟାନ ମୋହସିନ ରଜା ନକଭି ଆଇସିସିକୁ ସ୍ପଷ୍ଟ କରିଛନ୍ତି, ପାକିସ୍ତାନ ଚମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜନ କରିବ, ଯେଉଁଥି ପାଇଁ କୌଣସି ହାଇବ୍ରିଡ ମଡେଲ କାର୍ଯ୍ୟକାରୀ ହେବ ନାହିଁ । ପାକିସ୍ତାନକୁ ଭାରତ ଆଣିବା ହେଉଛି ଆଇସିସିର କାମ, ପାକିସ୍ତାନ କ୍ରିକେଟ ବୋର୍ଡର ନୁହେଁ। କିଛି ସପ୍ତାହ ପୂର୍ବରୁ, ଆଇସିସି ପିସିବି ଦ୍ୱାରା ପଠାଯାଇଥିବା ପ୍ରସ୍ତାବିତ କାର୍ଯ୍ୟସୂଚୀକୁ ସବୁଜ ସଙ୍କେତ ଦେଇଥିଲା। ସେହି କାର୍ଯ୍ୟସୂଚୀ ଅନୁଯାୟୀ ଟିମ୍ ଇଣ୍ଡିଆର ସମସ୍ତ ମ୍ୟାଚ ଲାହୋରର ଗାଡଫି ଷ୍ଟାଡିୟମରେ ଖେଳାଯିବ । ଯଦି ଭାରତ ସେମିଫାଇନାଲ କିମ୍ବା ଫାଇନାଲରେ ପହଞ୍ଚେ, ତେବେ ସେହି ମ୍ୟାଚ ଲାହୋରରେ ମଧ୍ୟ ଖେଳାଯିବ । କାର୍ଯ୍ୟସୂଚୀ ଅନୁଯାୟୀ ମାର୍ଚ୍ଚ ୧ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ଖେଳାଯିବ। ଏହାପୂର୍ବରୁ ମଧ୍ୟ କୁହାଯାଇଥିଲା ଯେ, ଯଦି ଭାରତ ଚମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଆସିବ ନାହିଁ ପାକିସ୍ତାନ ଦଳ ମଧ୍ୟ ଭାରତ ଆୟୋଜନ କରିବାକୁ ଯାଉଥିବା ୨୦୨୬ ଟି-୨୦ ବିଶ୍ୱକପ ଖେଳିବାକୁ ଯିବ ନାହିଁ।

# ଏନ୍‌ସିଏ ଛାଡ଼ିବେ ଭିଭିଏସ ଲକ୍ଷ୍ମଣ




ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ଭାରତୀୟ ସିନିୟର କ୍ରିକେଟ ଦଳର ନୂତନ ମୁଖ୍ୟ କୋଚ ଭାବେ ଗୌତମ ଗମ୍ଭୀର ଦାୟିତ୍ୱ ନେବା ପରେ ଏବେ ନ୍ୟାସନାଲ କ୍ରିକେଟ ଏକାଡେମୀରେ ମଧ୍ୟ ପରିବର୍ତ୍ତନ ଆଶା କରାଯାଉଛି ବେଙ୍ଗାଲୁରୁର ଏନସିଏ। ଭାରତୀୟ କ୍ରିକେଟର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଦକ୍ଷ ପ୍ରଶିକ୍ଷକଙ୍କ ଅଧୀନରେ ଅନେକ ବର୍ଗର କ୍ୟାମ୍ପସ ଆୟୋଜିତ ହୋଇଥିବାବେଳେ ଚୁକ୍ତିଭିତ୍ତିକ ବରିଷ୍ଠ ଦଳର ସଦସ୍ୟମାନେ ମଧ୍ୟ ଆହତ ଅବସ୍ଥାରେ ସେମାନଙ୍କର ପ୍ରତ୍ୟାବର୍ତ୍ତନ କରିବା ପ୍ରକ୍ରିୟାର ଏକ ଅଂଶ ଭାବରେ ଏଠାକୁ ଆସନ୍ତି।

୨୦୨୧ ରୁ ପୂର୍ବତନ ଭାରତୀୟ କ୍ରିକେଟ ଦଳର ବ୍ୟାଟର ଭିଭିଏସ ଲକ୍ଷ୍ମଣ ଏନସିଏ ମୁଖ୍ୟ ନିଯୁକ୍ତ ହୋଇଥିଲେ। ରାହୁଲ ଦ୍ରାବିଡ ଭାରତୀୟ ଦଳର ପ୍ରଶିକ୍ଷକ ହେଲା ପରେ ଲକ୍ଷ୍ମଣ ତାଙ୍କ ସ୍ଥାନ ଗ୍ରହଣ କରିଥିଲେ। ପାରମ୍ପରିକ ଭାବରେ, ଏନସିଏ ମୁଖ୍ୟ । ବେଳେବେଳେ ଜାତୀୟ ଦଳ ସହିତ ଅନେକ ଗସ୍ତରେ ମଧ୍ୟ ଯାତ୍ରା କରନ୍ତି। କିନ୍ତୁ ବର୍ତ୍ତମାନ, ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଭିଭିଏସ ଲକ୍ଷ୍ମଣ ଏହି ଭୂମିକାରେ ଅବ୍ୟାହତ ରହିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଏବଂ ମୁଖ୍ୟ ପ୍ରଶିକ୍ଷକଙ୍କ ଭୂମିକା ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟସ ତାଙ୍କୁ ଦଳରେ ସାମିଲ କରିବାକୁ ଆଗ୍ରହୀ ଅଛି। ଅଗଷ୍ଟରେ ତାଙ୍କର ଚୁକ୍ତିନାମା ଶେଷ ହେଉଥିଲା ବେଳେ ଏକାଧିକ ରିପୋର୍ଟ ଅନୁଯାୟୀ ସେ ଚୁକ୍ତି ନବୀକରଣ ଚାହୁଁ ନାହାଁନ୍ତି । ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୨୦୨୪ ଟି-୨୦ ବିଶ୍ୱକପ୍‌ର ସପୋର୍ଟ ଷ୍ଟାଫ୍‌ର ଅଂଶବିଶେଷ ଥିବା ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋର ସମ୍ଭାବ୍ୟ ଉତ୍ତରାଧିକାରୀ ହେବେ। ନିକଟରେ ଲକ୍ଷ୍ମଣ ଟି-୨୦ବିଶ୍ୱକପ ଜିତିବାରେ ଭାରତରେ ରାହୁଲ ଦ୍ରାବିଡଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଯେତେବେଳେ ସେ (ଦ୍ରାବିଡ) ବିଶ୍ୱକପ ଉଠାଇଲେ, ମୁଁ ଭାବିଲି ସେହି ଟ୍ରଫି ହସ୍ତାନ୍ତର କରିବ। ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଦ୍ୱାରା ଏକ ମହାନ କାର୍ଯ୍ୟ ଅଟେ ବିସିସିଆଇ ଦ୍ୱାରା ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ଲକ୍ଷ୍ମଣ ଏହି ବିଜୟ ପଛରେ ଏକ ବଡ଼ କାହାଣୀ କହିଛନ୍ତି।

# ଗମ୍ଭୀରଙ୍କ ସହକାରୀ ହୋଇପାରନ୍ତି ନାୟାର, ଡୋସ୍‌ଚେଟ



**ନୂଆଦିଲ୍ଲୀ**

ଜୁଲାଇ ୨୭ରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ ପାଇଁ ଅଭିଷେକ ନାୟାର ଓ ର୍ୟାନ ଟେନ୍ ଡୋସ୍‌ଚେଟ୍‌ଙ୍କୁ ନବ ନିଯୁକ୍ତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହକାରୀ କୋଚ୍ ଭାବେ ନିଯୁକ୍ତି ମିଳିପାରେ। ସେମାନେ ଖୁବ୍‌ଶୀଘ୍ର ଭାରତୀୟ କ୍ରିକେଟ ଦଳ ସହ ଯୋଗ ଦେଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। ନାୟାର ଭାରତ ତରଫରୁ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ବେଳେ ଡୋସ୍‌ଚେଟ୍ ନେଦରଲାଣ୍ଡ୍ସର ହାର୍ଡ ହିଟିଂ ଅଲରାଉଣ୍ଡର ଥିଲେ। ଆଇପିଏଲ୍‌ରେ ସେ କୋଲକାତା ନାଇଟ ରାଇଡର୍ସ (କେକେଆର)ରେ ଗମ୍ଭୀରଙ୍କ ସହିତ କାର୍ଯ୍ୟ କରିଛନ୍ତି। ନାୟାର ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ। ସେ ଦୀନେଶ କାର୍ତ୍ତିକ ଓ ରିଙ୍କୁ ସିଂଙ୍କ ଭଳି ଖେଳାଳିଙ୍କ ସହିତ କାର୍ଯ୍ୟ କରିଛନ୍ତି। ଡୋସ୍‌ଚେଟ୍ ବର୍ତ୍ତମାନ ଚଳିତ ମେଜର ଲିଗ୍ କ୍ରିକେଟ (ଏମ୍‌ଏଲ୍‌ସି)ରେ ଏଲ୍‌ଏ ନାଇଟ ରାଇଡର୍ସ ପାଇଁ କାର୍ଯ୍ୟ କରୁଛନ୍ତି ଗମ୍ଭୀର। ଖୋଲାଖୋଲି ଭାବେ ଉଚ୍ଚମ୍ୟାନଙ୍କ ପ୍ରତି ତାଙ୍କ ଇଚ୍ଛା ଜାହିର କରିଛନ୍ତି। ତେବେ ବୋଲିଂ କୋଚ୍ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ନାହିଁ। ରାହୁଲ ଡ୍ରାଭିଡଙ୍କ ଅମଳରେ କାର୍ଯ୍ୟକରୁଥିବା ଟି. ଦିଲୀପ ହୁଏତ୍ ଫିଲ୍ଡିଂ କୋଚ୍ ଭାବେ ତାଙ୍କ ସ୍ଥାନ ବଜାୟ ରଖିପାରନ୍ତି । ବୋଲିଂ କୋଚ୍ ପାଇଁ ଗମ୍ଭୀର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ପୂର୍ବତନ ଭାରତୀୟ ସିମର ଆର. ବିନିୟ କୁମାର ଓ ଏଲ୍ ବାଲାଜୀ ଏବଂ ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ବୋଲର ମୋର୍ନି ମୋର୍କେଲଙ୍କ ନାମ ପ୍ରସ୍ତାବ ରଖିଛନ୍ତି । ପୂର୍ବରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ବିନୟ ଓ ବାଲାଜୀଙ୍କୁ ପଛରେ ପକାଇ ମୋର୍କେଲଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ମିଳିପାରେ । କେକେଆରରେ ଗମ୍ଭୀରଙ୍କ ସହ ବିନୟ ଓ ବାଲାଜୀ କାର୍ଯ୍ୟ କରିଥିବା ବେଳେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସରେ ମୋର୍କେଲ ତାଙ୍କ ସହ କାର୍ଯ୍ୟ କରିଛନ୍ତି। ମୋର୍କେଲ ଯଦି ରାଜି ହୁଅନ୍ତି ତେବେ ଅଷ୍ଟ୍ରେଲିଆର ଜୋ ଡାୱିସଙ୍କ ପରେ ସେ ପ୍ରଥମ ବିଦେଶୀ ବୋଲିଂ କୋଚ୍ ହେବେ। ସୂଚନାଯୋଗ୍ୟ, ମୋର୍କେଲ ଭାରତରେ ୫୦ ଓଭର ବିଶ୍ୱକପ୍ ପର୍ଯ୍ୟନ୍ତ ପାକିସ୍ତାନର ବୋଲିଂ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ଭାରତୀୟ ଦଳ ଏକ ଚାର୍ଟାର୍ଡ ବିମାନ ଯୋଗେ ଜୁଲାଇ ୨୨ରେ ମୁମ୍ବାଇରୁ କଲମ୍ବୋ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ନାୟାର ଓ ଦିଲୀପ ମଧ୍ୟ ଦଳ ସହିତ ଯାଇପାରନ୍ତି। ତେବେ ଡୋସ୍‌ଚେଟ୍ ଦଳରେ କେବେ ଯୋଗ ଦେବେ ତାହା ସ୍ପଷ୍ଟ ହୋଇ ନାହିଁ।

# ବହୁ ପୁରାତନ ଶ୍ରୀଲିଙ୍ଗରାଜ ଥାନାକୁ ମିଳୁନି ଜମି

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ରାଜଧାନୀରେ ୧୧୭ବର୍ଷ ପୁରାତନ ଶ୍ରୀଲିଙ୍ଗରାଜ ଥାନାକୁ ମିଳୁନି ଜମି। ଥାନା ପାଇଁ ଚିହ୍ନଟ ଜମିକୁ ଦେବୋତ୍ତର ଓ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନାହିଁ। ପୁଲିସ ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡକୁ ଅନୁମତି ମଗାଯାଇଛି । ୪ମାସ ହେବ ଟ୍ରଷ୍ଟବୋର୍ଡ ବୈଠକ ବସିନଥିବାରୁ ଶ୍ରୀଲିଙ୍ଗରାଜ ଐତିହ୍ୟ ଥାନା ନିର୍ମାଣ ପ୍ରସ୍ତାବ ମଞ୍ଜୁରି ଅପେକ୍ଷାରେ ରହିଛି। ଆସନ୍ତା ଡିସେମ୍ବରକୁ ଏକାମ୍ର ପ୍ରକଳ୍ପ ଘୋଷଣାର ପାଞ୍ଚବର୍ଷ ପୂରିବ। ୨୦୧୯ ଡିସେମ୍ବର ୧୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାମ୍ର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣ ସହ ୬୬ଏକର ପରିମିତ ଅଞ୍ଚଳର ଉନ୍ନତିକରଣ ହେବ। ଏଥିରେ ୧୦ଟି ପ୍ରକଳ୍ପ ହେବ। ପ୍ରକଳ୍ପରେ ପ୍ରାଚୀନ ମନ୍ଦିର ଏବଂ ତୀର୍ଥ ପୁଷ୍କରିଣୀ ଝଲସି ଉଠିବ। ରାଜ୍ୟ ସରକାର ପ୍ରକଳ୍ପ ପୂର୍ବରୁ ଜମି ଅଧିଗ୍ରହଣ କରିଥିଲେ। ଘରୋଇ ଜମି ମାଲିକଙ୍କୁ ଦୁଇଗୁଣା ଅର୍ଥ ଦେଇ ଜମି ଅଧିଗ୍ରହଣ କଲେ। କିନ୍ତୁ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ଏବଂ ବ୍ରିଟିଶ ଅମଳର ଶ୍ରୀଲିଙ୍ଗରାଜ ଥାନାକୁ ଭାଙ୍ଗିବା ପୂର୍ବରୁ ଟଙ୍କାଟିଏ ଦେଲେ ନାହିଁ କି ଜମିଖଣ୍ଡେ ଯୋଗାଇଲେ ନାହିଁ । କିଛି ମାସ ତଳେ ପୂର୍ତ୍ତ ବିଭାଗ ସାନିଟାରିୟମ ଛକରେ ଶ୍ରୀଲିଙ୍ଗରାଜ ଥାନା ପାଇଁ ଜାଗା ଚିହ୍ନଟ କରି ବିଏମ୍‌ସିକୁ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିଲା । ଭୁବନେଶ୍ୱର ୭ନଂ ନାଳକୁ ଲାଗି ଚିହ୍ନଟ ଜମିର ମୂଳ ମାଲିକ ମହାପ୍ରଭୁ ଶ୍ରୀଲିଙ୍ଗରାଜ। ଆଇନ ବିଭାଗ ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ଲୋଡ଼ିଥିଲା । ଦେବୋତ୍ତର ଆୟୁକ୍ତ ଶ୍ରୀଲିଙ୍ଗରାଜଙ୍କ ଜମିରେ ଥାନା ନିର୍ମାଣ ପାଇଁ ଟ୍ରଷ୍ଟବୋର୍ଡରେ ଆଲୋଚନା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏନେଇ କମିସନରେଟ ପୁଲିସ ପକ୍ଷରୁ ଟ୍ରଷ୍ଟବୋର୍ଡରେ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିବା ଶ୍ରୀଲିଙ୍ଗରାଜ ଥାନା ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ଶ୍ରୀଲିଙ୍ଗରାଜ ଥାନା ଅପରାଧ ନିୟନ୍ତ୍ରଣରେ ସହିତ ଶ୍ରୀଲିଙ୍ଗରାଜ ମନ୍ଦିର ଏବଂ ଏକାମ୍ରର ପ୍ରାଚୀନ ଐତିହ୍ୟସ୍ଥଳର ସୁରକ୍ଷା ସାଙ୍ଗକୁ ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଯୋଗାଇବା କାର୍ଯ୍ୟ କରିଥାଏ। ଥାନାଟି ଜଗନ୍ନାଥ ମଠ ଲେନ୍‌ର ଦକ୍ଷିଣ ଚଣ୍ଡି କଲ୍ୟାଣ ମଣ୍ଡପରେ ରହିଥିବାରୁ ପର୍ଯ୍ୟଟକଙ୍କ ପକ୍ଷେ ଥାନା ଖୋଜି ପାଇବା ସମ୍ଭବ ହେଉନି। ୧୮୬୮ରେ ବ୍ରିଟିଶ ଶାସନ ସମୟରେ ଚନ୍ଦକା ଥାନାର ବିଟ୍ ହାଉସ ଭାବେ ଶ୍ରୀଲିଙ୍ଗରାଜ ଥାନା ରହିଥିଲା। ୧୯୦୭ରେ ବିଟ୍ ହାଉସରୁ ଥାନାର ମାନ୍ୟତା ପାଇଲା । ୧୯୧୨ ସେପ୍ଟେମ୍ବର ୧୦ରେ ଭୁବନେଶ୍ୱର ଥାନା ଭାବେ ନାମକରଣ ହେଲା। କିଛିବର୍ଷ ଭୁବନେଶ୍ୱର ଥାନା ଭାବେ କାର୍ଯ୍ୟ କରିବା ପରେ ନାମ ପରିବର୍ତ୍ତନ ହୋଇ ଲିଙ୍ଗରାଜ ଥାନା ରଖାଗଲା ।

# ରାଜଧାନୀର ଟ୍ରାଫିକ୍ ବ୍ୟବସ୍ଥାରେ ସ୍ୱେଚ୍ଛାସେବୀଙ୍କୁ ସାମିଲ କରାଯିବ

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ରାଜଧାନୀର ଅସଜଡ଼ା ଟ୍ରାଫିକ୍ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି। ଏହି କ୍ରମରେ ନୂଆ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ନିମନ୍ତେ ଯୋଜନା କରାଯାଇଛି। ଏନେଇ ଟ୍ରାଫିକ୍ ଏସିପି ଜୟନ୍ତ ଦୋରା ସୂଚନା ଦେଇଛନ୍ତି । ସେ କହିଛନ୍ତି, ପୂର୍ବରୁ ଥିବା ସ୍ୱେଚ୍ଛାସେବୀମାନେ ଆସୁନଥିବାରୁ ନୂଆ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରାଯିବ। ପ୍ରକାଶଯୋଗ୍ୟ, ବର୍ତ୍ତମାନ ସ୍ଥିତିରେ ଘରୁ ଗାଡ଼ି କାଢ଼ିବାକୁ ରାଜଧାନୀବାସୀ ଭୟ କରୁଛନ୍ତି। ଯୁଆଡ଼େ ଗଲେ ସିଆଡ଼େ ଟ୍ରାଫିକ୍ ସମସ୍ୟା। ଭିଡ଼ ଭିତରେ ଜରୁରୀକାଳୀନ ରୋଗୀବୁହା ଗାଡ଼ି (ଆମ୍ବୁଲାନ୍ସ) ପସି ରହୁଛି । ସନ୍ଧ୍ୟା ସମୟରେ ସହରର ସବୁ ରାସ୍ତା ଜାମ୍। ଏହାକୁ ସୁଧାରିବାକୁ କାହାର ନିଘା ନାହିଁ। ରାଜ୍ୟ ରାଜଧାନୀରେ ଲୋକ ସଂଖ୍ୟା ବୃଦ୍ଧି ପାଇଛି। ସେହି ତୁଳନାରେ ଗାଡ଼ିମୋଟର ମଧ୍ୟ ବଢ଼ିଛି । ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଉଛି ବୋଲି କହି ପୁଲିସ ନିଜ କାନ୍ଧରୁ ଦୋଷ ଖସାଇ ଚାଲିଛି। ଭିଡ଼ ହେଲେ ଜଣେ ହେଲେ ବି ଟ୍ରାଫିକ୍ ଅଧିକାରୀଙ୍କୁ ଦେଖିବାକୁ ମିଳୁନି । ଅନ୍ୟପଟେ ପ୍ରତି ଛକରେ କିଏ ସିଟ୍ ବେଲ୍ଟ ପିନ୍ଧିନି, ଆଉ କିଏ ହେଲମେଟ୍ ପିନ୍ଧିନି ଯାଞ୍ଚ କରୁଛି ଟ୍ରାଫିକ ପୁଲିସ । ଖିଲାପକାରୀଙ୍କ ଠାରୁ ପୁଲିସ ଜରିମାନା ଆଦାୟ କରି ବାହାବା ନେବାକୁ ପ୍ରତିଯୋଗିତା କରୁଛି। କେଉଁ ବର୍ଷ କେତେ ଜରିମାନା ଆଦାୟ ହେବ ତା'ର ହିସାବ ରଖିବା ଚିନ୍ତାରେ ଟ୍ରାଫିକ୍ ପୁଲିସ। ସହରର ଟ୍ରାଫିକ୍ ସମସ୍ୟା ସୁଧାରିବାକୁ ଶତାଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ପୁଲିସ କର୍ମଚାରୀଙ୍କ ସହ ମିଶି କାର୍ଯ୍ୟ କରୁଥିଲେ। ସେମାନଙ୍କୁ ଆଉ ଦେଖିବାକୁ ମିଳୁନି। ସାଧାରଣ ଲୋକେ ଭିଡ଼ରେ ଘଣ୍ଟା ଘଣ୍ଟା ଧରି ଫସି ରହୁଛନ୍ତି। ପୂର୍ବରୁ ଗୋଟିଏ ଟ୍ରାଫିକ୍ ଥାନା ସମ୍ପୂର୍ଣ୍ଣ ରାଜଧାନୀର ଟ୍ରାଫିକ୍ ସମସ୍ୟାକୁ ନିୟନ୍ତ୍ରଣ କରୁଥିଲା । ସହର ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ଏବେ ଟ୍ରାଫିକ୍ ଥାନା ସଂଖ୍ୟା ୨ରେ ପହଞ୍ଚିଛି । ୨ଟି ଥାନା ହେବା ପରେ ସମସ୍ୟା ଦୂର ହେବ ବୋଲି ସହରବାସୀ ଆଶା କରିଥିଲେ । ଦୂର ହେବା ପରିବର୍ତ୍ତେ ସମସ୍ୟା ଏବେ ସାଧାରଣ ଲୋକଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । କର୍ମଚାରୀ ଟ୍ରାଫିକ୍ ପୋଷ୍ଟ ଛାଡ଼ି ରାସ୍ତାପାର୍ଶ୍ୱରେ ଛିଡ଼ା ହେଉଛନ୍ତି । ସିଗ୍‌ନାଲ ଲାଇଟ୍‌କୁ ଦେଖି ଲୋକେ ନିଜ ମୁତାବକ ଯାତାୟାତ କରୁଛନ୍ତି। ପୁଲିସର ଅଘୋଷିତ ସ୍ୱୟଂଚାଳିତ ବ୍ୟବସ୍ଥାକୁ ଲୋକେ ସ୍ୱାଗତ କରିଛନ୍ତି। କମିସନରେଟ ଟ୍ରାଫିକ୍ ପୁଲିସର କାର୍ଯ୍ୟ ପୂର୍ବରୁ ଅନ୍ୟ ରାଜ୍ୟ ଟ୍ରାଫିକ୍ ପୁଲିସ ପାଇଁ ଉଦାହରଣ ହୋଇଥିଲା। ସନ୍ଧ୍ୟା ସମୟରେ ପୁଲିସ ପଇଁତରା କରୁଥିଲା । କୌଣସି ସ୍ଥାନରେ ସମସ୍ୟା ସୃଷ୍ଟି ହେଲେ ସେଠାରେ ପଇଁତରା ଦଳ ପହଞ୍ଚି ପରିଚାଳନା କରୁଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହେଉଥିଲା। ସେହିପରି ସନ୍ଧ୍ୟା ସମୟରେ ଭୁବନେଶ୍ୱରରେ ଗହଳି ଜମିବା ନିତିଦିନିଆ ଘଟଣା । ଏହାକୁ ନିୟନ୍ତ୍ରଣ କରିବା ଲାଗି ପୁଲିସ ପକ୍ଷରୁ ଶତାଧିକ ସ୍ୱେଚ୍ଛାସେବୀଙ୍କୁ ସାମିଲ କରାଯାଇଥିଲା। ସେମାନେ ପୁଲିସ ସହ ମିଶି ଟ୍ରାଫିକ୍ ପରିଚାଳନା କରୁଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁଲାଇ ୨୦୨୪ ସୋମବାର





# ଜେଏସ୍‌ଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକଚର୍ ପକ୍ଷରୁ ଅଭିବୃଦ୍ଧିକୁ ଦୃଢ଼ କରିବା ପାଇଁ ବନ୍ଦର ସଂଯୋଗ ପ୍ରକଳ୍ପ ଅଧିଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜେଏସ୍‌ଡବ୍ଲୁ ଗ୍ରୁପ୍‌ର ଅଂଶ ତଥା ଭାରତର ଦ୍ୱିତୀୟ ସର୍ବବୃହତ ଘରୋଇ ବାଣିଜ୍ୟିକ ବନ୍ଦର ଅପରେଟର ଜେଏସ୍‌ଡବ୍ଲୁ ଇନଫ୍ରାଷ୍ଟ୍ରକ୍‌ଚର୍ ଲିମିଟେଡ୍ ପକ୍ଷରୁ "ଏକ ବିକଶିତ ହେଉଥିବା ସ୍ଲରି ପାଇପଲାଇନ୍ ପ୍ରକଳ୍ପ" କ୍ରୟ କରାଯାଇଥିବା ଘୋଷଣା କରାଯାଇଛି। ଜେଏସ୍‌ଡବ୍ଲୁର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡର ବିକଶିତ ହେଉଥିବା ବାର୍ଷିକ ୩୦ ନିୟୁତ ଟନ୍ (ଏମ୍‌ଟିପିଏ) ସ୍ଲରି ପାଇପଲାଇନ୍‌ର ଅଧିଗ୍ରହଣକୁ କମ୍ପାନିର ବୋର୍ଡ ମଞ୍ଜୁରି ପ୍ରଦାନ କରିଛି। ଲୁହାପଥର ପରିବହନ କରିବାରେ ପାଇପଲାଇନକୁ ବ୍ୟବହାର କରିବା ଲାଗି ୨୦ ବର୍ଷିଆ ଟେକ୍ ଅର୍ ପେ' ଚୁକ୍ତି ସ୍ୱାକ୍ଷର କରିଛି। ଓଡ଼ିଶାରେ ନୂଆଗାଁରୁ ଜଗତସିଂହପୁର ପର୍ଯ୍ୟନ୍ତ ୩୦୨ କିଲୋମିଟରର ଏହି ସ୍ଲରି ପାଇପ୍‌ଲାଇନ୍ ପ୍ରକଳ୍ପ ଓଡ଼ିଶାର ପ୍ରସ୍ତାବିତ ଜଟାଧାରୀ ବନ୍ଦରକୁ ସିଧାସଳଖ ଯୋଡ଼ିବ। ଏହି ପ୍ରକଳ୍ପର ୧୨୨ କିଲୋମିଟରର କାର୍ଯ୍ୟ ଶେଷ ହୋଇସାରିଛି। ୨୦୨୭ ପ୍ରାରମ୍ଭିକ ସମୟ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମୟ ନିର୍ଘଣ୍ଟ କରାଯାଇଛି ଏବଂ ଏହା ୨୦୨୭ ଏପ୍ରିଲ୍ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। ସ୍ଲରି ପାଇପ୍‌ଲାଇନ୍‌ର ହସ୍ତାନ୍ତର ମୂଲ୍ୟ ନିର୍ଦ୍ଧାରଣ କରିବାର ଦାୟିତ୍ୱ ଏକ ସ୍ୱାଧୀନ ମୂଲ୍ୟାୟନ ସଂସ୍ଥାକୁ ପ୍ରଦାନ କରାଯାଇଛି ଯାହା ଏବେ ମୂଲ୍ୟ ନିର୍ଦ୍ଧାରଣ କରୁଛି। ଏଥିପାଇଁ ବିଚାରଯୋଗ୍ୟ ମୂଲ୍ୟ ୧୭୦୦ କୋଟି ଟଙ୍କା ପାଖାପାଖି ରହିଛି, ଯେଉଁଥିରେ ୨୦୨୪ ମେ' ୩୧ ସୁଦ୍ଧା ପ୍ରକଳ୍ପରେ ଖର୍ଚ୍ଚ ହୋଇଥିବା ଉଚିତ ମୂଲ୍ୟ ଏବଂ ୨୦୨୪ ମେ' ୩୧ ପରେ ପ୍ରକୃତ ସ୍ଥାନାନ୍ତର ହେବା ତାରିଖ ପର୍ଯ୍ୟନ୍ତର ହେବାକୁ ଥିବା ଖର୍ଚ୍ଚ ଅନ୍ତର୍ଭୁକ୍ତ। ଏହି ବନ୍ଦର ସଂଯୋଗ ପ୍ରକଳ୍ପର କମ୍ପାନିର ଅଭିବୃଦ୍ଧି ରଣନୀତି ସହ ସମନ୍ୱିତ ରହିଛି ଯାହା ଦୃଢ଼ ବାର୍ଷିକ ନଗଦ ପ୍ରବାହ ଲୋଭନୀୟ ମଧ୍ୟବର୍ତୀକାଳୀନ ପ୍ରକଳ୍ପ ଆଇଆରଆର (ଆଭ୍ୟନ୍ତରୀଣ ରିଟର୍ଣ୍ଣ ହାର) ପ୍ରଦାନ କରିବ। ପୁନଶ୍ଚ, ଲୁହାପଥରକୁ ଭୂତଳ ବ୍ୟବସ୍ଥାରେ ପରିବହନ କରିବର ଏକ ସ୍ଥାୟୀ ସମାଧାନ ଏହି ପ୍ରକଳ୍ପ ପ୍ରଦାନ କରି କାର୍ବନ ନିର୍ଗମନ କମ୍ କରିବ ଏବଂ ସ୍ଥାୟୀ ପରିବେଶ ଲାଭ ପ୍ରଦାନ କରିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୂଆ ସରକାର ...

ଶ୍ରେଣୀର ଶ୍ରମିକଙ୍କ ମଜୁରୀ ବୃଦ୍ଧି, ଶ୍ରୀମନ୍ଦିର ସୁରକ୍ଷା ସଂରକ୍ଷଣ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ, ଓଡ଼ିଆ ଅସ୍ମିତା, ଭାଷା ସଂସ୍କୃତିର ବିକାଶ ପାଇଁ ୨୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନୂଆ ସରକାର ହାତକୁ ନେଇଥିବା ବିଷୟରେ ବିଧାନସଭାରେ ମଧ୍ୟ ଅବଗତ କରାଯିବ। ବିଜେପି ବିଧାୟକ ଦଳ ବୈଠକରେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କ ସମେତ ସମସ୍ତ ମନ୍ତ୍ରୀ ଓ ବିଧାୟକ ଏବଂ ବିଜେପି ରାଜ୍ୟସଭାପତି ମନମୋହନ ସାମଲ ଯୋଗଦେଇଥିଲେ।

## ମୁତୟନ ହେବେ...

ସୁରକ୍ଷା ଦାୟିତ୍ୱରେ ରହିବେ। ବିଧାନସଭା ଚାରିପଟେ ସଶସ୍ତ୍ର ସୁରକ୍ଷା ବାହିନୀ ଆହୋରାତ୍ର ଜଗିବେ। ବିଧାନସଭା ଛାତ ଉପରେ ରୁଫ୍-ଟପ ପୁଲିସ ରହିବେ। ପ୍ରବେଶ ପଥରେ ଚେକପୋଷ୍ଟ କରାଯିବା ସହିତ ବିଧାନସଭାକୁ ସଂଯୋଗ କରୁଥିବା ରୁଟ୍‌କୁ ଡାଇଭର୍ଟ କରାଯିବ। ଏଥି ସହିତ ଧାରଣା ସ୍ଥଳର ଅତି ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଆବାସ ରହିଥିବା କାରଣରୁ ତାର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅଧିକ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିବେ। ଏହା ସହ ଧାରଣା ସ୍ଥଳ କିମ୍ବା ବିଧାନସଭା ପାରିପାର୍ଶ୍ୱରେ ଆତ୍ମହତ୍ୟା ଉଦ୍ୟମ ପାଇଁ ଆସିଛି ସ୍ୱତନ୍ତ୍ର ଅପରାଧ ଆଇନ। ଏହା ଲାଗୁ କରାଯିବ। ବିଧାନସଭା ଭିତର ଓ ବାହାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବଦଳିବନି ବିଜୁ ...

କହିଛନ୍ତି ଯେ, ମୋ ସରକାର ଓଡ଼ିଶାର ବରପୁତ୍ର ମାନଙ୍କୁ ଯଥୋଚିତ ସମ୍ମାନ ଦିଏ । ବିଜୁ ବାବୁ ନିଜର ଦୀର୍ଘ ଦଶନ୍ଧିର ରାଜନୈତିକ ଓ ସାମାଜିକ ଜୀବନରେ କରିଥିବା ଅବଦାନ ସ୍ମରଣୀୟ ହୋଇ ରହିବ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପୂର୍ବପରି ଚାଲୁ ରହିବ।

## କେଦାରନାଥରେ...

ଘଟିଥିବା ଏହି ଦୁର୍ଘଟଣାରେ ଆଠ ଜଣ ଲୋକ ଆହତ ହୋଇଛନ୍ତି ବୋଲି ମଧ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି । ମୃତ୍ୟୁବରଣ କରିଥିବା ଲୋକମାନଙ୍କ ମଧ୍ୟରୁ ଜଣେ ରୁଦ୍ରପ୍ରୟାଗ ଜିଲ୍ଲାର ବାସିନ୍ଦା ବୋଲି ଜଣାପଡିଛି। ରୁଦ୍ରପ୍ରୟାଗର ଜିଲ୍ଲା ମାଜିଷ୍ଟ୍ରେଟ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି, କେଦାରନାଥ ଯାତ୍ରା ମାର୍ଗରେ ଚିରବାସାଠାରେ ଭକ୍ତମାନେ ଭୂସ୍ଖଳନରେ ଫସି ଯାଇଛନ୍ତି । ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ ଏବଂ ଜିଲ୍ଲା ବିପର୍ଯ୍ୟୟ ମୁକାବିଲା ଟିମ ଉଦ୍ଧାର କାର୍ଯ୍ୟ କରୁଛି। ବରିଷ୍ଠ ଅଧିକାରୀ ଆହୁରି କହିଛନ୍ତି, ଆଘାତ ଏବଂ ପ୍ରାଣ ହରାଇବାର ସମ୍ଭାବନାକୁ କମ କରିବା ପାଇଁ ପ୍ରୟାସ କରାଯାଉଛି । ଜିଲ୍ଲା ପ୍ରଶାସନ ନିରନ୍ତର ଯାତ୍ରୀମାନଙ୍କୁ ଏକ ସୁରକ୍ଷିତ ସ୍ଥାନରେ ରହିବାକୁ ଅନୁରୋଧ କରିଛନ୍ତି।

## ବିଧାନସଭା ଅଧିବେଶନ...

ଚଳାଇବା ପାଇଁ ବାଚସ୍ପତି ଶ୍ରୀମତୀ ପାଢୀ ସର୍ବଦଳୀୟ ବୈଠକରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବୈଠକରେ ଯୋଗଦେଇଥିଲେ ହେଁ କଂଗ୍ରେସ ଦଳରୁ କୌଣସି ବିଧାୟକ ବୈଠକରେ ଯୋଗଦେଇନଥିଲେ। ସୋମବାର ଦିନ ୧୧ଟାରୁ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବିଧାନସଭାର ବଜେଟ ଅଧିବେଶନ ଅଧିବେଶନକୁ ସୁରୁଖୁରୁରେ ସମ୍ପାଦନ କରିବାକୁ ବିରୋଧୀଙ୍କ ସହଯୋଗ ଲୋଡିଛି ଶାସକ ଦଳ ତେବେ ବଜେଟ ଆଲୋଚନା ସହ ରାଜ୍ୟପାଳଙ୍କ ଅଭିଭାଷଣ କିପରି ଭଲ ଭାବେ ଚାଲିବ, ସେ ଦିଗରେ ଆଲୋଚନା ହୋଇଛି ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ବୈଠକ ପରେ ବାଚସ୍ପତି କହିଛନ୍ତି, ବିଧାନସଭା ଅଧିବେଶନ କିପରି ସୂଚାରୁ ରୂପେ ସମ୍ପାଦନ ହେବ ସେ ନେଇ ସମସ୍ତଙ୍କ ମତାମତ ନିଆଗଲା।

## ଜଳଲାଗି କରିବେ...

ବାହିନୀ ନିୟୋଜିତ ରହିବେ। ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। କଣ୍ଟ୍ରୋଲ ରୁମ ମଧ୍ୟରୁ ଏସବୁକୁ ମନିଟର କରାଯିବ। ସେପଟେ ଲିଙ୍ଗରାଜ ମନ୍ଦିରରେ ପ୍ରାୟ ୨ ଲକ୍ଷ କାଉଡ଼ିଆ ଆସିବାର ସମ୍ଭାବନା ରହିଛି । ସୋମବାରରେ ଲିଙ୍ଗରାଜ ମନ୍ଦିରରେ ସାଢେ ୩ ଟାରେ ମଙ୍ଗଳ ଆଳତି ଅବକାଶ କରାଯିବ। ଭୋର ୪ ଟାରୁ ସାହାଣ ମେଲା ଦର୍ଶନ ହେବ। ମନ୍ଦିର ଭିତରେ ଏଏସଆଇ ପକ୍ଷରୁ ବ୍ୟାରିକେଡ କରାଯାଇଛି । ମନ୍ଦିର ଭିତରକୁ ବ୍ଲେଡ଼ ଓ ଛୁରୀ ପ୍ରବେଶରେ କଟକଣା ଲଗାଯାଇଛି । ଭୋର ୪ ଟାରୁ ଦିନ ୧୨ ଟା ପର୍ଯ୍ୟନ୍ତ ଜଳଲାଗି କରାଯିବ। ଏହାପରେ ମନ୍ଦିର ନୀତିକାନ୍ତି ଆରମ୍ଭ କରାଯିବ। ବେଢା ଭିତରେ ଥିବା ଆଢ଼କାଠ ନିକଟରେ ଥିବା ଏକ ତମ୍ବା ପାତ୍ରରେ ପାଣି ଢାଳିବେ । କୌଣସି ଭକ୍ତ ପାଣି ଆଣିଥିବା କଳସ ଭିତରକୁ ନେଇ ଯାଇପାରିବେ ନାହିଁ । କଳସ ବେଢାରେ ରଖି ଭିତରକୁ ଦର୍ଶନ କରିବାକୁ ଯାଇପାରିବେ ବୋଲି ଡିସିପି କହିଛନ୍ତି।

## ଓଡ଼ିଶା ପ୍ରଦେଶ...

ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି । କାହା ନାଁରେ ଦଳ ମୋହର ମାରିବ, ତାଉପରେ ସମସ୍ତଙ୍କର ନଜର ରହିଛି। ପିସିସି କମିଟି ଭଙ୍ଗ କରାଯାଇଛି। ନୂଆକମିଟି ଗଠନ ହେବା ଯାଏ ବର୍ତ୍ତମାନର ଜିଲ୍ଲା ସଭାପତି କାମଚଳା ସଭାପତି ଦାୟିତ୍ୱରେ ରହିବେ।

## କଂଗ୍ରେସ ବିଧାୟକ...

କଂଗ୍ରେସରୁ କେହି ସାମିଲ ହୋଇ ନଥିଲେ । କଂଗ୍ରେସର ବିଧାୟକ ଦଳ ନେତା ବଛା ହୋଇ ନଥିବାରୁ ଏଭଳି ସ୍ଥିତି ଉତ୍ପନ୍ନ ହୋଇଥିଲା। ଆଉ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଖୋଦ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ସେ କହିଥିଲେ ଯେ କଂଗ୍ରେସ ଭଳି ଏକ ପୁରୁଣା ଦଳ ସର୍ବଦଳୀୟ ବୈଠକରେ ଯୋଗ ନଦେଇପାରିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷରେ ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ ସର୍ବଦଳୀୟ ବୈଠକ ନେଇ ତାଙ୍କ ଦଳକୁ ଔପଚାରିକ ଚିଠି କରାଯାଇ ନ ଥିଲା। ଏହା ସହିତ ରବିବାର ସନ୍ଧ୍ୟା ସୁଦ୍ଧା କଂଗ୍ରେସ ବିଧାୟକ ଦଳ ନେତାଙ୍କ ନାଁ ଘୋଷଣା ହେବ ବୋଲି ସେ କହିଥିଲେ । ଶ୍ରୀ କାଡ଼ାମ ଏହି ପ୍ରତିକ୍ରିୟା ରଖିବାର କିଛି ଘଣ୍ଟା ମଧ୍ୟରେ ଏଆଇସିସି ପକ୍ଷରୁ ତାଙ୍କରି ନାଁ କଂଗ୍ରେସ ବିଧାୟକ ଦଳ ନେତା ଭାବେ ଘୋଷଣା କରାଯାଇଛି।

## ଭାରତରେ ପଶିଛନ୍ତି ...

ଫୋସଆକୁ ମୁତୟନ କରାଯାଇଛି । ଏମାନଙ୍କ ସହ ନିୟମିତ ଇନଫାଣ୍ଟ୍ରୀ ଡିଜୟନ ମଧ୍ୟ ଉପତ୍ୟକାରେ ରହିଛନ୍ତି।

## ବାଂଲାଦେଶରେ...

ବାଂଲାଦେଶରୁ ଫେରୁଛନ୍ତି ଭାରତୀୟ। ଛାତ୍ରଛାତ୍ରୀଙ୍କ ସମେତ ୯୭୮ ଭାରତୀୟ ସ୍ୱଦେଶ ଫେରିଛନ୍ତି। ଏଥିସହ ଏଠାରେ ରହୁଥିବା ଭାରତୀୟଙ୍କ ପାଇଁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ପରାମର୍ଶ ପତ୍ର ଜାରି କରାଯାଇଛି । ସରକାରୀ ଚାକିରିରେ ସଂରକ୍ଷଣକୁ ବିରୋଧ କରି ଏବେ ସୁଦ୍ଧା ୧୫ ଶହରୁ ଅଧିକ ଲୋକ ଆହତ ଓ ଶହେରୁ ଅଧିକ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସେପଟେ ଜୀବନ ବଞ୍ଚାଇବାକୁ ଯାଇ ଅନେକ ବାଂଲାଦେଶୀ ଭାରତୀୟ ସୀମାରେ ଅନୁପ୍ରବେଶ କରିବା ପରେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡିଛନ୍ତି । ଦିଲ୍ଲୀରେ ଥିବା ବାଂଲାଦେଶ ଦୂତାବାସ ନିକଟରେ ବିକ୍ଷୋଭ କରିଛି ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ ଆସୋସିଏସନ । ସେପଟେ କୋଲକାତା ଓ ଢାକା ମଧ୍ୟରେ ଟ୍ରେନ ଚଳାଚଳ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି ।

## ମାଇକ୍ରୋସଫ୍ଟ ସର୍ଭର ...

କମ ପ୍ରଭାବିତ କରିଛି। ବିଶ୍ୱବ୍ୟାପୀ ବିମାନ ଯାତ୍ରୀମାନେ ବିଳମ୍ବ, ଉଡ଼ାଣ ବାତିଲ ଯୋଗୁ ମୁଣ୍ଡବିନ୍ଧାର ସମ୍ମୁଖୀନ ହୋଇଥିଲେ। ଏହାଛଡ଼ା ବ୍ୟାଙ୍କ ଠାରୁ ଆରମ୍ଭ କରି ମିଡିଆ କମ୍ପାନୀ ପର୍ଯ୍ୟନ୍ତ ଅନେକ ଶିଳ୍ପକୁ ଏହା ପ୍ରଭାବିତ କରିଥିଲା। ବିଶ୍ୱବ୍ୟାପୀ ମାଇକ୍ରୋସଫ୍ଟ ସେବାରେ ଦେଖାଦେଇଥିବା ବିଭ୍ରାଟର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି। ସାଇବରସିକ୍ୟୁରିଟି ସେବା ପ୍ରଦାନ କରୁଥିବା କମ୍ପାନୀ କ୍ରାଉଡଷ୍ଟ୍ରାଇକ ସଫ୍ଟୱେର ଅପଡେଟ କାରଣରୁ ମାଇକ୍ରୋସଫ୍ଟ ୱିଣ୍ଡୋଜ କାମ କରି ନଥିଲା ଏଥିଯୋଗୁ ବିମାନ ସେବା ଠାରୁ ଆରମ୍ଭ କରି ବ୍ୟାଙ୍କ ଏବଂ ଖବର ପ୍ରସାରଣ, ଷ୍ଟକ ମାର୍କେଟ ସେବା ଆଦି ଗୁରୁତର ଭାବେ ପ୍ରଭାବିତ ହୋଇଛି।

## ଅଧିବେଶନ ପୂର୍ବରୁ ...

ଗ୍ରହଣ କରାଯିବ ବୋଲି ଶ୍ରୀ ମାଝୀ କଥା ଦେଇଛନ୍ତି। ବିଧାନସଭା ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିରୋଧୀ ଦଳ ନେତାଙ୍କୁ ଭେଟିବା ବିଧାନସଭା ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ଶାସନ କ୍ଷମତାରେ ରହି ଯଥେଷ୍ଟ ଅଭିଜ୍ଞତା ହାସଲ କରିଥିବାରୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହୋଇପାରିବ ସେଥିପାଇଁ ତାଙ୍କର ସହଯୋଗ କାମନା କରିଛନ୍ତି। ଏହା ଛଡା ଶାସନଗତ ଅଭିଜ୍ଞତା ଦୃଷ୍ଟିରୁ ବିରୋଧୀ ଦଳ ନେତାଙ୍କ ଗଠନମୂଳକ ସହଯୋଗ ଓ ପରାମର୍ଶ ମଧ୍ୟ ଲୋଡିଛନ୍ତି। ବିରୋଧୀ ଦଳ ନେତାଙ୍କୁ ଭେଟିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ସତ୍ତ୍ୱେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ସର୍ବଦଳୀୟ ବୈଠକରେ ଯୋଗଦେଇନଥିଲେ। ବିଜେଡ଼ି ତରଫରୁ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବୈଠକରେ ଯୋଗଦେଇଥିଲେ।

### ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ୬୫ତମ ପ୍ରତିଷ୍ଠା ଦିବସ ପାଳନ

# ଛାତ୍ର ଜୀବନର ସ୍ମୃତିଚାରଣ କଲେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓ ମନ୍ତ୍ରୀ ଡ. ମହାଲିଙ୍ଗ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ୬୫ତମ ପ୍ରତିଷ୍ଠା ଦିବସ ବିଭାଗ ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇ ଆଇନ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଭାବରେ ନିର୍ବାଚିତ ହୋଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ନିଜ ଛାତ୍ରଜୀବନର ସ୍ମୃତିଚାରଣ ସହ ବିଦ୍ୟାର୍ଥୀମାନଙ୍କୁ ନିଜ ଅଧ୍ୟବସାୟ ବଳରେ ପ୍ରାଣୀବିଜ୍ଞାନ ବିଭାଗର ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜ ସଫଳତାର ଶ୍ରେୟ ଏହି ବିଭାଗକୁ ଦେବା ସହ ଏହାକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଓଡ଼ିଶାର ସାମଗ୍ରିକ ଉନ୍ନତି ପାଇଁ ସରକାରଙ୍କ ୨୦୩୬ ଓ ୨୦୪୭ ମସିହା ପାଇଁ ରୂପରେଖ ବିଷୟରେ ପ୍ରାକ୍ ସୂଚନା ପ୍ରଦାନ କରି ଏହି ଆଭିମୁଖ୍ୟକୁ ସଫଳ କରିବା ପାଇଁ ବିଶ୍ୱବିଦ୍ୟାଳୟର ସହଯୋଗ କାମନା କରିଥିଲେ । ବିଭାଗର ଲାଇବ୍ରେରୀ, ମ୍ୟୁଜିୟମ୍, ଲାବୋରେଟୋରୀ ଓ ନିଜର ପୁରାତନ ଶ୍ରେଣୀ କକ୍ଷକୁ ଦୁଇ ମନ୍ତ୍ରୀ ପରିଦର୍ଶନ କରିଥିଲେ । ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା ଉଦ୍ୟମ କରିବେ ବୋଲି ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଥିଲେ । ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ ଓଡ଼ିଶାରେ ପ୍ରାଣୀବିଜ୍ଞାନର ସଫଳତା ବର୍ଣ୍ଣନା କରିବା ସହ ବିଭାଗର ଭବିଷ୍ୟତ କାର୍ଯ୍ୟପନ୍ଥାର ସମ୍ଭାବ୍ୟ ଦିଗଗୁଡ଼ିକ ଉପରେ ସୂଚନା ଦେଇଥିଲେ । ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ. ଗୁଣନିଧି ସାହୁ ସ୍ୱାଗତ ଭାଷଣରେ ଛାତ୍ରଛାତ୍ରୀଙ୍କ ଗବେଷଣାଲବ୍ଧ ଉପଲବ୍ଧି ସଂପର୍କରେ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସଭାପତିତ୍ୱ ଅଭିଭାଷଣରେ ଅତିଥିମାନେ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତିରେ ପ୍ରାଣୀବିଜ୍ଞାନ ବିଭାଗର ଯୋଗଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ । ୨୧ ଜୁଲାଇ ୧୯୬୦ରେ ପ୍ରତିଷ୍ଠିତ ପ୍ରାଣୀବିଜ୍ଞାନ ବିଭାଗ ଇତି ମଧ୍ୟରେ ଏହାର ରୌପ୍ୟ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ କରିସାରିଛି । ବେଙ୍ଗଫୁଲା ଓ ସାମୁଦ୍ରିକ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ଗବେଷଣା ପାଇଁ ଅନ୍ତର୍ଜାତିକ ସ୍ତରରେ ଏହି ବିଭାଗ ଖ୍ୟାତି ଅର୍ଜନ କରିଛି ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଏବଂ ଶ୍ରୀ ହରିଚନ୍ଦନଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ କୁଳପତି ଓ ପ୍ରଫେସର ହେଜ୍‌ମାଦୀ ସମ୍ମାନିତ କରିଥିଲେ । ପ୍ରଫେସର ପ୍ରଭାତୀ କୁମାରୀ ମହାପାତ୍ର ଧାନ୍ୟବାଦ ଅର୍ପଣ କରିଥିଲେ ।

### ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ନାଁ ପରିବର୍ତ୍ତନ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ଆୟତ୍ତରେ ରାଜ୍ୟ ସରକାର ନାହାଁନ୍ତି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକ ମାସ ପୂରିନଥିବା ମୋହନ ସରକାର ଯେଉଁ ଭଳି ଭାବେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନାଁ କ୍ରୀଡା ପୁରସ୍କାରରୁ ହଟାଇବା ପାଇଁ ନିଷ୍ପତ୍ତି ନେଲେ ଏହା ତାଙ୍କର ଅପରିପକ୍ୱତା ଓ ଅସହିଷ୍ଣୁତାର ପରିଚୟ ଦେଇଛି ବୋଲି ଶଙ୍ଖ ଭବନଠାରେ ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ମୁଖପାତ୍ର ଡ.ଲେଖାଶ୍ରୀ ସାମନ୍ତ ସିଂହାର। ଡ. ସାମନ୍ତ ସିଂହାର ଆହୁରି କହିଛନ୍ତି ଯେ, ବିଜେପି ସରକାର ବୋଧହୁଏ ଓଡ଼ିଶାର ଇତିହାସ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ବିଜୁ ବାବୁଙ୍କ ଖ୍ୟାତିକୁ ହଟାଇବାକୁ ଲାଗିପଡିଛନ୍ତି। ଏହା ଓଡିଆ ଜାତି ପାଇଁ ଦୁର୍ଭାଗ୍ୟର କଥା। ବିଜୁ ବାବୁଙ୍କ ନାଁ ହଟେଇବାକୁ ନିଆଯାଇଥିବା ନିଷ୍ପତ୍ତିକୁ ନେଇ ସାଢେ ୪ କୋଟି ଓଡ଼ିଆଙ୍କୁ ଗଭୀର ଆଘାତ ଦେଇଛି। ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବିଜୁ ବାବୁ ଓଡିଆ ଜାତିର ଅସ୍ମିତାର ପରିଚୟ କି ନୁହେଁ। ଯେଉଁଭଳି ଭାବେ କ୍ରୀଡା ପୁରସ୍କାରରୁ ତାଙ୍କ ନାଁ ହଟାଇଲେ । ସେଥିରୁ ଜଣାପଡୁଛି ଓଡିଆ ଜାତି ପାଇଁ ବିଜୁ ବାବୁଙ୍କ ଅବଦାନକୁ ଠିକ୍ ଭାବେ ବୁଝିନି ରାଜ୍ୟ ସରକାର। ନାଁ ବଦଳାଇବା ପାଇଁ ଶନିବାର ନିଷ୍ପତ୍ତି ହୋଇଥିଲା କିନ୍ତୁ ରବିବାର ସକାଳେ ମୁଖ୍ୟମନ୍ତ୍ରୀ ଖୋଦ୍ କହିଛନ୍ତି ବିଜୁ ବାବୁଙ୍କ ନାଁ କ୍ରୀଡା ପୁରସ୍କାରରେ ରହିବ। ଏଭଳି ମତ ପାର୍ଥକ୍ୟରୁ ଜଣାପଡୁଛି ମୁଖ୍ୟମନ୍ତ୍ରୀଙ୍କ ଆୟତ୍ତରେ ରାଜ୍ୟ ସରକାର ନାହାଁନ୍ତି। ଏଭଳି ଅପରିପକତ୍ୱ ଦେଖାଇ ବିଜେପି ସରକାର ଜନତାଙ୍କ ପାଖରେ ଲୋକହସା ନହେଉ। କ୍ରୀଡା ବିଭାଗ ଗୋଟିଏ ବିଜ୍ଞପ୍ତି ଜାରି କରୁଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଏହାକୁ ଖଣ୍ଡନ କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ। ଅନ୍ୟପଟେ କ୍ରୀଡାମନ୍ତ୍ରୀଙ୍କୁ ଏନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ମାଗିବେ କି ବୋଲି ପ୍ରଶ୍ନ କରିଛନ୍ତି ଡ. ସାମନ୍ତ ସିଂହାର । ସମ୍ବିଧାନରେ ଅଛି 'ସାମୂହିକ ଉତ୍ତରଦାୟିତ୍ୱ'। ତେଣୁ ମୁଖ୍ୟମନ୍ତ୍ରୀ ଏ ବିଷୟରେ ଜାଣିନାହାନ୍ତି ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଭିନ୍ନ ମନ୍ତ୍ରୀ ବିଭିନ୍ନ ସମୟରେ ଦାୟିତ୍ୱହୀନ ବୟାନବାଜୀ କରୁଛନ୍ତି। ଯାହାକୁ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର ମଧ୍ୟ କରୁଛନ୍ତି। ଅନେକ ସମୟରେ ରାଜ୍ୟହିତରେ କମ୍ ବରଂ ପୂର୍ବ ବିଜେଡି ସରକାର ଏବଂ ତାଙ୍କ ନେତାଙ୍କ ବିରୋଧରେ ଆକ୍ରୋଶମୂଳକ ରାଜନୀତି ଓ ପ୍ରତିଶୋଧପରାୟଣ ରାଜନୀତି କରି ନେତାଙ୍କୁ ନିନ୍ଦୀତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ବିଜେପି ସରକାର ଭୁଲିବା ଉଚିତ ନୁହେଁ। ଶାସନ ଗୋଟିଏ ନିରନ୍ତର ପ୍ରକ୍ରିୟା ଏବଂ ପୂର୍ବ ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟ ଗୁଡିକୁ ସ୍ୱୀକାର କରି ଆଗେଇନେବା ହେଉଛି ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା କିନ୍ତୁ ବିଜେପି ଯେଉଁଭଳି ଭାବେ ବିଜୁ ଜନତା ଦଳର ୨୪ ବର୍ଷର ସୁଶାସନ ଏବଂ ବିଜୁ ବାବୁଙ୍କ ଦଶନ୍ଧି ଦଶନ୍ଧି ଧରି ଅବଦାନକୁ ଜନମାନସ ଏବଂ ଇତିହାସରୁ ହଟାଇବା ପାଇଁ ଅପଚେଷ୍ଟା କରୁଛି, ଏହା ନିନ୍ଦନୀୟ। ଏଥିରୁ କ୍ଷାନ୍ତ ରୁହନ୍ତୁ।





# ଉଷା ପାଢ଼ୀଙ୍କ ନାଁ ନେଇ ଠକେଇ ଉଦ୍ୟମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନାଁ ନେଇ କେହି ଠକେଇ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ନିଜେ ଉଷା ପାଢ଼ୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ସାଇବର ଠକେଇକୁ ସତର୍କ ରହିବାକୁ ଓ ସାଇବର ଠକଙ୍କ ଜାଲରେ ନ ଫସିବାକୁ ଉଷା ପାଢ଼ୀ ଅନୁରୋଧ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ କେହି ଜଣେ ଦୁର୍ବୃତ୍ତ ଏକ ହ୍ୱାଟ୍‌ସଆପ୍ ନମ୍ବରରେ ଉଷା ପାଢ଼ୀଙ୍କ ଫଟୋ ଲଗାଇ ତାଙ୍କର କିଛି ଜଣାଶୁଣା ଲୋକଙ୍କୁ ଟଙ୍କା ମାଗୁଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ଉଷା ପାଢ଼ୀଙ୍କ ନଜରକୁ ଏ କଥା ଆସିବା ପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ସାରିଛନ୍ତି। ସତର୍କ ରହିବାକୁ ଓ ଏଭଳି ସାଇବର ଠକଙ୍କ ଜାଲରେ ନ ଫସିବାକୁ ସେ ଅନୁରୋଧ କରିଛନ୍ତି।

# ଘରକୁ ଫେରୁଥିଲେ ୩ ଯୁବକ : ମଝି ରାସ୍ତାରେ ମାଡ଼ିଗଲା ହାଇୱା



**ସୁନ୍ଦରଗଡ, ନ୍ୟୁଜ ବ୍ୟୁରୋ**

ରବିବାର ସନ୍ଧ୍ୟା ବେଳେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥରେ ଘଟିଛି। କାମ କରି ସନ୍ଧ୍ୟା ବେଳେ ଘରକୁ ଫେରୁଥିଲେ ୩ ଯୁବକ। ହେଲେ ଘରେ ପହଞ୍ଚିବା ପୂର୍ବରୁ ସେମାନଙ୍କ ଉପରେ ଚଢିଗଲା ହାଇୱା। ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଛି। କୋଇଡା ଥାନା କାଲଟା ଫାଣ୍ଡି ଅନ୍ତର୍ଗତ ତୋଡା ବସ୍ତିର ଦେବେନ୍ଦ୍ର ଦେହୁରୀ, ଅନାଦି ନାଏକ ଓ ଅନୀଲ ଦେହୁରୀ ଶ୍ରମିକ ଭାବେ କାମ କରନ୍ତି। ସବୁଦିନ ପରି ରବିବାର ମଧ୍ୟ କାମ କରିବା ପାଇଁ ବାଇକ୍‌ରେ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ବେଳେ ସେମାନେ ଘରକୁ ଫେରୁଥିଲେ। ତେବେ ୫୨୦ ଜାତୀୟ ରାଜପଥର ବେଞ୍ଜାଡ଼ି ବ୍ରିଜ ସମ୍ମୁଖରୁ ଆସୁଥିବା ହାଇୱା ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କିଛି ସମୟ ପାଇଁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଖବର ପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚିଲା ପୁଲିସ୍। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ବୁଝାସୁଝା ପରେ ଉତ୍ତେଜନା ପ୍ରଶମିତ ହୋଇଛି। ପୂର୍ବପରି ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ସେପଟେ ହାଇୱା ଡ୍ରାଇଭର କିଛି ଦୂରରେ ଗାଡ଼ି ଛାଡ଼ି ପଳାଇ ଯାଇଛି। ପୁଲିସ୍ ଗାଡ଼ିଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏହାପୂର୍ବରୁ ଅର୍ଥାତ ସପ୍ତାହେ ତଳେ ବୋଲେରୋ ଧକ୍କାରେ ୩ ଜଣଙ୍କ ଜୀବନ ଯାଇଥିଲା।

# ଅଢ଼େଇ ବର୍ଷରେ ଦୁର୍ଘଟଣା ନେଇଛି ୫୪୬ ଜୀବନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ସହ ସହରର ଅନ୍ୟ ମୁଖ୍ୟ ତଥା ଆଭ୍ୟନ୍ତର ରାସ୍ତା ଏବେ ଅସୁରକ୍ଷିତ ହୋଇପଡିଛି। ରାସ୍ତା ଉପରକୁ ଗୋଡ଼ କାଢ଼ିଲେ ଜୀବନ ପ୍ରତି ପାଦେ ପାଦେ ବିପଦ ମାଡି ଆସୁଛି। ଥରେ ଘରୁ ବାହାରିଲେ ସୁରକ୍ଷିତ ଅବସ୍ଥାରେ ଫେରିବେ କି ନାହିଁ ତାହାକୁ ନେଇ ଲୋକେ ନିଜେ ଓ ପରିବାର ଲୋକେ ଆଶଙ୍କାରେ ରହୁଛନ୍ତି। ସମସ୍ତଙ୍କୁ ଯେପରି ମୃତ୍ୟୁର ଭୟ ଘାରୁଛି। କାରଣ ସହରରେ ଯେପରି ଦିନକୁ ଦିନ ସଡ଼କ ଦୁର୍ଘଟଣା ସହ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି, ତାହାକୁ ଦେଖିଲେ ସହରୀଜୀବନ ଦିନକୁ ଦିନ ବିପଦପୂର୍ଣ୍ଣ ହୋଇପଡୁଥିବା ଅନୁଭବ ହେଉଛି। କେତେବେଳେ ରାସ୍ତା ପାର ବେଳେ କାହା ଉପରେ ଭାରି ଯାନ ମାଡି ଯାଉଛି ତ ପୁଣି କେତେବେଳେ ପଛରୁ ଗାଡି ଧକ୍କା ଦେଇ ପଳାଉଛି। ସେହିପରି ଆଉ କିଏ ଡିଭାଇଡରରେ ପିଟି ହୋଇ ଓ ଖରାପ ରାସ୍ତା ଯୋଗୁ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଛନ୍ତି। ବିଶେଷକରି ଦୁଇ ଚକିଆ ଚାଳକ ଓ ପଥଚାରୀମାନେ ବେଶି ଦୁର୍ଘଟଣାର ସମ୍ମୁଖୀନ ହେଉଥିବାରୁ ଚିନ୍ତା ବଢ଼ିଛି। ଗତ ୨୦୨୨ରୁ ଏଯାବତ ଅର୍ଥାତ୍ ଅଢେଇ ବର୍ଷ ଭିତରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୫୪୬ ଲୋକଙ୍କ ଜୀବନ ଯାଇଥିବା ବେଳେ ୨ ହଜାରରୁ ଅଧିକ ଗୁରୁତର ଓ ସାମାନ୍ୟ ଆହତ ହୋଇଥିବା କମିଶନରେଟ ପୋଲିସ ତଥ୍ୟରୁ ଜଣାପଡିଛି। ୨୦୨୨ରେ ସଡ଼କ ଦୁର୍ଘଟଣାରେ ୧୯୬ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୩ରେ ମୋଟ ୨୩୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏମାନଙ୍କ ମଧ୍ୟରୁ ୧୭୬ଜଣ ପୁରୁଷ ଓ ୬୧ଜଣ ମହିଳା ରହିଛନ୍ତି। ତେବେ ୨୦୨୪ ଜାନୁୟାରୀରୁ ଏଯାବତ ସହର ଭିତରେ ଦୁର୍ଘଟଣା ଘଟି ୧୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏମାନଙ୍କ ମଧ୍ୟରୁ ୯୬ଜଣ ପୁରୁଷ ଓ ୧୭ଜଣ ମହିଳା ରହିଥିବା ସୂଚନା ଦିଆଯାଇଛି। ଜାତୀୟ ରାଜପଥରେ ଅଧିକ ଦୁର୍ଘଟଣା ଘଟି ସର୍ବାଧିକ ଜୀବନ ଯାଇଛି। ଜାତୀୟ ରାଜପଥର ହଂସପାଳ, ପଳାଶୁଣି, ରସୁଲଗଡ଼, ସତ୍‌ସଙ୍ଗ ବିହାର ଛକ, ଜୟଦେବ ବିହାର କ୍ରାଉନ୍‌ହୋଟେଲ ଓ ବରମୁଣ୍ଡା ପଡ଼ିଆ ସମ୍ମୁଖ, ଖଣ୍ଡଗିରି, ଆଇଗିଣିଆ, ତମାଣ୍ଡୋ ଛକ ଏକପ୍ରକାର ମୃତ୍ୟୁଯନ୍ତା ପାଲଟିଛି। କଟକ-ପୁରୀ ବାଇପାସ୍ ରୋଡ୍‌ରେ ମଧ୍ୟ ଦୁର୍ଘଟଣା ବଢୁଛି। ବିଶେଷକରି ଜାତୀୟ ରାଜପଥରେ କାମ ଚାଲୁଥିବାବେଳେ କନଷ୍ଟ୍ରକ୍ସନ ସଂସ୍ଥା କର୍ମଚାରୀଙ୍କ ହାତରେ ଟ୍ରାଫିକ ଦାୟିତ୍ୱ, ଦ୍ରୁତଗତି, ମଦ୍ୟପାନ କରି ଗାଡ଼ି ଚାଳନା, ତରବରିଆ ଭାବେ ରାସ୍ତା ପାର ହେବା ଆଦି ଦୁର୍ଘଟଣାର ପ୍ରମୁଖ କାରଣ। ସେହିପରି ସହର ଭିତରେ ଦୁର୍ଘଟଣାର ମୁଖ୍ୟ କାରଣ ମଧ୍ୟରେ ରାସ୍ତାରେ ଖାଲଖମା, ଅଣଓସାରିଆ ରାସ୍ତା କଡରେ ଗାଡି ପାର୍କିଂ, ଫ୍ଲାଏ ଓଭର କାମ ଚାଲୁଥିବା ବେଳେ ଭାରିଯାନକୁ ସହର ଭିତରକୁ ପ୍ରବେଶ, ଟ୍ରାଫିକ ପରିଚାଳନାରେ ତ୍ରୁଟି ଆଦି ଅନ୍ୟତମ।

# ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗଦେଲେ ବାବୁ ସିଂ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସର୍ବଦା ଅବହେଳିତ ଓ ବିକାଶ ଠାରୁ ଦୂରରେ ଥିବା ଏକାମ୍ର କ୍ଷେତ୍ର ଏବେ ନୂଆ ବିଧାୟକ ଙ୍କ ନେତୃତ୍ୱରେ ବିକାଶ ପଥରେ ଅଗ୍ରସର ହେଉଛି। ନୂତନ ଭାବେ ନିର୍ବାଚିତ ବିଧାୟକ ବାବୁ ସିଂ ପ୍ରତିଦିନ ନିଜ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭିନ୍ନ ୱାର୍ଡ଼ ଓ ପଞ୍ଚାୟତ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି। ରବିବାର ଏକାମ୍ରରେ ନୂଆ ବିଧାୟକ ବିଭିନ୍ନ ସ୍ଥାନରେ ନୂତନ ପ୍ରକଳ୍ପ ର ଭିତ୍ତି ପ୍ରସ୍ତର ଦେବା ସମୟରେ ଏକ ରୋଚକ ପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ ଫଳକରେ ନିଜ ନାମ ବଦଳରେ କେବଳ ଏକାମ୍ର ବିଧାୟକ ଲେଖି ଭିନ୍ନ ଉଦାହରଣ ସୃଷ୍ଟି କରିଥିଲେ ବିଧାୟକ ବାବୁ ସିଂ । ଏହା ତାଙ୍କର ସରଳତାର ନିଛକ ଚିତ୍ରଣ ବୋଲି ଲୋକେ କୁହା କୁହି ହେଉଥିଲେ। ରବିବାର ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ ୬୭ ସୁନ୍ଦରପଦା କପିଳପ୍ରସାଦ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ସୁନ୍ଦରପଦା ହରିଆ ଛକ ଠାରୁ ଦୁର୍ଗା ମଣ୍ଡପ ଓ ପାଲା ମଣ୍ଡପ ଠାରୁ ଷଣ୍ଢ କ୍ଲବ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାର ଭିତ୍ତି ପ୍ରସ୍ତର କରାଯାଇଛି। ସୁନ୍ଦରପଦା ପାଲା ମଣ୍ଡପ ଠାରୁ ଆର୍ପିଡ ଆପାର୍ଟମେଣ୍ଟ ଭାୟା ଭୋଇ ସାହି ବିମଳା ମନ୍ଦିର ପର୍ଯ୍ୟନ୍ତ, ଗୋଲଖ ଚନ୍ଦ୍ର ପ୍ରଧାନ ଘର ଠାରୁ ସୂର୍ଯ୍ୟ ଟ୍ରେଡିଙ୍ଗ ପର୍ଯ୍ୟନ୍ତ କଂକ୍ରିଟ୍ ନାଳ ନିର୍ମାଣ। ଏହା ସହ ଗୋଖିବାବା କମ୍ୟୁନିଟି ହଲ, ଭଟ୍ଟ ସାହି କମ୍ୟୁନିଟି ହଲର ଉଦଘାଟନ କରାଯାଇଛି। ଏହା ସହ ଗୋଖିବାବା ମନ୍ଦିରରୁ ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ଫେବର ବ୍ଲକ ରାସ୍ତାର ଭିତ୍ତି ପ୍ରସ୍ତର କରାଯାଇଛି। ଏସବୁ ପ୍ରକଳ୍ପର ମୂଲ୍ୟ ପ୍ରାୟ ଦେଢ କୋଟିରୁ ଉର୍ଦ୍ଧ ହେବ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ, ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ। ଭୋଟର ଆମକୁ ଜନ ପ୍ରତିନିଧୀ ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଇଛୁ। ଏକାମ୍ର ବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ମୋର ପ୍ରାଥମିକ କର୍ତ୍ତବ୍ୟ ବୋଲି କହିଛନ୍ତି ଏକାମ୍ର ବିଧାୟକ ବାବୁସିଂ। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ,ୱାର୍ଡ ନମ୍ବର ୬୭ ର କର୍ପୋରେଟର ମଧୁସ୍ମିତା ପ୍ରଧାନ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ,କର୍ପୋରେଟର ରାମ ଚନ୍ଦ୍ର ରଣସିଂହ, ବିଜେପି ଭୁବନେଶ୍ୱର ଉପ ସଭାପତି ଧିରେନ୍ ପାତ୍ର, ସୁନ୍ଦରପଦା କପିଳପ୍ରସାଦ ଗ୍ରାମର ମହେନ୍ଦ୍ର କୁମାର ନନ୍ଦ, ରାଜକିଶୋର ରାଉତରାୟ, ବିଜୟ ସ୍ୱାଇଁ, ବିଜୟ ସାହୁ, ମୁରଲୀ ମନୋହର ପାତ୍ର,ଜୟ କୃଷ୍ଣ ମାର୍ଥା, ରବୀନ୍ଦ୍ର କୁମାର ନାୟକ, ତପନ ରାଉତରାୟ, ସୁରେନ୍ଦ୍ର ଜେନା, ବିଶ୍ୱଜିତ୍ ଦାସ ଙ୍କ ସହ ଗ୍ରାମର ସମସ୍ତ ମୁରବୀ ଉପସ୍ଥିତ ଥିଲେ।



ଭୁବନେଶ୍ୱର
୨୨ ଜୁଲାଇ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି ଡିଜିପି ଅରୁଣ ଷଡଙ୍ଗୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ। (ଫଟୋ : ସମ୍ବାଦ କଳିକା)

# ଆଜିଠୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ




**କଟକ, ୨୧/୦୭ ନ୍ୟୁଜ ବ୍ୟୁରୋ**
ସୋମବାରଠାରୁ ରାଜ୍ୟରେ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେଉଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଜୁଲାଇ ୨୨ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟ ଏବଂ ଅନୁପସ୍ଥିତ ରହିଥିବା ପରୀକ୍ଷାର୍ଥୀମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ।
ଗଣିତ ବ୍ୟତୀତ ପ୍ରତ୍ୟେକ ବିଷୟର ପରୀକ୍ଷା ପୂର୍ବାହ୍ନ ୯ ଟା ଠାରୁ ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୧ ପର୍ଯ୍ୟନ୍ତ ହେବ। ପ୍ରାର୍ଥୀଙ୍କୁ ଓଡ଼ିଶା ମ୍ୟାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷାର ଗଣିତ ବିଷୟ ପାଇଁ ୧୫ ମିନିଟ୍ ଅତିରିକ୍ତ ସମୟ ପ୍ରଦାନ କରାଯିବ। ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ନିମନ୍ତେ ରାଜ୍ୟରେ ୮୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ମୋଟ ୧୨୧ ପରୀକ୍ଷା କେନ୍ଦ୍ର କରାଯାଇଛି । ମୋଟ୍ ୨୪ ହଜାର ୫୨୦ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ । ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୪୧ ହଜାର ୬୧ ଜଣ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ୫ ଲକ୍ଷ ୩୦ ହଜାର ୧୫୩ ଛାତ୍ରଛାତ୍ରୀ ପାସ୍ କରିଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ଠାରେ ଜଗନ୍ନାଥ ସେନାର ଦାବି

# ତୁରନ୍ତ ରତ୍ନ ଅଳଙ୍କାର ଗଣତି କରି ସାର୍ବଜନୀନ କରନ୍ତୁ



**ପୁରୀ, ୨୧/୭ ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ତୁରନ୍ତ ଗଣତି ପାଇଁ ଜୋର ଧରିଲା ଦାବି । ରତ୍ନଭଣ୍ଡାର ଖୋଲାଯିବା ପରେ ଏହା ଭିତରେ ଥିବା ରତ୍ନ ଅଳଙ୍କାରକୁ ମଧ୍ୟ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ସ୍ଥାନାନ୍ତର କରାଯାଇଛି । ତେବେ ରତ୍ନ ଅଳଙ୍କାର ଗଣତିରେ ବିଳମ୍ବ କରାଯାଉଥିବାରୁ ଜଗନ୍ନାଥ ସେନା ପକ୍ଷରୁ ବିରୋଧ କରାଯାଇଛି । ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, 'ତୁରନ୍ତ ରାଜ୍ୟ ସରକାର ରତ୍ନ ଅଳଙ୍କାର ଗଣତି କରି ସାର୍ବଜନୀନ କରନ୍ତୁ । ଆଉ ବିଳମ୍ବ ନକରି ଭକ୍ତଙ୍କୁ ଅନ୍ଧାରରେ ରଖାନଯାଉ।' ଏପରି ଦାବି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ଜଗନ୍ନାଥ ସେନା ପକ୍ଷରୁ ପ୍ରଦାନ କରାଯାଇଛି। 'ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି ଦାୟିତ୍ୱ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟି କରିବ । ସେହିପରି ରତ୍ନ ଭଣ୍ଡାର ମରାମତି କେନ୍ଦ୍ର ସରକାରଙ୍କ ଏଏସ୍ଆଇ କରିବ। ଯେହେତୁ ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମରେ ଅଛି ଏହାର ଗଣତି କରାଯାଇପାରିବ । ଏନେଇ କୌଣସି ଅସୁବିଧା ନାହିଁ । ତେବେ ରତ୍ନ ଭଣ୍ଡାର ମରାମତି ପରେ ରତ୍ନ ଅଳଙ୍କାର ଗଣତି କରାଯିବା ନିଷ୍ପତ୍ତି ଠିକ ନୁହେଁ । ତେବେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିରେ ରାଜ୍ୟ ସରକାରଙ୍କ ଗଠିତ ଉଚ୍ଚସ୍ତରୀୟ କମିଟି କାହିଁକି ବିଳମ୍ବ କରୁଛି ବୋଲି ପ୍ରଶ୍ନ କରିଛନ୍ତି ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ । ଜଗନ୍ନାଥ ସେନା ଅଭିଯୋଗ କରିଛି ଯେ, ରତ୍ନ ଭଣ୍ଡାରରୁ ରତ୍ନ ଅଳଙ୍କାର ଲୁଟ୍ କରାଯାଇଛି । ଏଣୁ ରତ୍ନ ନଥିବାରୁ କମିଟି ଏହାର ଗଣତି କରିବାରେ ପଛଘୁଞ୍ଚା ଦେଉଛି । ଯଦି ସବୁ ଠିକ୍ ଅଛି, ତେବେ ତୁରନ୍ତ ରତ୍ନ ଅଳଙ୍କାର ଗଣତି କରାଯାଇ ସାର୍ବଜନୀନ କରାଯାଉ । ଏହା ଜାଣିବା ପାଇଁ କୋଟି କୋଟି ଜଗନ୍ନାଥ ପ୍ରେମୀ ଅପେକ୍ଷାରେ ଅଛନ୍ତି । ଅଯଥା ବିଳମ୍ବ କରାନଯାଇ ତୁରନ୍ତ ଗଣତି ହେଉ । ତେବେ ପୂର୍ବରୁ ଜଗନ୍ନାଥ ସେନା ଅଭିଯୋଗ କରିଆସୁଥିଲା ଯେ, ରତ୍ନ ଭଣ୍ଡାରରୁ ରତ୍ନ ଅଳଙ୍କାର ଲୁଟ୍ ହୋଇଛି । ରାଜ୍ୟ ସରକାରଙ୍କ କମିଟି ଏହାର ଗଣତି ପାଇଁ ବିଳମ୍ବ କରୁଥିବାରୁ ଏନେଇ ସନ୍ଦେହ ବଢ଼ିଛି ।

### ସ୍କୁଲ୍ ବସ୍‌ରେ ଅଗ୍ନି ନିରାପତ୍ତା ନିୟମର କଡ଼ା ଅନୁପାଳନ ପାଇଁ ନିର୍ଦ୍ଦେଶନାମା ଜାରି

# ନିୟମିତ ହେବ ଯାଞ୍ଚ, ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

- ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୂନ୍ୟ ସହନଶୀଳତା ନୀତି
- ସମସ୍ତ ଆରଟିଓଙ୍କୁ ପରିବହନ କମିସନରଙ୍କ ଚିଠି

**ଭୁବନେଶ୍ୱର, ୨୧/୭ ନ୍ୟୁଜ ବ୍ୟୁରୋ**
ସ୍କୁଲ୍ ବସ୍‌ରେ ଅଗ୍ନି ନିରାପତ୍ତା ନିୟମ ପାଳନକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । କେନ୍ଦ୍ରୀୟ ମୋଟର ଯାନ ନିୟମ (ସିଏମ୍‌ଭିଆର) ୧୯୮୯ର ଧାରା ୧୨୫ସି ଅନୁଯାୟୀ ସମସ୍ତ ସ୍କୁଲ୍ ବସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ଅନୁପାଳନ ହେବା ଅନିବାର୍ଯ୍ୟ। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନି ନିରାପତ୍ତା ନିୟମ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ସେ ସଂପର୍କରେ ବିଭିନ୍ନ ସମୟରେ ରାଜ୍ୟ ପରିବହନ ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରି ଆସିଥିବାବେଳେ ଆଗକୁ ଏହାକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି । ସ୍କୁଲ୍ ବସ୍‌ଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯିବ । ସମସ୍ତ ଜୋନ୍ ଉପପରିବହନ ଆୟୁକ୍ତ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ନିୟମିତ ଭାବେ ଏହାର ଯାଞ୍ଚ କରିବେ। କୌଣସି ସ୍କୁଲ୍ ବସ୍ ଏହାର ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବହନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ନିଜ ନିଜ ଅଞ୍ଚଳରେ ଏହି ନିୟମ ଅନୁପାଳନକୁ ସୁନିଶ୍ଚିତ କରିବା ନିମନ୍ତେ ମୋଟର ଯାନ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।
ସ୍କୁଲ୍ ବସ୍‌ରେ ଫାୟାର ଡିଟେକ୍ସନ୍ ଆଲାର୍ମ ସିଷ୍ଟମ୍ (ଏଫ୍‌ଡିଏଏସ୍), ଫାୟାର ଡିଟେକ୍ସନ୍ ସପ୍ରେସନ୍ ସିଷ୍ଟମ୍ (ଏଫ୍‌ଡିଏସ୍ଏସ୍) ଓ ଫାୟାର ଆଲାର୍ମ ପ୍ରୋଟେକସନ୍ ସିଷ୍ଟମ୍ (ଏଫ୍‌ଏପିଏସ୍) ବ୍ୟବସ୍ଥା ଆବଶ୍ୟକ ଭାବେ ଲାଗୁ କରିବାକୁ ବାଧ୍ୟତାମୂଳକ ନିୟମ ରହିଛି। ଅଗ୍ନି ଅଘଟଣ ରୋକିବା ଓ ମୁକାବିଲା ଦିଗରେ ଏହା ସହାୟକ ହୋଇଥାଏ । ତେଣୁ ବସ୍‌ରେ ଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୯ର ନିୟମ ୧୨୫ସି ଅନୁସାରେ ସମସ୍ତ ସ୍କୁଲ ବସ୍‌ରେ ଏଆଇଏସ୍ ୧୩୫ ଆଧାରରେ ଏହି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ୍ ଭାବେ ଅନୁପାଳନ ହେବା ଆବଶ୍ୟକ । ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହ ଅନୁବନ୍ଧିତ ହୋଇ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ବସ୍ ମାଲିକମାନେ ଏହି ନିୟମ ନିଶ୍ଚିତ ଭାବରେ ପାଳନ କରିବା ନିମନ୍ତେ ଆଇନରେ ପ୍ରାବଧାନ ରହିଛି ।
କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦର୍ଶାଯାଇ ନିୟମ ଉଲ୍ଲଂଘନ କରୁଥିବା ବସ୍‌ଗୁଡ଼ିକର ଫିଟନେସ୍ ସାର୍ଟିଫିକେଟ ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ରାଜ୍ୟ ପରିବହନ କମିଶନର ଶ୍ରୀ ଠାକୁର ନିର୍ଦ୍ଦେଶ ଦେଇଛନ୍ତି ।

## ହାଉସ୍ କମିଟିରେ ସାଂସଦ ଅପରାଜିତା ଷଡ଼ଙ୍ଗୀ



**ଭୁବନେଶ୍ୱର, ୨୧/୭ ନ୍ୟୁଜ ବ୍ୟୁରୋ**
ହାଉସ୍ କମିଟିରେ ସ୍ଥାନ ପାଇଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ୧୨ ଜଣିଆ ହାଉସ୍ କମିଟିରେ ତାଙ୍କୁ ସ୍ଥାନ ଦେଇଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା। ଡ. ମହେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ୧୨ ଜଣିଆ ହାଉସ କମିଟି ଗଠିତ ହୋଇଛି। ଏହି କମିଟିରେ କଲ୍ୟାଣ ବାନାର୍ଜୀ, ସୁଧୀର ଗୁପ୍ତା, କୃପାନାଥ ମଲ୍ଲାହ, ଡି. ପୁରନ୍ଦେଶ୍ୱରୀ, ସୁଖଜିନ୍ଦର ସିଂହ ରାନ୍ଧୱା, ଏମ୍‌ଏସ୍ ରେଡ୍ଡୀ, କୋଡିକୁନ୍ନିଲ ସୁରେଶ, ଡକ୍ଟର ଟି ସୁମତି, ଅକ୍ଷୟ ଯାଦବ ଓ ଦୀନେଶ ଚନ୍ଦ୍ର ଯାଦବ ଅଛନ୍ତି। କିଛି ଦିନ ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ବିଜନେସ ଆଡଭାଇଜରୀ କମିଟି ଗଠନ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ କଟକ ସାଂସଦ ଭର୍ତ୍ତୃହରି ମହତାବ ସଦସ୍ୟ ଅଛନ୍ତି।

# ଏସ୍‌ସିବି ମେଡିକାଲରେ ନର୍ସିଂ କର୍ମଚାରୀ ଓ ହାଉସ ସର୍ଜନ ବିବାଦର ଶୀଘ୍ର ସମାଧାନ ହେବ : ସ୍ୱାସ୍ଥ୍ୟମନ୍ତ୍ରୀ



**କଟକ, ୨୧/୦୭ ନ୍ୟୁଜ ବ୍ୟୁରୋ**
ଏସ୍‌ସିବି ନର୍ସିଂ କର୍ମଚାରୀ ଓ ହାଉସ ସର୍ଜନ ସଂଘ ବିବାଦରେ ଶୀଘ୍ର ପଡିବ ପୂର୍ଣ୍ଣଚ୍ଛେଦ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇଛି ନିର୍ଦ୍ଦେଶ । ଏସ୍‌ସିବିରେ ବିଗତ ଦିନରେ ଏନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏକ କମିଟି ଜରିଆରେ ଏହି ବିବାଦର ତଦନ୍ତ ଜାରି ରହିଛି । ତେବେ ଏହି ବିବାଦ ସମାଧାନକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । କିଛିଦିନ ପୂର୍ବରୁ ଏସ୍‌ସିବି ହାଉସ ସର୍ଜନ ଓ ନର୍ସିଂ ସଂଘ ବିବାଦ ଘଟଣାରେ ଏକ ଆଶ୍ୱସ୍ତିକର ନିଷ୍ପତ୍ତି ଆସିଥିଲା । ସ୍ଥଗିତ ରହିଥିଲା ଉଭୟ ସଂଘର ଆନ୍ଦୋଳନ । ଯାହାଫଳରେ ସ୍ୱାଭାବିକ ହୋଇଛି ରୋଗୀ ସେବା । ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତି ତଥା ସିଏମ୍‌ସି କମିଶନର ବିଜୟ କୁମାର ଦାଶ ଏହି ସୂଚନା ଦେଇଥିଲେ । ଏସ୍‌ସିବି ମେଡିକାଲ ପ୍ରିନ୍ସିପାଲ ଅଫିସରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା । କିନ୍ତୁ ହାଉସ ସର୍ଜନ ସଂଘ ପକ୍ଷରୁ ଶନିବାର ଏକ ପ୍ରେସ ରିଲିଜ ଜରିଆରେ ଦିଆଯାଇଥିବା ସୂଚନା ମୁତାବକ ଆସନ୍ତା ଅଗଷ୍ଟ ୧ ତାରିଖ ମଧ୍ୟରେ ଦାବି ମୁତାବକ ଯଦି କୌଣସି ପଦକ୍ଷେପ ନିଆ ନଯାଏ, ତେବେ ମାସ ପ୍ରଥମରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି ହାଉସ ସର୍ଜନ ସଂଘ । ଗତ ରବିବାର ସନ୍ଧ୍ୟା ସମୟରେ ମେଡିସିନ ୱାର୍ଡରେ ଜଣେ ରୋଗୀଙ୍କୁ ପ୍ଲାଜମା ଦେବାକୁ ନେଇ ଜଣେ ନର୍ସ ଓ ହାଉସ ସର୍ଜନଙ୍କ ମଧ୍ୟରେ କିଛି ସମୟ କଥା କଟାକଟି ହୋଇଥିଲା । ଏହି ବିବାଦ ଧିରେ ଧିରେ ବଢ଼ିବାରେ ଲାଗିଥିଲା । ଉଭୟ ନର୍ସିଂ କର୍ମଚାରୀ ଓ ହାଉସ ସର୍ଜନମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦରେ ପରିଣତ ହୋଇଥିଲା । ରବିବାରଠାରୁ ଉଭୟ ଉଭୟଙ୍କ ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଏସ୍‌ସିବି ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ । ହେଲେ ଏନେଇ କୌଣସି ସମାଧାନ ନହେବାରୁ ଶତାଧିକ ନର୍ସିଂ କର୍ମଚାରୀ ଏସ୍‌ସିବି ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ଦୀର୍ଘ ସମୟ ଧରି ହୋହାଲ୍ଲା କରିଥିଲେ । ସେହିଦିନ ଏସ୍‌ସିବି ମେଡିକାଲ ପ୍ରିନ୍ସିପାଲ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରାଯାଇ ବିବାଦର ସମାଧାନ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା ।


### ନିରବୀ ଗଲେ ବିହନରାଣୀ ପଦ୍ମଶ୍ରୀ କମଳା ପୂଜାରୀ

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ



**କୋରାପୁଟ, ୨୧/୭ ନ୍ୟୁଜ ବ୍ୟୁରୋ**
ନିରବୀଗଲେ ବିହନରାଣୀ ପଦ୍ମଶ୍ରୀ କମଳା ପୂଜାରୀ । ନିଜ ଜନ୍ମମାଟିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସରିଲା ଶେଷକୃତ୍ୟ । ତାଙ୍କ ବିୟୋଗରେ କୋରାପୁଟ ସମେତ ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି । କମଳାଙ୍କ ଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ହରାଇଛି ରାଜ୍ୟ । ସେ ଆଦିବାସୀ ଇଲାକାରେ ଜନ୍ମଗ୍ରହଣ କରିଥିଲେ ସୁଦ୍ଧା ତାଙ୍କ ଉଚ୍ଚକୋଟୀର କାର୍ଯ୍ୟ ତାଙ୍କୁ ନିଆରା ପରିଚୟ ଦେଇଥିଲା । ଫଳରେ ସେ ବିଦେଶରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶିତ କରିବାର ସୁଯୋଗ ପାଇଥିଲେ । ଶନିବାର ପଦ୍ମଶ୍ରୀ କମଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ରବିବାର ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। କଟକ ଏସସିବିରେ ଶେଷ ନିଶ୍ୱାସ ତ୍ୟାଗ କରିବା ପରେ କଟକରୁ କୋରାପୁଟ ନିଜ ବାସଭବନ ପାତ୍ରପୁଟକୁ ଅଣାଯାଇଥିଲା । ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଶିଷ୍ଟ ବ୍ୟକ୍ତିବିଶେଷ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଶେଷ ଦର୍ଶନ କରିଥିଲେ । ତାଙ୍କ ବାସଭବନଠାରୁ ଏକ ବିରାଟ ରାଲିରେ ତାଙ୍କୁ ଶ୍ମଶାନଙ୍କୁ ନିଆଯାଇଥିଲା । ସେଠାରେ ରାଷ୍ଟ୍ରୀୟ ସମ୍ମାନର ସହ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ଜନ୍ମମାଟିରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଚିକିତ୍ସାଧୀନ ଅବସ୍ଥାରେ କଟକ ଏସ୍‌ସିବିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ କମଳା । ମୃତ୍ୟୁ ବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା । ବୟସାଧିକ କାରଣରୁ କିଡ୍‌ନୀ ଜନିତ ସମସ୍ୟା ସହ ଜ୍ୱର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ କମଳା ପୂଜାରୀ । ଏସ୍‌ସିବି ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ୪ ଜଣିଆ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଥିଲେ । ଶନିବାର ଭୋର ୫ଟା ୪୫ ମିନିଟରେ ତାଙ୍କର ମୃତ୍ୟୁ ଘଟିଥିଲା। କମଳା ପୂଜାରୀ ପାତ୍ରପୁଟର ଜଣେ ସାଧାରଣ ଗାଉଁଲି ମହିଳା । ଦେଶୀ ଧାନ ବିହନ ସଂରକ୍ଷଣ କରି ସେ ଅସାଧାରଣ ପାଲଟିଥିଲେ । ରାସାୟନିକ ସାର ଓ କୀଟନାଶକ ବଦଳରେ ଜୈବିକ ପଦ୍ଧତିରେ ଧାନ ଓ ଭବିଷ୍ୟତ ବଂଶଧରଙ୍କ ପାଇଁ ଦେଶୀ ଧାନ ବିହନର ସଂରକ୍ଷଣ ସ୍ଲୋଗାନ ଦେଇ ସେ ଅମର ହୋଇଯାଇଛନ୍ତି । ଧାନର ଉତ୍ପତ୍ତି ସ୍ଥଳୀ ଜୟପୁରରେ ଲୋପ ପାଇ ଯାଉଥିବା ବିରଳ ବିହନର ସଂରକ୍ଷଣ କ୍ଷେତ୍ରରେ ନିଜ ଜୀବନକୁ ସମର୍ପିତ କରିଥିଲେ ।

# ରାଜ୍ୟରେ ଅଣାୟତ୍ତ ଡେଙ୍ଗୁ : ଗତ ବର୍ଷ ଅପେକ୍ଷା ଦ୍ୱିଗୁଣିତ ରୋଗୀ ଚିହ୍ନଟ




**ଭୁବନେଶ୍ୱର, ୨୧/୭ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଡେଙ୍ଗୁ ଅଣାୟତ୍ତ । ହଜାର ନିକଟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ଗତ ବର୍ଷ ଅପେକ୍ଷା ଦ୍ୱିଗୁଣିତ । ରାଜ୍ୟରେ ଅଣାୟତ୍ତ ହେଲାଣି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ଯାହା ଆଗାମୀ ଦିନରେ ରାଜ୍ୟରେ ଡେଙ୍ଗୁ ବିସ୍ଫୋରଣର ରୂପ ନେଇପାରେ। ରାଜ୍ୟରେ କେବଳ ଡେଙ୍ଗୁ ନୁହେଁ ଏପରିକି ମ୍ୟାଲେରିଆ, ହଇଜା ଭଳି ମାମଲା ବୃଦ୍ଧି ଘଟିବାରେ ଲାଗିଛି । ତେଣୁ ଏନେଇ ସମସ୍ତେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଡେଙ୍ଗୁ, ମେଲେରିଆ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ରହିଛନ୍ତି । ଘର ଘର ବୁଲି ଟେଷ୍ଟ କରିବା ସହ ପାଣି ଥିବା ସ୍ଥାନକୁ ସଫା କରାଯାଉଛି। ଏହାସହ ବିଭିନ୍ନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ବିଏମସି ମଧ୍ୟ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରିବା ସହ ସବୁଠି ନଜର ରହିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି । ବିଶେଷ ଭାବରେ ସ୍କୁଲ ଏବଂ ହଷ୍ଟେଲ ଗୁଡ଼ିକରେ ପିଲାଙ୍କୁ ଜ୍ୱର ହେଲେ ତୁରନ୍ତ ରକ୍ତ ପରୀକ୍ଷା କରିବା ଆବଶ୍ୟକ । ହଷ୍ଟେଲରେ ରହୁଥିବା ପିଲାମାନଙ୍କୁ ମଶାରି ମଧ୍ୟରେ ଶୋଇବା ସଚେତନତା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଭଳି ଭାବରେ ପିଲାମାନେ ରୋଗାଗ୍ରସ୍ତ ନହେବେ ସେନେଇ ସ୍କୁଲ କର୍ତ୍ତୃପକ୍ଷ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୁହାଯାଉଛି । ଗତ ୧୯ ତାରିଖ ସୁଦ୍ଧା ରାଜ୍ୟରେ ୪୧୧୮୧ ଜଣଙ୍କର ଟେଷ୍ଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୭୧୨ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଖୋର୍ଦ୍ଧାରେ ସର୍ବାଧିକ ୧୯୧ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ଭାବରେ ୧୯ ଜୁଲାଇ ୨୦୨୩ ମସିହାରେ ରାଜ୍ୟରେ ୧୬୫୯୨ ଟେଷ୍ଟ କରାଯାଇଥିବା ବେଳେ ୪୨୬ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧାରେ ୨୪୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ରାଜ୍ୟରେ ଚଳିତ ବର୍ଷ ଖୋର୍ଦ୍ଧା ସମେତ ବୌଦ୍ଧରେ ୮୬, ବାଲେଶ୍ୱରରେ ୩୭, କଟକରେ ୪୦, ପୁରୀରେ ୩୪, ସୁନ୍ଦରଗଡ଼ରେ ୯୦ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ କମ୍ କମ୍ ରୋଗୀ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଡେଙ୍ଗୁ ଜନିତ ରୋଗୀଙ୍କର ମୃତ୍ୟୁ ଘଟିନାହିଁ । ଏପଟେ ରାଜ୍ୟ ସରକାରଙ୍କ ଏସ୍ଓପି ଅନୁସାରେ ବିଦ୍ୟାଳୟ ଗୁଡିକରେ ଶିକ୍ଷକ, ପ୍ରଧାନଶିକ୍ଷକମାନେ ପିଲାମାନଙ୍କୁ ବିଭିନ୍ନ ମାଧ୍ୟମରେ ସଚେତନତା କରିବା ଆବଶ୍ୟକ । ନିଜେ ସଚେତନ ରହିବା ସହ ଅନ୍ୟମାନେ କିଭଳି ସଚେତନତା ରହିବେ ସେନେଇ ପିଲାମାନଙ୍କୁ ଜଣାଇବା ଆବଶ୍ୟକ । ସ୍କୁଲ ଚାରିପାଖକୁ କିଭଳି ଭାବରେ ସଫା ସୁତାର ରଖିବା ସେନେଇ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ସ୍କୁଲର ପାଣି ଟାଙ୍କି ଆଦି ମଧ୍ୟ ସଫା ରଖିବା ଆବଶ୍ୟକ । ସ୍କୁଲ ଏବଂ କଲେଜ ଗୁଡ଼ିକରେ ବିଭିନ୍ନ ସମୟରେ ସଚେତନତା ଡ୍ରାଇଭ୍ କରିବା ଆବଶ୍ୟକ । ମଶା ପ୍ରଜନନ ଉତ୍ସ-ପ୍ଲାଷ୍ଟିକ୍ ବ୍ୟାଗ୍, କପ୍, ନଡ଼ିଆ ଖୋଳକୁ ସ୍କୁଲ ପରିସର ମଧ୍ୟରୁ ହଟାଇବା ପାଇଁ ବ୍ୟବସ୍ଥା କରିବା ଏବଂ ଆବାସିକ ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ମଶାରି ଯୋଗାଇବା ଆବଶ୍ୟକ । ଆଶାକର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମ ଜରୁରୀ ହୋଇପଡ଼ିଛି ।

### ପୁଣି କେରଳରେ ଜୀବନ ନେଲା ନିପା ଭାଇରସ

# ସଂକ୍ରମଣରେ ଆଖି ବୁଜିଲା ୧୪ ବର୍ଷୀୟ ନାବାଳକ

**ଥିରୁଅନନ୍ତପୁରମ, ୨୧/୭**
କୋରୋନା ଭାଇରସ ଠାରୁ ଘାତକ କୁହାଯାଉଥିବା ନିପା ଭାଇରସରେ ରବିବାର ଜଣେ ନାବାଳକର ମୃତ୍ୟୁ ଘଟିଛି । ନାବାଳକ ଜଣକ ଭେଣ୍ଟିଲେଟରରେ ଥିବା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ଅକାଳ ବିୟୋଗ ହୋଇଛି । ହେଲେ ସବୁଠୁ ଚିନ୍ତାର ବିଷୟ ହେଉଛି ସଂକ୍ରମଣରେ ମୃତ୍ୟୁ ଘଟିଥିବା ନାବାଳକ ସଂସ୍ପର୍ଶରେ ପ୍ରାୟ ୨୪୬ ଜଣ ଅଛନ୍ତି । ଏଣୁ ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି । ରବିବାର କେରଳରେ ନିପା ଭାଇରସ ମୃତ୍ୟୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଆଖି ବୁଜିଥିବା ୧୪ ବର୍ଷୀୟ ନାବାଳକ ଜଣକ କେରଳ ଅଧିବାସୀ । ସେ ନିପା ଭାଇରସ ସଂକ୍ରମଣରେ ଆସି ଅସୁସ୍ଥ ହୋଇପଡ଼ିବା ପରେ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା । ନାବାଳକ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାକୁ ଭେଣ୍ଟିଲେଟରରେ ରଖାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର କୋଝିକୋଡ ମେଡିକାଲ କଲେଜ ହସ୍ପିଟାଲରେ ନାବାଳକର ମୃତ୍ୟୁ ଘଟିଛି । ଡାକ୍ତରଙ୍କ କହିବାନୁସାରେ, ନାବାଳକର ରକ୍ତଚାପ ହ୍ରାସ ପାଇଥିଲା । ରବିବାର ସକାଳେ ତା'ର ପରିସ୍ରା ମଧ୍ୟ ହୋଇନଥିଲା । ଏହାସହିତ ନାବାଳକର ଆଭ୍ୟନ୍ତରୀଣ ରକ୍ତସ୍ରାବ ହୋଇଥିଲା । ଏଥିଯୋଗୁଁ ରବିବାର ସକାଳ ପ୍ରାୟ ୧୦ଟା ୫୦ ମିନିଟରେ ହୃଦଘାତ ଯୋଗୁଁ ନାବାଳକ ଆଖି ବୁଜିଛି । ନିପା ଭାଇରସରେ ନାବାଳକର ମୃତ୍ୟୁ ଘଟିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ ଆବଶ୍ୟକୀୟ ପ୍ରୋଟୋକଲ ଅନୁସାରେ ନାବାଳକର ଅନ୍ତିମ ସଂସ୍କାର କରାଯିବ । ଏହି ଅନ୍ତେଷ୍ଟିକ୍ରିୟା ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇଛି । ଅନ୍ୟପଟେ ନାବାଳକ ସଂସ୍ପର୍ଶରେ ଆସିଛନ୍ତି ପଣ୍ଡିକ୍କଡ ଓ ଅନାକ୍କାୟାମ ପଞ୍ଚାୟତର ପ୍ରାୟ ୨୪୬ ଜଣ ଅଧିବାସୀ । ଏହି ଅଞ୍ଚଳରେ ଅନ୍ୟ ଜଣେ ଶିଶୁ ଜ୍ୱରରେ ପୀଡ଼ିତ ଥିବାରୁ ତାକୁ ପରୀକ୍ଷଣ ପାଇଁ ହସ୍ପିଟାଲକୁ ପଠାଯାଇଛି । ଏହାସହିତ ଉକ୍ତ ଶିଶୁର ପିତାମାତାଙ୍କ ସମେତ ଅନ୍ୟ ପରିବାର ସଦସ୍ୟଙ୍କୁ ଆଇସୋଲେସନରେ ରଖାଯାଇଛି। ସୂଚନାନୁସାରେ, ପ୍ରାୟ ୨୫ ବର୍ଷ ପୂର୍ବେ ମାଲେସିଆରୁ ନିପା ଭାଇରସ ଚିହ୍ନଟ ହୋଇଥିଲା । ଏହାପରେ ବାଲାଂଦେଶ, ଭାରତ ଏବଂ ସିଙ୍ଗାପୁରରେ ମଧ୍ୟ ସଂକ୍ରମିତ ଚିହ୍ନଟ ହୋଇଥିଲେ । ଭାରତର କେରଳ ସମେତ ଏସିଆର ଅନେକ ସ୍ଥାନରେ ଚିନ୍ତାର କାରଣ ସାଜିଛି ନିପା ଭାଇରସ । ତେବେ ଏହି ଭାଇରସରୁ ବର୍ତ୍ତିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ଭ୍ୟାକ୍ସିନ ବାହାରି ନାହିଁ । ନିପା ଭାଇରସ୍ ହେଉଛି ଏକ ପ୍ରକାର ରେସ୍ପିରେଟାରୀ ଭାଇରସ। ଏହା ଜ୍ୱର, ବାନ୍ତି, ମୁଣ୍ଡବିନ୍ଧା, ଗଳା ଯନ୍ତ୍ରଣା, ଶ୍ୱାସକ୍ରିୟା ହେବାରେ ଅସୁବିଧା ଭଳି ସମସ୍ୟା ସୃଷ୍ଟି କରେ । ଭାଇରାଲ୍ ସଂକ୍ରମଣର ସାଧାରଣ ଲକ୍ଷଣ ମଧ୍ୟ ଏଥିରେ ଦେଖାଯାଏ । ଯଦି ଏହି ରୋଗ ଗୁରୁତର ହୁଏ ତେବେ ସ୍ନାୟୁଗତ ସମସ୍ୟା ଦେଖାଦେଇପାରେ । ଜାପାନିଜ୍ ଏନସେଫାଲାଇଟିସ୍ ତଥା ମସ୍ତିଷ୍କ ଜ୍ୱର ଭଳି ଲକ୍ଷଣ ଥାଇପାରେ । ତେବେ କୋଭିଡ ଠାରୁ ନିପା ଭାଇରସ ଆକ୍ରାନ୍ତଙ୍କ ମୃତ୍ୟୁହାର ଅଧିକ। କୋରୋନାଠୁ ୨୦% ଅଧିକ ଘାତକ ନିପା ଭାଇରସ ବୋଲି ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର)ର ଡିଡି ରାଜୀବ ବହଲ ସୂଚନା ଦେଇଥିଲେ। ନିପା ଭାଇରସ ସଂକ୍ରମଣରେ ବିଶେଷ ଗମ୍ଭୀର ଲକ୍ଷଣ ଦୃଷ୍ଟିଗୋଚର ହୁଏ ନାହିଁ । ସୂଚନା ଥାଉ କି ନିପା ଭାଇରସ ସଂକ୍ରମଣରେ କେରଳରେ ଏଯାବତ ୨୧ଜଣଙ୍କ ମୃତ୍ୟୁ ଘଟିଲାଣି । ଏହା ପଞ୍ଚମ ଥର ଲାଗି ରାଜ୍ୟରେ ଦେଖାଦେଇଛି । ୨୦୧୮ ମସିହାରେ କେରଳରେ ପ୍ରଥମେ ନିପା ଭାଇରସ ଚିହ୍ନଟ ହୋଇଥିଲା । ଏହାପରେ ୨୦୧୯, ୨୦୨୧ ଓ ୨୦୨୩ରେ ନିପା ଭାଇରସ ଦ୍ୱାରା ରାଜ୍ୟରେ ଲୋକେ ସଂକ୍ରମିତ ହୋଇଥିଲେ ।

**♦ କୋରୋନାଠୁ ୨୦% ଅଧିକ ଘାତକ ନିପା ଭାଇରସ**

